R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୪
ତିଥି: ଦଶମୀ
୨୮ ଜାନୁଆରୀ ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦


समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 114
28 January 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ଭାରତ-ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ରାଜିନାମା

# ୯୦% ସାମଗ୍ରୀ ଉପରୁ ଶୁଳ୍କ କମିବ

ନୂଆଦିଲ୍ଲୀ, ୨୭ ।୧ : ଭାରତ ଓ ୟୁରୋପ ସମୂହ ମଧ୍ୟରେ ଦୁଇ ଦଶନ୍ଧି ଧରି ଚାଲିଥିବା ଆଲୋଚନା ପରେ ଆଜି ଉଭୟପକ୍ଷ ମଧ୍ୟରେ ଆଜି ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ଓ ୟୁରୋପ ସମୂହ ଏହାକୁ ଆନୁଷଙ୍ଗିକ ଭାବେ ଘୋଷଣା କରିଛନ୍ତି । ୟୁରୋପ ସମୂହ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ ଓ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟାଙ୍କ ଅଧ୍ୟକ୍ଷତା ଓ ସହଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଐତିହାସିକ ବୋଲି ଘୋଷଣା କରିଛନ୍ତି । ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଫଳରେ ୨୭ ୟୁରୋପିଆନ ରାଷ୍ଟ୍ର ଓ



ବିଶ୍ୱର ସବୁଠୁ ଅଧିକ ଜନବହୁଳ ରାଷ୍ଟ୍ର ଭାରତ ମଧ୍ୟରେ ୨୫% ବିଶ୍ୱ ଘରୋଇ ଉତ୍ପାଦ ଓ ବଜାରରେ ପ୍ରଭାବ ପଡ଼ିବ । ପ୍ରାୟ ଦୁଇ ବିଲିୟନ୍ ଲୋକଙ୍କର ଏହି ବଜାର ରହିଛି । ଏହି ଚୁକ୍ତିନାମା ଫଳରେ ବିପୁଳ ପରିମାଣର ଶୁଳ୍କ ହ୍ରାସ କରାଯାଇଛି । ଉଭୟ ସାମଗ୍ରୀ ଓ ସେବା କ୍ଷେତ୍ରରେ ଏହି ବାଣିଜ୍ୟିକ ଚୁକ୍ତି କାର୍ଯ୍ୟକାରୀ ହେବ । ଏହା ବାଣିଜ୍ୟ, ସୁରକ୍ଷା ଏବଂ ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିପାରିବ । ଏହି ଚୁକ୍ତିନାମା ଉଭୟ କ୍ଷେତ୍ର ପାଇଁ ଆର୍ଥିକ ଏବଂ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ଭାବରେ ବିବେଚନା କରାଯାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ୟୁରୋପୀୟ ସଂଘର ନେତାମାନେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଚୂଡ଼ାନ୍ତ କରିଛନ୍ତି । ଭାରତ ପ୍ରାୟ ସମସ୍ତ (୯ ପୃଷ୍ଠାରେ)

**ବିଶ୍ୱ ଜିଡିପିର ୨୫% ଆଧାରରେ ଶକ୍ତିଶାଳୀ ଆର୍ଥିକ ଭାଗିଦାରୀ**

**ଶସ୍ତା ହେବ ୟୁରୋପୀୟ କାର, ଔଷଧ, ମଦ**

**ୟୁରୋପ ସମୂହ ୨ ବର୍ଷରେ ୫୦ ନିୟୁତ ୟୁରୋ ସହାୟତା ଦେବ**

### ପରିବହନ ବିଭାଗକୁ ଝଟ୍‌କା

# ପିୟୁସିସି ନଥିଲେ ମିଳିବ ତେଲ

କଟକ, ୨୭ ।୧( ସବ୍ୟୁ) : ପ୍ରଦୂଷଣକୁ ନେଇ ତେଲ ନଦେବା, ଚାଲାଣ ଥିଲେ ପିୟୁସି( ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍) ମିଳି ପାରିବ ନାହିଁ ବୋଲି ପରିବହନ ବିଭାଗ ପକ୍ଷରୁ ଯେତେ ଯାହା ଫନ୍ଦି ଫିକର କରାଯାଇଥିଲା ସବୁ ଆଜି ହାଇକୋର୍ଟଙ୍କ ହାବୁଡ଼ରେ ପଡ଼ି ଯାଇଥିଲା । ଅକଳରେ ପଡ଼ି ସମସ୍ତ ନିଷ୍ପତ୍ତିରୁ ଓହରି ଯିବା ବାଧ୍ୟ ହୋଇଥଲା । ନିଷ୍ପତ୍ତି ରେ ପରିବର୍ତ୍ତନ କରିଥିବା ପରିବହନ




**ବାହାନ ପୋର୍ଟାଲରେ ହେବ ସଂଶୋଧନ**

ବିଭାଗ ଆଜି ଅଦାଲତଙ୍କୁ ଜଣାଇଥିଲା । ପ୍ରଥମେ ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ମନା ବୋଲି ଯେଉଁ ବିଜ୍ଞପ୍ତି ଜାରି କରାଯାଇଥିଲା ତାହାକୁ ପ୍ରତ୍ୟାହାର କରି ନିଆଗଲା ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା । ଏ ସଂକ୍ରାନ୍ତରେ ପ୍ରତ୍ୟେକ ପେଟ୍ରୋଲ ଟାଙ୍କିକୁ ସାନି ଏକ ବିଜ୍ଞପ୍ତି ଜାରି କରାଯାଇ ପିୟୁସି ନଥିଲେ ବି ପେଟ୍ରୋଲ/ ଡିଜେଲ୍ ଦେବାକୁ କୁହାଯାଇଛି । ତେବେ ପ୍ରତ୍ୟେକ ପେଟ୍ରୋଲ ଟାଙ୍କି ନିକଟରେ ଗାଡ଼ି ମାଲିକଙ୍କୁ ଏହି ପ୍ରଦୂଷଣ ସାର୍ଟିଫିକେଟ୍ ସଂକ୍ରାନ୍ତରେ ସଚେତନ କରାଯିବ ବୋଲି କୁହାଯାଇଥିଲା ।

ଅପରପକ୍ଷରେ ରାଜ୍ୟ ପରିବହନ ପ୍ରାଧିକରଣ କମିସନରଙ୍କ ପକ୍ଷରୁ ମଧ୍ୟ ସତ୍ୟପାଠ ଦାଖଲ କରାଯାଇ ଚାଲାଣ ସବୁ ପରିଶୋଧ କରାଯାଇନଥିଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିପାରିବ ନାହିଁ ବୋଲି ଆଇନରେ ଥିବା କଥା ଉଠାଇଥିଲେ । କିନ୍ତୁ ଏହି ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ଚାଲାଣ ପରିଶୋଧ ହୋଇନଥିଲେ ମଧ୍ୟ ପିୟୁସି ଦେବାକୁ ଏସ୍‌ଟିଏ ବାଧ୍ୟ ବୋଲି ହାଇକୋର୍ଟ କହିଛନ୍ତି । ଏହି ପରିପ୍ରେକ୍ଷୀରେ ବାହାନ ପୋର୍ଟାଲରେ ସଂଶୋଧନ କରାଯିବ । (୯ ପୃଷ୍ଠାରେ)

# ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ, ସେବା ବାଧାପ୍ରାପ୍ତ

ଭୁବନେଶ୍ୱର, ୨୭ ।୧ (ସବ୍ୟୁ): ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଦାବିରେ ବ୍ୟାଙ୍କ କର୍ମଚାରୀମାନେ ଆଜି ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି । ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କୟୁନିୟନ (ୟୁଏଫ୍‌ବିୟୁ) ଅଧୀନରେ ୯ଟି ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଘ

**ରାଜ୍ୟରେ ୩୭ ହଜାର କର୍ମଚାରୀ ସାମିଲ**

**ଚେକ୍ କ୍ଲିୟରିଂ, ନଗଦ କାରବାର ବାଧାପ୍ରାପ୍ତ**

**୧୦ ହଜାର କୋଟିର କାରବାର ପ୍ରଭାବିତ**

ଏହି ଧର୍ମଘଟରେ ସାମିଲ ହୋଇଛନ୍ତି । ଦେଶବ୍ୟାପୀ ୮ ଲକ୍ଷରୁ ଅଧିକ କର୍ମଚାରୀ ଏହାର ଅଂଶ ହୋଇଥିବା ବେଳେ ଓଡ଼ିଶାରେ ୩୭ ହଜାରରୁ ଅଧିକ କର୍ମଚାରୀ ଏହି ଧର୍ମଘଟରେ ଯୋଗ ଦେଇଛନ୍ତି । ଧର୍ମଘଟ ପ୍ରଭାବରେ ସାରା ରାଜ୍ୟରେ ବ୍ୟାଙ୍କ ଶାଖାଗୁଡ଼ିକ ବନ୍ଦ ରହିଛି । ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏଥିରେ ସାମିଲ ହୋଇଥିବା ବେଳେ କିଛି ଘରୋଇ ବ୍ୟାଙ୍କ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ ଦେଇଛନ୍ତି । ଆନ୍ଦୋଳନ କରୁଥିବା କର୍ମଚାରୀମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ଖୋଲାଥିବା ଘରୋଇ ବ୍ୟାଙ୍କ, ସ୍ମଲ ଫାଇନାନ୍ସ ବ୍ୟାଙ୍କର ଶାଖାଗୁଡ଼ିକୁ ବନ୍ଦ କରାଉଛନ୍ତି । ଏହାର ପ୍ରଭାବରେ ବ୍ୟାଙ୍କ ସେବା ଗୁରୁତର ପ୍ରଭାବିତ ହୋଇଛି ।

ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଧର୍ମଘଟର ପ୍ରଭାବ ଦେଖିବାକୁ ମିଳିଛି । ବ୍ୟାଙ୍କ ଶାଖାଗୁଡ଼ିକ ସାମ୍ନାରେ କର୍ମଚାରୀମାନେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଏ ସମ୍ପର୍କରେୟୁଏଫ୍‌ବିୟୁ ଓଡ଼ିଶା ଶାଖାର ଆବାହକ ଚିତ୍ତ ରଞ୍ଜନ ପଣ୍ଡା କହିଛନ୍ତି ଯେ ଆଜିର ଧର୍ମଘଟ ଦ୍ୱାରା ସାରା ରାଜ୍ୟରେ ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କ କାରବାର ପ୍ରଭାବିତ ହୋଇଛି । ଚେକ୍ କ୍ଲିୟରିଂ ଓ ନଗଦ କାରବାର ହୋଇପାରିବ ନାହିଁ । ଆଜିର ଧର୍ମଘଟରେୟୁଏଫ୍‌ବିୟୁ ଅଧୀନରେ ପାଞ୍ଚଟି ସଂଘ ଭାଗ ନେଇଛନ୍ତି । ଏଆଇବିଓସି ଓ ଏଆଇବିଓଏ ଭଳି ଅଫିସର ସଂଘ ଏବଂ ଏଆଇବିଇଏ, ଏନ୍‌ସିବିଇ ଓ ବେଫି ଭଳି (୯ ପୃଷ୍ଠାରେ)

### ହିଣ୍ଡାଲକୋର ଲପଙ୍ଗା ଆଲୁମିନିୟମ ପ୍ଲାଣ୍ଟର ସମ୍ପ୍ରସାରଣକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୨୭ ହଜାର କୋଟି ବିନିଯୋଗ, ୫ ହଜାର ୧୨ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୨୭ ।୧ (ସବ୍ୟୁ) : ଓଡ଼ିଶାରେ ନୂଆ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି । ରାଜ୍ୟ ଏବେ ୨୦ ଲକ୍ଷ କୋଟିର ଶିଳ୍ପ ପ୍ରସ୍ତାବକୁ ନେଇ ଆଗକୁ ବଢ଼ିଛି । ଏହି ପରିପ୍ରେକ୍ଷୀରେ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ୨୭ ହଜାର କୋଟି ଟଙ୍କାର ସ୍ମେଲଟର ସମ୍ପ୍ରସାରଣକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ



**ଶିଳ୍ପ ବଢ଼ିଲେ ପ୍ରତି ଗାଁ, ପରିବାରର ଅଭିବୃଦ୍ଧି ହେବ : ମୁଖ୍ୟମନ୍ତ୍ରୀ**

ମାଝୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଶିଳ୍ପ ବୃଦ୍ଧି ହୁଏ ପ୍ରତି ଗାଁ ଓ ପ୍ରତି ପରିବାରର ଅଭିବୃଦ୍ଧି ହୋଇଥାଏ । ପଶ୍ଚିମଓଡ଼ିଶା ଆଜି ନିଜ ଆତ୍ମବିଶ୍ୱାସର ପ୍ରତିକ ସାଜିଛି । ପଶ୍ଚିମ ଓଡ଼ିଶା ଏବେ ଆତ୍ମବିଶ୍ୱାସର ପ୍ରତିକ ସାଜିଛି । ଜଙ୍ଗଲ ଓ ଚାଷ ଜମିର ଅଞ୍ଚଳ ଏବେ ଶୃଙ୍ଖଳା ଓ ଉଦ୍ୟୋଗ ରୂପାନ୍ତିକରଣ ଯୋଗୁ ବିଶ୍ୱସ୍ତରୀୟ ଉତ୍ପାଦନ ହବ୍ ପାଲଟିଛି । ଶ୍ରମିକମାନେ ହେଉଛନ୍ତି ଓଡ଼ିଶା ଶିଳ୍ପ ସଫଳତାର ପ୍ରମୁଖ ବିନ୍ଧାଣୀ । ବିକାଶ କେବଳ ପୁଞ୍ଜି ଘୋଷଣା ଦ୍ୱାରା ହୁଏନାହିଁ । ଏହାର ପ୍ରକୃତ ପ୍ରତିଫଳନ ଏବଂ ଲୋକଙ୍କ ଜୀବନରେ ସେତେବେଳେ ପରିବର୍ତ୍ତନ ଆସେ ଯେତେବେଳେ ଏହା ରୂପାୟନ ହୁଏ । ପଶ୍ଚିମ ଓଡ଼ିଶା ଏବେ ବିଶ୍ୱର ଶିଳ୍ପ ହବ୍ ହେବାକୁ ଯାଉଛି, ଯେଉଁଠି ବିଶ୍ୱସ୍ତରୀୟ ପୁଞ୍ଜି ନିବେଶ ସହ ଜନକେନ୍ଦ୍ରୀକ ବିକାଶକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । (୯ ପୃଷ୍ଠାରେ)

## ସୁପ୍ରିମ୍‌କୋର୍ଟରେ ୟୁଜିସି ନୂଆ ନିୟମକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୭ ।୧: ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁଜିସି)ର ନୂଆ ନିୟମକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ଏହି ନୂଆ ନିୟମ ଜାତି ଆଧାରିତ ଭେଦଭାବ ପରିବେଶକୁ ଆପଣାଇଛି ଓ ସଂସ୍ଥାଗତ ସୁରକ୍ଷାରୁ କିଛି ବର୍ଗଙ୍କୁ ବାହାରେ ରଖାଯାଇଛି ବୋଲି ଅଭିଯୋଗ କରାଯାଇଛି । ବିଶେଷକରି ଧର୍ମ, ଲିଙ୍ଗ, ଜନ୍ମସ୍ଥାନ, ଜାତି ଓ ଦିବ୍ୟାଙ୍ଗମାନଙ୍କ କ୍ଷେତ୍ରରେ ବାଛବିଚାର କରାଯାଇଛି । ବିଶେଷକରି ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଆର୍ଥିକ ଦୁର୍ବଳ ବର୍ଗ, ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଭେଦଭାବ ହେବ ବୋଲି ଦର୍ଶାଯାଇଛି ।

ଆବେଦନରେ (୯ ପୃଷ୍ଠାରେ)

## ଆଜିଠୁ ସଂସଦ ଅଧିବେଶନ

ନୂଆଦିଲ୍ଲୀ, ୨୭ ।୧ : ଆସନ୍ତାକାଲି ଠାରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହେବ । ପ୍ରଥମ ଦିନରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ସଂସଦର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ । ଅଧିବେଶନ ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ ଏହି ବୈଠକ ଡାକିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯିବ । ଫେବୃଆରୀ ପହିଲାରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ (୯ ପୃଷ୍ଠାରେ)

# ବୋମା ଭିଡୁଥିବା ବେଳେ ବିସ୍ଫୋରଣ : ୫ ଗୁରୁତର

ଭୁବନେଶ୍ୱର, ୨୭ ।୧ (ସବ୍ୟୁ) : ରାଜଧାନୀ ଉପକଣ୍ଠରେ ଜଣେ ଅପରାଧୀ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ୩ ମହିଳାଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ଜଗମୋହନ ମିନା, ସାଇଣ୍ଟିଫିକ୍ ଟିମ୍, ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ତଦନ୍ତ ଆରମ୍ଭ ହୋଇଛି ।

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନୂଆ ଆଜାଦନଗରରେ ଥିବା ୫ ମହଲା ଘରର ତଳ ମହଲାକୁ ଅପରାଧୀ



ସେହେନାଜ ମଲ୍ଲିକ ଭଡାକୁ ନେଇ ରହୁଥିଲେ । ତାଙ୍କ ସହ ମା', ଭଉଣୀ ରହୁଥିବା ବେଳେ ବନ୍ଧୁ ଅମୀୟ ମଲ୍ଲିକ ଓ ବାନ୍ଧବୀ ମଧ୍ୟ ରହୁଥିବା ଜଣାପଡ଼ିଛି । ମଙ୍ଗଳବାର ଦିନ ଅପରାହ୍ଣ ପ୍ରାୟ ଅଢେଇଟା ବେଳେ ୫ ମହଲା ଛାତ ଉପରେ ସେହେନାଜ ବୋମା ଭିଡୁଥିଲେ । ତାଙ୍କ ପାଖରେ ବନ୍ଧୁ ଅମୀୟ, ମା', ଭଉରୀ ଓ ବାନ୍ଧବୀ ମଧ୍ୟ ଥିଲେ ବୋଲି କୁହାଯାଉଛି । ବୋମା ଭିଡିବା ବେଳେ ବିସ୍ଫୋରଣ ହେବାରୁ ୫ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ବୋମା ଭିଡିବା ବେଳେ ପାଖରେ କେଉଁମାନେ ଥିଲେ ଓ ବିସ୍ଫୋରଣ ପରେ କେଉଁମାନେ ସେଠାକୁ ଯାଇଥିଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ୫ଜଣ ଆହତ ହେବାକୁ (୯ ପୃଷ୍ଠାରେ)

# ଆଜି ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ

**୮ ଘଣ୍ଟିଆ ବନ୍ଦ ଡାକରାକୁ ସମର୍ଥନ କଲା କଂଗ୍ରେସ, ବିଜେଡି**

ଭୁବନେଶ୍ୱର, ୨୭ ।୧ (ସବ୍ୟୁ): ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଠନଗ । ଧାନ ମଣ୍ଡି, ପିୟୁସିସି ଓ ସ୍ମାର୍ଟ ମିଟର ପ୍ରସଙ୍ଗରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯିବ । ବିଜେଡି ଓ କଂଗ୍ରେସ ବନ୍ଦକୁ ସମର୍ଥନ ଜଣାଇଛି । ତିନୋଟି ପ୍ରସଙ୍ଗକୁ ନେଇ ବନ୍ଦ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଗଠନ । ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାଁରେ ଫାଇନ୍ ଆଦାୟ ଓ ଟାଟା ପାୱାରର ମନମାନିକୁ ବିରୋଧରେ ହେବ ବନ୍ଦ ପାଳନ । ଏହି ୮ ଘଣ୍ଟିଆ ବନ୍ଦ ପାଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛି ଏହି ଚାଷୀ ସଂଗଠନ । ଏଥିପାଇଁ ଦୁଇ ଦିନ ହେବ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର ଓ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଇଛି ।

ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ପାଳନକୁ ସମର୍ଥନ ଜଣାଇଛି କଂଗ୍ରେସ । ସବୁଜାଗାରେ ମଣ୍ଡି ଖୋଲିବା ପରିବର୍ତ୍ତେ ଅନେକ ସ୍ଥାନରେ ଅଦ୍ୟାବଧି ମଣ୍ଡି ଖୋଲିନାହିଁ । ପୁରୀ, ଜଗତସିଂହପୁର, ଭଦ୍ରକ କଥା କହିଲେ ନ ସରେ । ଏହାର ଦୃଢ଼ ପ୍ରତିବାଦ କରି ଗତ ନଭେମ୍ବର ୨୮ ଧାନ କିଣା ଆରମ୍ଭଠାରୁ ପିସିସି ସଭାପତି ଭକ୍ତଦାସଙ୍କ ଆହ୍ୱାନରେ ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନକୁ ଦୁର୍ବାର କରିବାରେ ବିଭିନ୍ନ କୃଷକ ସଂଗଠନ ଆଗେଇ ଆସିବା ସହ ରାଜ୍ୟର ଅନ୍ୟତମ ଅଗ୍ରଣୀ ନବ ନିର୍ମାଣ କୃଷକ ସଂଗଠନ ଚଳିତ ଜାନୁଆରୀ ୨୮ (୯ ପୃଷ୍ଠାରେ)

# ଚଳିତ ଶୀତ ଫେବୃଆରୀ ଯାଏଁ ରହିବ

ଭୁବନେଶ୍ୱର, ୨୭ ।୧ (ସବ୍ୟୁ): ଚଳିତବର୍ଷ ଲା-ଲିନା ଏବଂ ପୋଲାର ଭୋଟେକ୍ସର ମିଶ୍ରଣ ଯୋଗୁ ଉତ୍ତର ଗୋଲାର୍ଦ୍ଧରେ ବିଭିନ୍ନ ଦେଶ ସହିତ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଶୀତ ଋତୁ ଅଧିକ ସମୟ ରହିବା ସମ୍ଭାବନା ରହିଛି । ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ଲା-ଲିନା ଯୋଗୁଁ କେନ୍ଦ୍ରୀୟ ପୂର୍ବ ପ୍ରଶାନ୍ତ ମହାସାଗରରେ ତାପମାତ୍ରା କମ ରହିଛି । ବିଶ୍ୱସ୍ତରରେ ବାୟୁ ପ୍ରବାହ ଓ ପାଣିପାଗ ପ୍ରଭାବିତ ହୋଇଛି । ଫଳକ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ହିମାଳୟ /ସାଇବେରିଆରୁ ଆସୁଥିବା ପବନ ଅଧିକ ଥଣ୍ଡା ରହିବା ସହ ଦୀର୍ଘ ଦିନ ଧରି ବହୁଛି । ଚଳିତବର୍ଷ ଓଡ଼ିଶା ସମେତ ପୂର୍ବ ଭାରତରେ ମଧ୍ୟ ଥଣ୍ଡା ଅଧିକ ରହିଛି । ଏବେ ଲା-ଲିନା ସହିତ ଉତ୍ତର ମେରୁ ଅଞ୍ଚଳରୁ ସୃଷ୍ଟି ହୋଇଥିବା ପୋଲାର ଭୋଟେକ୍ସ ପ୍ରଭାବ ଦେଖିବାକୁ ମିଳିବ । ପୋଲାର ଭୋଟେକ୍ସ କହିଲେ ଉପର ବାୟୁମଣ୍ଡଳରେ ଥଣ୍ଡା ବାୟୁର ଜେଟ୍ ଷ୍ଟ୍ରିମ୍ ପ୍ରବାହିତ ହୁଏ । ଏବର୍ଷ ଏହା ଦକ୍ଷିଣ ଆଡ଼କୁ ଗତି କରି ମଧ୍ୟ-ଅକ୍ଷାଂଶ ପର୍ଯ୍ୟନ୍ତ ଆସିବ । ଫଳରେ ଥଣ୍ଡା ଅଧିକ ଅନୁଭୂତ ହେବ ସହିତ ଶୀତ ଋତୁ ଅଧିକ ରହିବାର ଆକଳନ କରାଯାଉଛି ।

୧୯୮୫, ୧୯୯୭ ଓ ୨୦୧୦ ଏହିପରି (୯ ପୃଷ୍ଠାରେ)

## ବ୍ଲୋଟିଂ



ପେଟ ଫୁଲିବା ବା ବ୍ଲୋଟିଂ ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଏକ ସାଧାରଣ ସମସ୍ୟା ପାଲଟିଛି । ଏହା ଶାରିରୀକ କଷ୍ଟ ସହିତ ଦୈନନ୍ଦିନ କାମରେ ମଧ ବାଧା ସୃଷ୍ଟି କରେ । ତେବେ ଆସନ୍ତୁ ଜାଣିବା ଏହାର କାରଣ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ।

**ମୁଖ୍ୟ କାରଣ-** ପେଟରେ ଗ୍ୟାସ୍ ଜମିବା କିମ୍ବା ହଜମ ପ୍ରକ୍ରିୟାରେ ସମସ୍ୟା ହେଲେ ପେଟ ଫୁଲିଥାଏ, ଯାହାକୁ ବ୍ଲୋଟିଂ କୁହାଯାଇଥାଏ । ଏହାର କିଛି ପ୍ରମୁଖ କାରଣ ରହିଛି ଯେପରି ଶୀଘ୍ର ଖାଇବା । ଯଦି ଆପଣ ଖାଦ୍ୟକୁ ଭଲ ଭାବେ ନ ଚୋବାଇ ଶୀଘ୍ର ଖାଉଛନ୍ତି, ତେବେ ଖାଦ୍ୟ ସହିତ ଅଧିକ ବାୟୁ ପେଟକୁ ଯାଇଥାଏ, ଯାହା ଫଳରେ ପେଟ ଫୁଲିବାର ଆଶଙ୍କା ରହିଥାଏ । ଆଉ ଏକ କାରଣ ହେଲା ଅତ୍ୟଧିକ ଗ୍ୟାସ୍ ସୃଷ୍ଟିକାରୀ ଖାଦ୍ୟ ଯଥା କୋବି, ବିରି ଡାଲି, ବୁଟ, ଏବଂ ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ସୃଷ୍ଟି ହୁଏ । ସେହିଭଳି ଯଦି କୋଷ୍ଠକାଠିନ୍ୟ ଥାଏ ତେବେ ପେଟ ସଫା ହୋଇନଥାଏ ଯାହା ବ୍ଲୋଟିଂର କାରଣ ସାଜିଥାଏ । କିଛି ଲୋକଙ୍କର କ୍ଷୀର ହଜମ ହୁଏ ନାହିଁ । ତେଣୁ କ୍ଷୀର କିମ୍ବା କ୍ଷୀରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ହେବାର ସମ୍ଭାବନା ରହିଥାଏ ।


**ପ୍ରତିରୋଧ-** କିଛି ସାଧାରଣ ଅଭ୍ୟାସରେ ପରିବର୍ତ୍ତନ ଆଣି ଏହି ସମସ୍ୟାରୁ ମୁକ୍ତି ମିଳିପାରିବ । ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇଲେ ହଜମ ପ୍ରକ୍ରିୟା ସହଜ ହୁଏ ଏବଂ ପେଟକୁ ବାୟୁ କମ୍ ଯାଏ । ଦିନସାରା ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଠିକ୍ ରହେ ଏବଂ କୋଷ୍ଠକାଠିନ୍ୟ ଦୂର ହୁଏ । ଖାଦ୍ୟରେ ପ୍ରୋବାୟୋଟିକ୍ସ ଯେପରି ଦହି ବା ଘୋଳଦହି ସାମିଲ କରନ୍ତୁ । ଏଥିରେ ଥିବା ଭଲ ବ୍ୟାକ୍ଟେରିଆ ହଜମ ଶକ୍ତି ବଢାଇଥାଏ । ସେହିଭଳି ଖାଦ୍ୟ ଖାଇବା ପରେ ଜୁଆଣୀ, ପାନମଧୁରୀ ଆଦି ଖାଇପାରିବେ ଯାହା ଆମର ହଜମ ଶକ୍ତି ବଢାଇବା ସହିତ ବ୍ଲୋଟିଂ ସମସ୍ୟାରୁ ମୁକ୍ତି ଦେଇଥାଏ । ତେବେ ଯଦି ଏହି ସମସ୍ୟା ରହିଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି ।



## ଆଜି ଜନ୍ମଦିନ
## ଲାଲା ଲଜପତ ରାୟ

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ପଞ୍ଜାବ କେଶରୀ' ଭାବେ ପରିଚିତ ଲାଲା ଲାଜପତ ରାୟ ୨୮ ଜାନୁଆରୀ ୧୮୬୫ରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଅସାଧାରଣ ଦେଶପ୍ରେମୀ, ଦୂରଦର୍ଶୀ ନେତା ଏବଂ ସମାଜ ସଂସ୍କାରକ ଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସର ପ୍ରସିଦ୍ଧ 'ଲାଲ-ବାଲ-ପାଲ' ତ୍ରିମୂର୍ତ୍ତିଙ୍କ ମଧ୍ୟରୁ ଜଣେ ଥିଲେ, ଯିଏ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଏବଂ ପୂର୍ଣ୍ଣ ସ୍ୱରାଜର ଭିତ୍ତି ସ୍ଥାପନ କରିଥିଲେ । ରାଜନୀତି ବ୍ୟତୀତ ଶିକ୍ଷା ଏବଂ ଅର୍ଥନୀତି କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ମହାନ ବଳିଦାନ ଭାରତୀୟ ଯୁବପିଢ଼ିଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରି ରଖିବ । ୧୯୨୮ ମସିହାରେ ସାଇମନ କମିଶନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ବ୍ରିଟିଶ ପୋଲିସର ନିର୍ମମ ଲାଠି ମାଡ଼ରେ ଗୁରୁତର ଆହତ ହୋଇ ସେ ଶେଷରେ ୧୭ ନଭେମ୍ବର, ୧୯୨୮ ମସିହାରେ ଶହୀଦ ହୋଇଥିଲେ । ତାଙ୍କର ସେହି ପ୍ରସିଦ୍ଧ ଉକ୍ତି— "ମୋ ଶରୀରରେ ବାଜିଥିବା ପ୍ରତିଟି ଲାଠି ପ୍ରହାର ବ୍ରିଟିଶ ସାମ୍ରାଜ୍ୟର କଫିନ୍‌ରେ ଶେଷ କଣ୍ଟା ସଦୃଶ ହେବ"— ଆଜି ମଧ ତାଙ୍କର ଏହି କଥାଟି ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରେ ।

## ସୋସିଆଲ କୋଟ୍ସ




ବିଗ୍‌ବସରେ ମୋତେ ନେପୋ କିଡ୍ ବୋଲି ସମ୍ବୋଧନ କରୁଥିଲେ । ତେଣୁ ମୁଁ ସେଠି ପ୍ରିୟଙ୍କାଙ୍କ ନାଁ ନେଉନଥିଲି । ମୋ ଆଇଡେଣ୍ଟି ଉପରେ ସେମାନେ ସବୁବେଳେ ପ୍ରଶ୍ନ ଉଠାନ୍ତି ।

ମନ୍ନର ଚୋପ୍ରା ଅଭିନେତ୍ରୀ



ଅମର ସିଂ ଚମକିଲାର ସ୍କ୍ରିନିଂ ସମୟରେ ମୋର ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପାଇଁ ଡରଥିଲା । କୌଣସି ସିନ୍ କାଳେ ତାଙ୍କୁ କଷ୍ଟ ଦେବ । ହେଲେ ଫିଲ୍ମଟି ତାଙ୍କର ଖୁବ ପସନ୍ଦ ହୋଇଥିଲା ।

ଇମ୍ତିଆଜ ଅଲ୍ଲୀ, ଫିଲ୍ମ ମେକର



ମୋ ଇଣ୍ଟର୍ନସିପ୍ ସମୟରେ ରଣବୀର, ରାଣୀ, ଅନୁସ୍କାଙ୍କର ସାକ୍ଷାତକାର ବିଷୟରେ ବୁଝୁଥିଲି । ସେମାନଙ୍କର ପ୍ରମୋସନାଲ କାମ ଦେଖିବା ମୋର ଡ୍ୟୁଟି ଥିଲା ।

ପରୀଣିତି ଚୋପ୍ରା, ଅଭିନେତ୍ରୀ

## ଓଡିଆ ରୁଚି
## ଉଷୁନା ଚାଉଳ ଚକୁଳି

**ସାମଗ୍ରୀ-** ଉଷୁନା ଚାଉଳ ୫୦୦ଗ୍ରାମ, ବିରି ୨୦୦ ଗ୍ରାମ, ଲୁଣ ସ୍ୱାଦ ଅନୁସାରେ, ତେଲ ଆବଶ୍ୟକତା ଅନୁସାରେ ।

**ପ୍ରଣାଳୀ-** ବିରି ଓ ଚାଉଳକୁ ଅଲଗା ଅଲଗା ବତୁରାଇ ନିଅନ୍ତୁ । ଏହା କିଛି ଘଣ୍ଟା ବତୁରିବା ପରେ ଉଭୟକୁ ମିଶାଇ ବାଟି ନିଅନ୍ତୁ । ବାଟିବା ପରେ ମଧ ଆଣକୁ କିଛି ସମୟ ରଖନ୍ତୁ । ଏହାପରେ ତାୱାରେ ତେଲ ମାରି ଚକୁଳି ପ୍ରସ୍ତୁତ କରନ୍ତୁ । ଚକୁଳି ଉପରେ ଭୃସଙ୍ଗପତ୍ର ଓ ପିଆଜ କଟା ମଧ ଦେଇପାରିବେ । ଏହାକୁ ଗରମଗରମ ଯେ କୌଣସି ଚଟଣି ସହିତ ପରଷନ୍ତୁ ଖୁବ ସ୍ୱାଦିଷ୍ଟ ହୋଇଥାଏ ।



## ଶରୀର ପାଇଁ ଉପକାରୀ ଘିଅ

ଘିଅ ଖାଦ୍ୟର ସ୍ୱାଦ ବଢାଇବା ସହିତ ଶରୀରର ପୌଷ୍ଟିକତା ମଧ ବଢାଇଥାଏ । ଏଥିରେ ଓମେଗା ୩, ଫ୍ୟାଟି ଏସିଡ୍ ଏବଂ ବିଭିନ୍ନ ଭିଟାମିନ୍‌ରେ ଭରି ରହିଥାଏ, ଯାହା ଆମର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏହା ଶରୀର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।


**ପ୍ରାକୃତିକ ଚମକ -** ଘିଅ ଆମ ତ୍ୱଚା ପାଇଁ ବେଶ୍ ସ୍ୱାସ୍ଥ୍ୟକର । ଏହାର ପ୍ରାକୃତିକ ଗୁଣ ତ୍ୱଚାରେ ଚମକ ଆଣିବାରେ ବେସ୍ ସହାୟକ ହୋଇଥାଏ । ପ୍ରତିଦିନ ଘିଅ ଖାଇବା ଫଳରେ ତ୍ୱଚାର ବିଭିନ୍ନ ସମସ୍ୟା ଭଲ ହେବା ସହିତ ତ୍ୱଚା ସୁସ୍ଥ ହୋଇଥାଏ ।

**ଅନେକରୋଗର ଉପଶମ -** ଘିଅ ବିଭିନ୍ନ ରୋଗର ଉପଶମ ଭାବେ କାମ କରିଥାଏ । ବେଳେବେଳେ କୌଣସି ବିଷାକ୍ତ ପୋକ କାମୁଡିବାରୁ ହେଉ କି ଅନ୍ୟ କୌଣସି କାରଣ ପାଇଁ ଶରୀର ଫୁଲି ଯାଇଥାଏ । ସେହି ଫୁଲା ସ୍ଥାନରେ ଘିଅ ବେଶ୍ ଭଲ କାମ ଦେଇଥାଏ । ଏହା ଫୁଲା କମିବାରେ ସହାୟକ ହୋଇଥାଏ । ଏହା ଆଣ୍ଟିଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ ।





ପ୍ରଥମ ସାଙ୍ଗ: ଆରେ, କାଲି ରାତିରେ ମୁଁ ଏମିତି ଏକ ମଶା ମାରିଲି ଯିଏ ଗୋଟେ ପାଟିରେ ୫ ଜଣଙ୍କୁ ରକ୍ତ ଶୋଷୁଥିଲା ।
ଦ୍ୱିତୀୟ ସାଙ୍ଗ: ସେଥିରେ କ'ଣ ଅଛି? କାଲି ମୁଁ ଏମିତି ଏକ ମଶା ମାରିଲି ଯାହାର ପକେଟରେ ମୋର ଆଧାର କାର୍ଡ ଥିଲା, ସେ ତାକୁ ଚୋରି କରି ନେଇଯାଉଥିଲା!



ହାଃହାଃ

## ନିଆରା ପରମ୍ପରା

ଚୀନର ଗ୍ରାମୀଣ ଅଞ୍ଚଳରେ ଏବେବି ଏଭଳି ଅନେକ ପରମ୍ପରା ବଞ୍ଚି ରହିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ବାହାଘର ସମୟରେ କନ୍ୟାମାନଙ୍କୁ ନିଜ ସହିତ ଟଏଲଟ ପଟ ସାଙ୍ଗରେ ଆଣିବାକୁ ହୋଇଥାଏ । ଏହି ଟଏଲଟ ପଟ ଭିତରେ କନ୍ୟା ଲାଲ ରଙ୍ଗର ଅଣ୍ଡା ସହିତ ବିଭିନ୍ନ ଡ୍ରାଏ ଫ୍ରୁଟ୍ସ ଭରି କରି ଆଣିଥାଏ । ଏହି ପରମ୍ପରାକୁ ଫର୍ଟିଲିଟି ସହିତ ଏକ ଖୁସି ସମୃଦ୍ଧ ପାରିବାରିକ ବଂଶର ସିମ୍ବଲ ଭାବେ ପରିଗଣିତ କରାଯାଇଥାଏ । ଏହା ଆଗାମୀ ପିଢିର ଏକ ଶାନ୍ତ ସମୃଦ୍ଧି ଜୀବନର ସଙ୍କେତ ହୋଇଥାଏ ବୋଲି ସେଠାରେ ବିଶ୍ୱାସ ରହିଛି । ତେବେ ଏହି ପରମ୍ପରା ବର୍ତ୍ତମାନ କିଛି ସ୍ଥାନରେ ବନ୍ଦ ହୋଇଥିବାବେଳେ କିଛି ସ୍ଥାନରେ କିନ୍ତୁ ଏହାକୁ ପାଳନ କରାଯାଉଛି ।



## ଇତିହାସ

୧୯୪୪ - ସୋଭିଏତ ସେନା ଜର୍ମାନୀ ଓ ଫିନ୍‌ଲାଣ୍ଡର ସେନାଙ୍କୁ ସେଣ୍ଟ ପିଟର୍ସବର୍ଗରୁ ବାହାର କରିଦେଇଥିଲେ । ଯାହାଫଳରେ ୮୭୨ ଦିନର ଘେରାବନ୍ଦି ସମାପ୍ତ ହୋଇଥିଲା ।

୧୯୫୯ - ପ୍ରଥମ ଇଞ୍ଜିନିୟରିଂ କଲେଜର ଆରମ୍ଭ ନୂଆଦିଲ୍ଲୀରେ କରାଯାଇଥିଲା ।

୧୯୬୪ - ଫ୍ରାନ୍ସ ଚୀନ ସହିତ ରାଜନୈତିକ ସମ୍ପର୍କ ସ୍ଥାପନା କରିବାକୁ ସହମତି ଦେଇଥିଲା ।

୧୯୬୭ - ଆମେରିକା ଓ ସୋଭିଏତ୍ ସଙ୍ଘ ସହିତ ୬୦ ଦେଶର ପ୍ରତିନିଧିମାନେ ସଂଯୁକ୍ତରାଷ୍ଟ୍ର ଦ୍ୱାରା ଜାରି ଏକ ସନ୍ଧିରେ ହସ୍ତାକ୍ଷର କରିଥିଲେ ।

୧୯୬୯ - ଇରାକ ୧୪ଜଣଙ୍କୁ ଗୁପ୍ତଚର ଅଭିଯୋଗରେ ସମସ୍ତଙ୍କ ସାମନାରେ ଫାଶୀ ଦେଇଥିଲା ।

୨୦୦୭ - ପାକିସ୍ତାନର **ପେଶାବରରେ** ଏକ ଧାର୍ମିକ ଜୁଲୁସ୍ ବାହାରିବା ଆଗରୁ ବୋମା ବିସ୍ଫୋରଣରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିଲା ।

୨୦୦୮ - ପଶ୍ଚିମବଙ୍ଗରେ ୧୩ ଜିଲ୍ଲାରେ ବାର୍ଡଫ୍ଲୁ କାରଣରୁ ଅନେକ କୁକୁଡା, ଚିଆଁ ଓ ଅଣ୍ଡାକୁ ନଷ୍ଟ କରାଯାଇଥିଲା ।

୨୦୧୩ - ଆଫଗାନିସ୍ତାନର କନ୍ଧାରରେ ବୋମା ବିସ୍ଫୋରଣରେ ୨୦ ଜଣ ପୋଲିସ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା ।

## ଭୂମିଙ୍କ ନୂଆ ସିରିଜ

ନିକଟରେ ଭୂମି ପେଡେନକରଙ୍କର ନୂଆ ସିରିଜ ଦଲଦଲ ରିଲିଜ ହୋଇଛି । ଏଥିରେ ଭୂମିଙ୍କୁ ଜଣେ ପୋଲିସ ଭୂମିକାରେ ଦେଖିବାକୁ ମିଳିଛି । ସେହିଭଳି ଏହି ସିରିଜର କାହାଣୀ ଭୂମିଙ୍କ ବାସ୍ତବ ଜୀବନ ସହିତ ଖୁବ ଅନେକ ସାମଞ୍ଜସ୍ୟ ରହିଛିବୋଲି ନିକଟରେ ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏହି ସିରିଜରେ ଏକ ମାନସିକ ଅଶାନ୍ତି ସମ୍ପର୍କରେ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି । ସମସ୍ତଙ୍କର ପିଲାଦିନର କିଛି ନା କିଛି ଅନୁଭୂତି ରହିଥାଏ, ଯାହା ଜୀବନସାରା ଟ୍ରମାର ରୂପ ନେଇଥାଏ । ସେହିଭଳି ଝିଅ ମାନଙ୍କୁ ସବୁବେଳେ କିଛି ଖରାପ ପରିସ୍ଥିତି ଦେଇ ଯିବାକୁ ହୋଇଥାଏ । ବିଭିନ୍ନ ସ୍ଥାନରେ ସେମାନଙ୍କୁ ଖରାପ ଢଙ୍ଗରେ ଖରାପ ଉପାୟରେ ଅସଦ ବ୍ୟବହାର କରାଯାଇଥାଏ । ତେଣୁ ଭୂମିଙ୍କ ଜୀବନରେ ମଧ ଏଭଳି ଅନେକ ଘଟଣା ଘଟିଛି ବୋଲି ଭୂମି ପ୍ରକାଶ କରିଛନ୍ତି । ସିରିଜରେ ନିଜର ଦମଦାର ଅଭିନୟ ପାଇଁ ଖୁବ ପ୍ରଂଶସା ସାଉଁଟୁଛନ୍ତି ଭୂମି । ପ୍ରଥମେ ସେ ୩ ରୁ ୪ ମାସ ଏହି ଚରିତ୍ରକୁ ବୁଝିବାରେ ଲଗାଇଥିଲେ, ଏହି ଚରିତ୍ରରେ ଅଭିନୟ କରିବାପାଇଁ ସେ ଅନେକ ପୋଲିସ ଅଫିସରଙ୍କୁ ସାକ୍ଷାତ ମଧ କରିଥିଲେ । ସେ ଏହି ସିରିଜରେ ଅଭିନୟକୁ ନିଖୁଣ କରିବାକୁ ଅନେକ ପରିଶ୍ରମ କରିଥିବା ପ୍ରକାଶ କରିଛନ୍ତି ।

## ସ୍ଲିପ ସଫିଂ

ବ୍ରିଟେନର ଜଣେ ମହିଳା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ଚର୍ଚ୍ଚାରେ ରହିବାର କାରଣ ଏହି ମହିଳା ଜଣଙ୍କ ଗାଢ ନିଦରେ ବି ସଫିଂ କରିଛନ୍ତି । ଏହାକୁ ଇଣ୍ଟରନେଟରେ ସ୍ଲିପ ସଫିଂର ନାଁ ଦିଆଯାଇଛି । ଏହି ୫୬ ବର୍ଷୀୟ ମହିଳା ନିଦରେ ଥାଇ ବି ଲକ୍ଷାଧୀକ ଟଙ୍କାର ସଫିଂ କରିଛନ୍ତି, ଯାହାଫଳରେ ତାଙ୍କ ଘର ଆଗରେ ସାମଗ୍ରୀର ଲାଇନ ଲାଗିଛି । ତେବେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି, ଏହା ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର ହୋଇଛି । ଏହାକୁ ସ୍ଲିପ ୱାକିଂର ଆଧୁନିକରଣ ବୋଲି ମତ ପ୍ରକାଶ ପାଇଛି । ଏହି ସମସ୍ୟା ହେବାଦ୍ୱାରା ଲୋକ ନିଦରେ ଥାଇ ମଧ ସଫିଂ ସାଇଟରେ ସଫିଂ କରିଥାଆନ୍ତି । ଏହିଭଳି ଭାବରେ ଉକ୍ତ ମହିଳା ଜଣଙ୍କ ମଧ ଲକ୍ଷାଧିକ ଟଙ୍କାର ସଫିଂ କରିଛନ୍ତି । ସେ ସକାଳୁ ନିଦରୁ ଉଠିବା ପରେ ଏହି ସମ୍ପର୍କରେ ଜାଣିଥିଲେ । ସେହିଭଳି ଉକ୍ତ ମହିଳାଙ୍କର କାର୍ଡର ସମସ୍ତ ଡିଟେଲ୍ସ ଫୋନରେ ସେଭ ହୋଇଥିଲା ତେଣୁ ସଫିଂ କରିବା ଖୁବ ସହଜ ହୋଇଥିଲା । ନିଦରେ ହିଁ ସେ ସମସ୍ତ ଅର୍ଥନେଣ ଦେଣ ମଧ କରିଦେଇଥିଲେ । ସୋସିଆଲ ମିଡିଆରେ ଘଟଣାଟି ଖୁବ ଭାଇରାଲ ହେବାରେ ଲାଗିଛି ।





ମେଷ- ଆୟ ବୃଦ୍ଧି, ଶୁଭଖବର, ଯାନବାହନରେ ସତର୍କ, କିଛି କାର୍ଯ୍ୟରେ ମନସ୍ତାପ, ବ୍ୟବସାୟରେ ସାମାନ୍ୟ ଉନ୍ନତି, ଶତ୍ରୁ ସମସ୍ୟା, ତୀର୍ଥାଟନ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

ବୃଷ- କାର୍ଯ୍ୟରେ ସଫଳ, ବାଣିଜ୍ୟରେ ଉନ୍ନତି, ବିବାଦିତ ରହିବେ, କଚେରୀ ମାମଲାରେ ଖୁସି, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ଭଗବାନ ଗଣେଶ ।

ମିଥୁନ- ମନସ୍ତାପ, ତ୍ୱକଷ୍ଟ, କାର୍ଯ୍ୟ ବିଳମ୍ବ, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଅଧିକ ଖର୍ଚ୍ଚାନ୍ତ, ଗୃହେ ଉତ୍ସବ, ଦୂରଯାତ୍ରା, କାର୍ଯ୍ୟରେ ଅସଫଳ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା- ମା ବଗଳାମୁଖୀ ।

କର୍କଟ- ଘାତବାର କିନ୍ତୁ ଏକାଦଶ ଚନ୍ଦ୍ର ହେତୁ କାର୍ଯ୍ୟ ସିଦ୍ଧି, ଆକସ୍ମିକ ଧନଲାଭ, ତୀର୍ଥାଟନ, ଶୁଭଖବର, ଶତ୍ରୁ ପରାଜିତ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସଫଳତା, ବିଦ୍ୟାରେ ସଫଳତା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୦, ଆରାଧନା- ମା ଭୁବନେଶ୍ୱରୀ ।

ସିଂହ- ବନ୍ଧୁ କଳହ, କାର୍ଯ୍ୟକ୍ଷେତ୍ରେ ଅଳ୍ପ ସନ୍ତୁଷ୍ଟ, ବ୍ୟବସାୟରେ ମଧ୍ୟମ ଫଳ, ବିପଦମୁକ୍ତ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମିତ୍ରତା, ଅର୍ଥ ସମସ୍ୟା, ସନ୍ତାନଚିନ୍ତା, ପୂର୍ବା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ମା କୋଚିଲାଇ ।

କନ୍ୟା- ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ ଶତ୍ରୁତା, ବନ୍ଧୁଙ୍କ ସହ ମନାନ୍ତର, ଅର୍ଥ ସମସ୍ୟା, ସନ୍ତାନ ଚିନ୍ତା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୬, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

ତୁଳା- ଯାନବାହନରେ ସତର୍କ, ଶାରୀରିକ କ୍ଳେଶ, ଶୁଭଖବର, ବ୍ୟବସାୟରେ ମଧ୍ୟମ ଲାଭ, ଉଚ୍ଚଆଶାରେ ବାଧା, ଗଣ୍ଡଗୋଳ ସମାଧାନ, ଭୂସମ୍ପତ୍ତି ଲାଭ, ଋଣ କରିବେ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

ବିଛା- ଚୁକ୍ତି ସମ୍ପାଦନ, ଅର୍ଥପ୍ରାପ୍ତି, ଶତ୍ରୁ ସମସ୍ୟା, ଉଚ୍ଚଆଶାରେ ବିଳମ୍ବ, ପାରିବାରିକ ସହଯୋଗ, ଶରୀର ସୁସ୍ଥ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ- ନିରୁତ୍ସାହିତ, ଶରୀର ଅସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ଅର୍ଥଲାଭ, ଯାନବାହନରେ ସତର୍କ, କାର୍ଯ୍ୟ ସଫଳ, ଆଶା ସଫଳ, ପୂର୍ବାଷାଢ଼ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

ମକର- ଋଣବୃଦ୍ଧି, ଶତ୍ରୁସମସ୍ୟା, ଜମିଜମା ସମସ୍ୟା, ଦୂରଯାତ୍ରା, ଦ୍ରବ୍ୟ ନଷ୍ଟ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା- ମା ଦକ୍ଷିଣକାଳୀ ।

କୁମ୍ଭ- ପରାକ୍ରମ ବୃଦ୍ଧି, ଶରୀର ସୁସ୍ଥ, ମାନସିକ କଷ୍ଟ, ଅର୍ଥ ସମସ୍ୟା, ବନ୍ଧୁଗୃହେ ଯାତ୍ରା, ଭୂସମ୍ପତ୍ତିରେ କଳହ, ପାରିବାରିକ ଶାନ୍ତି, ଲୋସମ୍ପର୍କରେ ଉନ୍ନତି, ବିଦ୍ୟାରେ ସଫଳତା, ପର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୫, ଆରାଧନା- ଲକ୍ଷ୍ମୀନାରାୟଣ ।

ମୀନ- କର୍ମକ୍ଷେତ୍ରେ ଲାଭ, ଉଚ୍ଚଆଶା ଫଳପ୍ରଦ, ଦେବକାର୍ଯ୍ୟରେ ଆନନ୍ଦ, ଅର୍ଥକୁ ନେଇ ଚିନ୍ତିତ, କିଛି କିଣାବିକା, ଶରୀରସୁସ୍ଥ, ବନ୍ଧୁଲାଭ, ବିଦ୍ୟାରେ ଉନ୍ନତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମା ମାଣିକେଶ୍ୱରୀ ।

ମାଘମାସ ଶୁକ୍ଳପକ୍ଷ, ଦଶମୀ
୨୮.୧.୨୦୨୬ ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ରାଉରକେଲାରେ ଏଣ୍ଟର ପ୍ରାଇଜ୍ ଓଡ଼ିଶା-୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି ।

### ୭୭ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

# ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗରେ ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟପାଳ ଡ. କମ୍ଭମପାଟି ୮.୩୦ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେଡ୍ କମାଣ୍ଡାଣ୍ଟ ରାକେଶ କୁମାର ସାହୁ, ଏସଡିପିଓ ଆର୍. ଉଦୟଗିରି ପ୍ୟାରେଡ୍ ପରିଚାଳନା କରିଥିଲେ । ଦ୍ୱିତୀୟ ପରିଚାଳକ ଭାବେ ଡେପୁଟି କମାଣ୍ଡାଣ୍ଟ ଶରତ ଜାନି, ଆଡଜୁଟାଣ୍ଟ ଭାବେ ଶେଖର ମହାପାତ୍ର ଏବଂ ସ୍ୱତନ୍ତ୍ର



ଅଧିକାରୀ ପରମେଶ୍ୱର ହାଂସଦା ପ୍ୟାରେଡ୍ ପରିଚାଳନାରେ ସହାୟତା କରିଥିଲେ । ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳ ସମୁଦାୟ ୪୬ଟି ଦଳ ମିଳିତ ପ୍ୟାରେଡ ଅଂଶଗ୍ରହଣ କରିଥିଲେ । ସମ୍ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହେବା ପରେ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରଙ୍ଗଶାଳା, ପୁରୀର କଳାକାରମାନେ "ସାହିଯାତ' ପରିବେଷଣ କରିଥିବାବେଳେ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ପରିଷଦ, ଗଞ୍ଜାମ ପକ୍ଷରୁ "ପଶୁମୁଖା', ବୈଦେହୀ କଳା ପରିଷଦ, ପୁରୀ ପକ୍ଷରୁ "ବଡ଼ ଘୋଡ଼ା', ସଂକୀର୍ତ୍ତନ କଳାକାର ଉନ୍ନୟନ ପରିଷଦ, କଟକ ପକ୍ଷରୁ "ଦୋଳଯାତ ପଟୁଆର' ଓ ଶରଣ ମାର୍ଶାଲ କଲଚରାଲ୍ ସଂଘ, ମୟୂରଭଞ୍ଜ ପକ୍ଷରୁ "ସାନ୍ତାଳୀ' ନୃତ୍ୟ ପରିବେଷିତ ହୋଇ ଉତ୍ସବକୁ ମନୋମୁଗ୍ଧ କର କରିଥିଲା ।

ଏହି ଭବ୍ୟ ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଏବଂମୁଖ୍ୟମନ୍ତ୍ରୀଙ୍କ ପନ୍ନୀ ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆରକ୍ଷୀ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ବିକ୍ରମ ସିଂହ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ ।

## ଉପକୂଳ ସୁରକ୍ଷା ନେଇ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର, (ସବ୍ୟୁ) : ଜାନୁଆରୀ ୨୬ ତାରିଖ ଦିନ ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ମହାତ୍ମା ଗାନ୍ଧି ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍‌ରେ ଓଡ଼ିଶା ପୋଲିସ ସହିତ ଏକ ନୂତନ ଅଧ୍ୟାୟ ଯୋଡିହୋଇଥିଲା । ପ୍ରଥମଥର ପାଇଁ ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ସେବା ଓ ସୁରକ୍ଷା ଏବଂ ବିଶ୍ୱାସର ପ୍ରତୀକ ଏକ ସ୍ୱତନ୍ତ୍ର ପ୍ରଜ୍ଞାମନ ମେଢ ସାଧାରଣ ଜନତାଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା ।

ପ୍ରଜ୍ଞାମନ ମେଢଟି ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ସାମୁଦ୍ରିକ ଥାନା ଗୁଡିକର କାର୍ଯ୍ୟ କ୍ଷମତା, ଟଲର ମାଧ୍ୟମରେ ପାଟ୍ରୋଲିଂ ଏବଂ ଅତ୍ୟାଧୁନିକ ଡ୍ରୋନ୍‌ର ବ୍ୟବହାରକୁ ସୃଜନାତ୍ମକ ଓ ସୁସ୍ପଷ୍ଟ ଭାବେ ଉପସ୍ଥାପନ କରାଯାଇଥିଲା । ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମୁଦ୍ରିକ ବିପଦରୁ ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କ ସୂଚନା ପ୍ରଦାନ ଏବଂ ଉପକୂଳବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ



ଶିଳ୍ପ ପ୍ରତିଷ୍ଠାନ ଗୁଡିକୁ ସୁରକ୍ଷା ଯୋଗାଇବାରେ ଉପକୂଳ ସୁରକ୍ଷା ଶାଖାର ଭୂମିକା ଏହି ପ୍ରଜ୍ଞାପନ ମେଢରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା । ଏହା ସହିତ କମ୍ୟୁନିଟି ପୋଲିସ, ଆଧୁନିକ ପୋଲିସ ଭଳି ବିଭିନ୍ନ ଲୋକମୁଖି ପ୍ରଦକ୍ଷେପ ଗୁଡିକୁ ମଧ୍ୟ ମେଢରେ ସୃଜନାତ୍ମକ ଭାବେ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି ଯେ, ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ପ୍ରଦର୍ଶିତ ହୋଇଥିବା ଓଡ଼ିଶା ପୋଲିସର ପ୍ରଥମ ପ୍ରଜ୍ଞାପନ ମେଢ ଉପକୂଳ ସୁରକ୍ଷା ଶାଖାର ପରିବର୍ତ୍ତନଶୀଳ ଯାତ୍ରା ଓ ଲୋକାଭିମୁଖି ପୋଲିସିଂର ଏକ ପ୍ରତୀକ । ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତାଙ୍କ ସୁରକ୍ଷା ଓ ବିଶ୍ୱାସ ହାସଲ କରିବା ହିଁ ଓଡ଼ିଶା ପୋଲିସର ସର୍ବୋଚ୍ଚ ପ୍ରାଥମିକତା ବୋଲି ଡିଜିପି କହିଥିଲେ ।

### ରତ୍ନଭଣ୍ଡାର ଚାବି ହଜିବା ଓ ଗଣତି ମଣତି ପ୍ରସଙ୍ଗ

## କମିଶନଙ୍କ ରିପୋର୍ଟ ସାର୍ବଜନୀନ ନହେବାରୁ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ(ସବ୍ୟୁ): ରତ୍ନଭଣ୍ଡାର ଗଣତିମଣତି ପାଇଁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର) ପ୍ରସ୍ତୁତ ସରିଛି । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ଏହି ଜବାବ ପରେ ହାଇକୋର୍ଟ ଗଣତିମଣତି ପ୍ରକ୍ରିୟା ତ୍ୱରାନିତ କରିବାକୁ ଆଶାବ୍ୟକ୍ତ କରିଥିଲେ । ଅପରପକ୍ଷରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠନ ହୋଇଥିବା କମିସନଙ୍କ ରିପୋର୍ଟ ୭ବର୍ଷ ପରେ ସାର୍ବଜନୀନ ନହେବା ଘଟଣାରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ରିପୋର୍ଟକୁ କ'ଣ ପାଇଁ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ତଥା ବିଧାନସଭାରେ ଉପସ୍ଥାପନ କରାଯାଉ ନାହିଁ ତାହା ଉପରେ ସରକାରଙ୍କ ଠାରୁ ଜବାବ ଚାହିଁଥିଲେ । ପରବର୍ତ୍ତୀ ଶୁଣାଣୀରେ ରାଜ୍ୟ ସରକାର ଏହି ମର୍ମରେ ତାଙ୍କ ଜବାବ ରଖିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦିଲୀପ କୁମରେ ବରାଳଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି ।

## ଟ୍ରକକୁ ପିଟିଲା ଟ୍ରାଭେଲର; ଜଣେ ମୃତ, ୨୦ରୁ ଊର୍ଦ୍ଧ୍ୱ ଆହତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ୧୬ନଂ ଜାତୀୟ ରାଜପଥର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରେ ଗୋଡିପଡା ଦିଗରୁ କମ୍ପାନୀ କର୍ମଚାରୀ ଧରି ଆସୁଥିବା ଏକ ଟ୍ରାଭେଲର ଗାଡି ରାସ୍ତା ପାର୍ଶ୍ୱରେ ଥୁଆ ହୋଇଥିବା ଏକ ଟ୍ରକ କୁ ଦୃତ ଗତିରେ ଆସି ପଛରୁ ଧକ୍କାଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଛି ।ଏଥିରେ ୨୦ରୁ ଉର୍ଦ୍ଧ୍ୱର୍ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଅଗ୍ନିସମ କର୍ମଚାରୀ ଓ ପୁଲିସ ପହଁଚି ଆହତଙ୍କୁ ମେଡିକାଲ ପଠାଇଛି । ପ୍ରାଥମିକ ଚିକିତ୍ସା ପରେ ଖୋର୍ଦ୍ଧା ମେଡିକାଲ ରୁ ସମସ୍ତ ଆହତଙ୍କୁ ଭୁବନେଶ୍ୱରସ୍ଥାନାନ୍ତରକରାଯାଇଛି । ଗୋଡିପଡା ଦିଗରୁ ଆଇ.ଡି. ଭି.ବି. ରିସାଇକେଲିଂ ପ୍ରାଇଭେଟ ଲିମିଟେଡ କମ୍ପାନୀ ର ୨୩ରୁ ଉର୍ଦ୍ଧ୍ୱର୍ କର୍ମଚାରୀ ଓଡି.୦୨ଡିଜି-୧୫୬୫ ନଂ ବିଶିଷ୍ଟ ଏକ ଫୋର୍ସ ଗାଡିରେ ଭୁବବେନେଶ୍ୱର ଅଭିମୁଖେ କାମ ସାରି ଆଜି ସନ୍ଧ୍ୟାରେ ଫେରୁଥିଲେ । ସନ୍ଧ୍ୟା ସମୟରେ ଗାଡି ଟି ଦୃତଗତିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟ ରାସ୍ତାପାର୍ଶ୍ୱରେ ଥୁଆ ହୋଇଥିବା ଓଆର-୧୬-ଡି-୦୭୩୭ ନଂ ବିଶିଷ୍ଟ ଟ୍ରକ କୁ ପଛରୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା । ଗାଡିରେ ଥିବା ୨୩ରୁ ଉର୍ଦ୍ଧ୍ୱର୍ ଆହତ ହୋଇଛନ୍ତି । ଆହତମାନେ ହେଲେ ଗାଡି ଚାଳକ ପୁରୀ ଜିଲ୍ଲା ଗଡିଶାଗଦା ଅଂଚଳର ବାସୁଦେବ ଦାସ (୩୯), କର୍ମଚାରୀ ଆବୁଲ ଚୌଧୁରୀ (୪୩), ମୁକେଶ ଶର୍ମା (୪୫), ତପସ୍ୱିନୀ (୨୫), ନିବେଦିତା (୨୬), ପ୍ରବୀଣା, ନିଖିଲ, ଜଗନ୍ନାଥ ରାଓ, ପ୍ରେମାଶିଶ, ବିଜୟ, ସେକ୍ ସାହାବୁଦ୍ଦିନ୍ (୩୧), ଭବାନୀ ଶଙ୍କର ଭୋଳ (୩୧), ଅବିନାଶ ପଣ୍ଡା (୩୩), ସାହାଜାଦ୍ ରାଜ, ଅନୁରାଗ, ନିରଜ ପଣ୍ଡା, ସଞ୍ଜୟ ପୁହିର, ମୁକେଶ ଶର୍ମା, ଅଶୋକ ସାହୁ, ଭବାନୀ, ରଞ୍ଜିତ ପଣ୍ଡା ପ୍ରମୁଖ ।

ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସମେତ ଆଦର୍ଶ ଥାନା ପୁଲିସ ଓ ଅଗ୍ନିସମ କର୍ମଚାରୀ ପହଁଚି ଗାଡି କାଟି କିଛି ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଛନ୍ତି । ତେବେ ଖବର ପାଇ ଘଟଣାସ୍ଥଳରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି, ଏସଡିପିଓ ନିହାର ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂ ପ୍ରମୁଖ ପହଁଚି ଆହତଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ମେଡିକାଲରେ ଅତିରିକ୍ତ ଆଦର୍ଶ ଥାନା ଅଧିକାରୀ ଭାଗ୍ୟଶ୍ରୀ ବେହେରା ଏବଂ ଟିମ୍ ପହଁଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ । ମେଡିକାଲ ରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ରିପୋର୍ଟ ଲେଖାହେବା ଯାଏଁ ମୃତକଙ୍କ ପରିଚୟ ମିଳିନଥିବା ଜଣାଯାଇଛି ।

## ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ ତ୍ରିରଙ୍ଗା ଉତ୍ତୋଳନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ୭୭ତମ ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ନିଜ ବାସଭବନରେ ଗର୍ବର ସହ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ପବିତ୍ର ଅବସରରେ ସେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଚେତନାକୁ ସମ୍ମାନ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, "ଆଜିର ଏହି ଦିନ ଆମର ଗଣତାନ୍ତ୍ରିକ ଆଦର୍ଶକୁ ପାଳନ କରିବା, ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ଏବଂ ଭାରତୀୟ ସମ୍ବିଧାନର ପ୍ରଣେତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଦିନ । ଆମ ସମ୍ବିଧାନରେ ଅନ୍ତର୍ନିହିତ ଥିବା ମୂଲ୍ୟବୋଧ, କର୍ତ୍ତବ୍ୟ ଏବଂ ଅଧିକାର ପ୍ରତି ଏହି ଦିନ ଆମକୁ ସାମୂହିକ ଦାୟିତ୍ୱବୋଧର ସ୍ମରଣ କରାଇଥାଏ । ଶ୍ରୀ ପ୍ରଧାନ ସେହି ଅମର ବଳିଦାନୀ, ସମ୍ବିଧାନ ପ୍ରଣେତା ଏବଂ ରାଷ୍ଟ୍ର ଗଠନରେ ନିୟୋଜିତ ପ୍ରତ୍ୟେକ ନାଗରିକଙ୍କୁ ପ୍ରଣାମ ଜଣାଇଛନ୍ତି, ଯାହାଙ୍କ ତ୍ୟାଗ ଓ ତପସ୍ୟା ବଳରେ ଭାରତ ବିଶ୍ୱ ଦରବାରରେ ଏକ ସଶକ୍ତ ଓ ଗଣତାନ୍ତ୍ରିକ ସନ୍ତାନ ଭାବେ ପ୍ରତିଷ୍ଠିତ ହୋଇପାରିଛି ।

## ୧୦ଲକ୍ଷ ଠକେଇ, ଦମ୍ପତିଙ୍କୁ ଉଠାଇନେଲା ଗୁଜରାଟ ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ୧୦ଲକ୍ଷ ଟଙ୍କା ଠକେଇ କରି ଭୁବନେଶ୍ୱର ଆସି ସହିଦନଗର ଥାନା ଅଞ୍ଚଳରେ ଏକ ହୋଟେଲରେ ଦମ୍ପତି ଲୁଚିଥିବା ଗୁଜରାଟ ପୋଲିସ ଖବର ପାଇ କମିଶନରେଟ୍ ପୋଲିସ ସହାୟତାରେ ତାଙ୍କୁ ଗିରଫ କରିନେଇଛି ।

ପୂର୍ବରୁ ଦମ୍ପତି ଗୁଜରାଟରେ ରହୁଥିଲେ । ବିଦେଶ ଯାତ୍ରା ଓ ବିଭିନ୍ନ ଜିନିଷ କିଣିବାର ବାହାନା ଦେଖାଇ ଠକେଇ ହୋଇଥିବା କୁହାଯାଉଥିବା ବେଳେ ଏତଲାକାରୀ ଓଡ଼ିଶାର । ସେ ଗୁଜରାଟର ଏକ ଥାନାରେ ଏତଲା କରିଥିବାରୁ ସେଠିକା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏତଲାକାରୀଙ୍କ କହିବାନୁଯାୟୀ ୨୦୨୨ ମସିହାରେ ସେଠାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିଲେ ମଧ୍ୟ ଦମ୍ପତିଙ୍କ ସନ୍ଧାନ ପାଇନଥିଲା ।

ଏତଲାକାରୀ ଦମ୍ପତିଙ୍କ ସନ୍ଧାନ ଜାଣିବା ପରେ ଗୁଜରାଟ ପୋଲିସକୁ ଖବର କରି ଧରାଇ ଦେଇଛନ୍ତି । ତାଙ୍କ କହିବାନୁଯାୟୀ ସେ ବିଭିନ୍ନ ଉତ୍ପାଦନ ସାମଗ୍ରୀର ଏଜେନ୍ସି ନେଇ ସାରା ଭାରତର ବିଭିନ୍ନ ରାଜ୍ୟରେ ବିକ୍ରି କରନ୍ତି । ଭଲ ବିକ୍ରି କରୁଥିବା ଲୋକଙ୍କୁ ବିଦେଶ ଯାତ୍ରା ସୁଯୋଗ ଦିଆଯାଏ । ଏହାର ସୁଯୋଗ ଉଣ୍ଡି ଗିରଫ ହୋଇଥିବା ଦମ୍ପତି ୧୦ଲକ୍ଷ ଟଙ୍କା ଠକେଇ କରିଥିବା ସେ ଗୁଜରାଟର ଏକ ଥାନାରେ ଏତଲା କରିଥିଲେ ।








ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅଖିଳ ଭାରତୀୟ ସାହିତ୍ୟ ପରିଷଦଙ୍କ ମିଳିତ ସହଯୋଗରେ ସାରସ୍ୱତ ସାଧକ ପ୍ରଫେସର ନଗେନ୍ଦ୍ର ନାଥ ପ୍ରଧାନଙ୍କ ସ୍ମୃତି ସଭା ୨୫ ତାରିଖରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି ।

# ନୂଆ ମାଇଲଖୁଣ୍ଟ ହାସଲ କଲା ବିଏସ୍‌ଏନ୍‌ଏଲ୍

ଭୁବନେଶ୍ୱର, (ସବ୍ୟୁ): ସାଧାରଣତନ୍ତ୍ର ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ବିଏସଏନଏଲ ଓଡ଼ିଶାର ଫୋରଜି ଡାଟା ସେଣ୍ଟର ଠାରେ ସ୍ୱଦେଶୀ ଭାବରେ ବିକଶିତ ଆଇପି ମଲ୍ଟିମିଡିଆ ସବସିଷ୍ଟମ୍ (ଆଇଏମଏସ) ଉଦଘାଟନ କରାଯାଇଛି। ବିଏସଏନଏଲ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଦୁଷ୍ମନ୍ତ କୁମାର ବେହେରା ଏହାକୁ ଉଦଘାଟନ କରିଛନ୍ତି। ଏହି ସିଷ୍ଟମ୍ ବିଏସଏନଏଲ ଗ୍ରାହକମାନଙ୍କୁ ଏଲଟିଇ (ଫୋର୍ଜି) ମାଧ୍ୟମରେ ଏଚଡି-ଗୁଣବତ୍ତା ଭଏସ୍ କଲ୍ ପ୍ରଦାନ କରିବ, ଯାହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯୋଗାଯୋଗ ସୁନିଶ୍ଚିତ କରିବ । ଟିସିଏସ ଏବଂ ସିଡିଓଟି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ବିକଶିତ, ଏହି ବ୍ୟବସ୍ଥା ପୂର୍ବ ଭାରତର ବିଏସଏନଏଲ ନେଟୱାର୍କରେ ପ୍ରଥମ ଥର ଆରମ୍ଭ କରାଯାଇଛି । ଏହା ଦୂରସଞ୍ଚାର ନବସୃଜନରେ ଆତ୍ମନିର୍ଭର ଭାରତ ଦିଗରେ ଏକ ଗୌରବଶାଳୀ ପଦକ୍ଷେପ। ଏହି ମାଇଲଖୁଣ୍ଟ ସହିତ ବିଏସଏନଏଲ ସମଗ୍ର ଓଡ଼ିଶାରେ ପ୍ରତ୍ୟେକ ବିଏସଏନଏଲ ଗ୍ରାହକଙ୍କ ପାଇଁ ନବସୃଜନ, ଆତ୍ମନିର୍ଭରଶୀଳତା ଏବଂ ବିଶ୍ୱସ୍ତରୀୟ ସଂଯୋଗ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ କରିଛି ।

# ହାଇଟେକ୍‌ରେ ୭୭ ତମ ଗଣତନ୍ତ୍ର ଦିବସ

ଭୁବନେଶ୍ୱର (ସବ୍ୟୁ): ଆଜିର ଏହି ଗଣତନ୍ତ୍ର ଦିବସରେ ଆମେ ସମସ୍ତେ ଶପଥ ନେବା, ଆମ ଦେଶ,ଜାତି ଓ ରାଷ୍ଟ୍ର ପାଇଁ ସଦାସର୍ବଦା ଉଚ୍ଚସ୍ତରର କାର୍ଯ୍ୟ କରି ନିଜର ମାନ ବଢାଇବା ସହିତ ରାଷ୍ଟ୍ର ପାଇଁ ଗୌରବ ଆଣିଦେବା ବୋଲି ସହସ୍ରାଧିକ ବିଦ୍ୟାର୍ଥୀଙ୍କୁ ଗଣତନ୍ତ୍ର ଦିବସ ଅବସରରେ ହାଇଟେକ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭୭ ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫିଜିଓଥେରାପି କଲେଜ, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ସହସ୍ରାଧିକ ବିଦ୍ୟାର୍ଥୀ ଉପସ୍ଥିତ ରହି ଗଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରିଛନ୍ତି। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ପତାକା ଉତ୍ତୋଳନ କରିବା ସହ ରୋଗୀ ପାଖରେ ପଇସା ଅଛି କି ନାହିଁ ନଦେଖି ରୋଗୀର ରୋଗକୁ ଦେଖିବାକୁ ସମସ୍ତ ଚିକିତ୍ସକ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରିପାଠୀ, ଟ୍ରଷ୍ଟି ବିଶ୍ୱଜିତ୍ ପାଣିଗ୍ରାହୀଙ୍କ ସମେତ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗ ଦେଇ ଏହି ଦିବସକୁ ଉତ୍ସବ ମୁଖର କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ



ଅତିଥି ଭାବେ ଆମେରିକାର ପ୍ରସିଦ୍ଧ ସ୍ନାୟୁରୋଗ ବିଶେଷଜ୍ଞ ଡ. ପଞ୍ଚାନନ ଶତପଥୀ, ହାଇଟେକ୍ ଗ୍ରୁପ୍‌ର ପୂର୍ବତନ ଡିନ୍ ଓ ନିର୍ଦ୍ଦେଶକ ଡ. ଏସ୍.କେ ବାସୁ, ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡ. ରାକେଶ କୁମାର ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ବିଶିଷ୍ଟ ଚିକିତ୍ସାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଭାରତ ମସଲା ପରିସରରେ ୭୭ତମ ଗଣତନ୍ତ୍ର ଦିବସ

କଟକ,(ସବ୍ୟୁ): ସାରା ଦେଶ ଦେଶପ୍ରେମର ରଙ୍ଗରେ ରଙ୍ଗେଇ ହୋଇଥିବା ବେଳେ ପ୍ରତିଷ୍ଠିତ ମସଲା ପ୍ରସ୍ତୁତକାରୀ ସଂସ୍ଥା 'ଭାରତ ମସଲା'




ପକ୍ଷରୁ ବାରଙ୍ଗସ୍ଥିତ ରାମଦାସ ପୁର କାରଖାନା ପରିସରରେ ଗଣତନ୍ତ୍ର ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସ୍ଥାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ କର୍ମଚାରୀ ଓ ଅତିଥିମାନଙ୍କୁ ସମ୍ବିଧାନରର ମହତ୍ତ୍ୱ ଏବଂ ଦେଶ ଗଠନରେ ଶିଳ୍ପ ଜଗତର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଉତ୍ସବରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ସଂସ୍ଥାର ପ୍ରଗତି ଏବଂ ଗୁଣାତ୍ମକ ମାନ ବଜାୟ ରଖିବା ସହ ଜାତୀୟ ଅର୍ଥନୀତିରେ ସମସ୍ତଙ୍କ ଅଳ୍ପ ବହୁତ ଯୋଗଦାନ ଦେଇ ବିକଶିତ ଭାରତକୁ ଆଗେଇ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସିଆରପିଏଫ୍‌ର ଅବସରପ୍ରାପ୍ତ ଆଇଜି ସୁବ୍ରତ କୁମାର ମିଶ୍ର ଯୋଗଦେଇ ଏକ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ସେ ନିଜର ସାମରିକ ଅନୁଭୂତି ବର୍ଣ୍ଣନା କରିବା ସହ ଅନୁଶାସନ, ନିଷ୍ଠା ଏବଂ ଦେଶପ୍ରେମ କିଭଳି ଜଣେ ବ୍ୟକ୍ତି ତଥା ଏକ ଅନୁଷ୍ଠାନକୁ ଶୀର୍ଷରେ ପହଞ୍ଚାଇଥାଏ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଦୂରଦର୍ଶୀ ର ସମ୍ପାଦକ ଦୁର୍ଗା ସାମନ୍ତରାୟ ,ଜିଏମ୍-ଅପରେସନ ଅରୁଣ ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ।କାର୍ଯ୍ୟକ୍ରମ ଶେଷରେ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଜନ୍ମଦିନରେ ଅଙ୍ଗନବାଡ଼ି ପିଲାଙ୍କୁ ଫଳ ବାଣ୍ଟିବା, କୁପୋଷଣ ଦୂର କରିବା : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ 'ପଞ୍ଚତତ୍ତ୍ୱ ପାର୍କ'ର ଉଦଘାଟନ କରିବା ସହ 'ସୁଭଦ୍ରା ସାଧନ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ ତଥା ସୁପୋଷିତ ଓଡ଼ିଶା ମିଶନ (ଝଡଂଗ) ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ-କମ୍-କାପାସିଟି ବିଲଡିଂର ଦୁଇଦିନିଆ କର୍ମଶାଳାର ଶୁଭାରମ୍ଭ କରିବା ସହ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା' ଅଧୀନରେ ଶିଶୁମାନଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ର ମୂଲ୍ୟରେ ସଂଶୋଧନ କରି ମହିଳା ଓ ଶିଶୁଙ୍କ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନିଜ ଅଭିଭାଷଣରେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଥିଲେ । ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରେ ମା'ମାନଙ୍କୁ ଶିକ୍ଷିତ ତଥା ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସୁଭଦ୍ରା ରିସୋର୍ସ ସେଣ୍ଟର ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ପ୍ରମୁଖ ସୂଚନା ଏବଂ ପ୍ରଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହାର ଶିଳାନ୍ୟାସ ଆଜି ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ-କମ୍-କାପାସିଟି ବିଲଡିଂର ଦୁଇଦିନିଆ କର୍ମଶାଳା ସୁପୋଷିତ ଓଡ଼ିଶା ମିଶନର ଲକ୍ଷ୍ୟ ହେଉଛି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କୁପୋଷଣ ମୁକ୍ତ କରିବା। ଯେଉଁ କେନ୍ଦ୍ରରେ ଅତି କମ୍ ଓଜନର ଶିଶୁ ରହିବେ ନାହିଁ, ସେହି କେନ୍ଦ୍ରକୁ 'ସୁପୋଷିତ' ଘୋଷଣା କରାଯିବ ଏବଂ କର୍ମୀଙ୍କୁ ସମ୍ମାନିତ କରାଯିବ। 'ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ-କମ୍-କାପାସିଟି ବିଲଡିଂ କର୍ମଶାଳା' ମାଧ୍ୟମରେ ତୃଣମୂଳ ସ୍ତରରେ କର୍ମଚାରୀଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ ମହୋଦୟ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମହାନ୍ତି ମହୋଦୟା ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ମାନଙ୍କ ସହ ବିଭିନ୍ନ ଜିଲ୍ଲାର ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।

# ଓଏଚ୍‌ପିସିରେ ୭୭ତମ ସାଧାରଣତନ୍ତ୍ର ଦିବସ




ଭୁବନେଶ୍ୱର (ସବ୍ୟୁ): ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ ପକ୍ଷରୁ ୨୬ ଜାନୁଆରୀ ୨୦୨୬ ଦିନ ଏହାର କର୍ପୋରେଟ୍ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର ଏବଂ ୟୁନିଟ୍ ଗୁଡ଼ିକରେ ଦେଶପ୍ରେମର ମନୋଭାବ ସହିତ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କର୍ପୋରେଟ୍ କାର୍ଯ୍ୟାଳୟରେ, ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତିଙ୍କ ଦ୍ୱାରା ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଚନ୍ଦକାସ୍ଥିତ ଓଏଚପିସି ତାଲିମ କେନ୍ଦ୍ରରେ ନିର୍ଦ୍ଦେଶକ (ଅପରେସନ) ଅମୀୟ କୁମାର ମହାନ୍ତିଙ୍କ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।



ସାଧାରଣତନ୍ତ୍ର ଦିବସ ୨୦୨୬ ଅବସରରେ ବିଧାନସଭା ପରିସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି, ସଚିବ ସତ୍ୟବ୍ରତ ରାଉତ, ମୁଖ୍ୟ ନିରାପତ୍ତା ଅଧିକାରୀ ଗୋପାଳକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଅଛନ୍ତି ।

# କିଟ୍ ଓ କିସ୍‌ରେ ୭୭ତମ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ସୋମବାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପରେଡ ଅଭିବାଦନ ଗ୍ରହଣ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ପ୍ରତିବର୍ଷ କିଟ୍ ଓ କିସ୍‌ରେ ସାଧାରଣତନ୍ତ୍ର ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଥାଏ। ପ୍ରତିବର୍ଷ ବିଦେଶରୁ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥାନ୍ତି। ଚଳିତ ବର୍ଷ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଗୁରୁତ୍ୱ ବୃଦ୍ଧି କରିଛନ୍ତି। ନାମଲଙ୍କ ସହ ଅନ୍ୟ ୯ଜଣ ଶ୍ରୀଲଙ୍କା ସାଂସଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ନାମଲ କହିଲେ, ଭାରତ ସବୁବେଳେ ଶ୍ରୀଲଙ୍କା ସହ ଜଣେ ବନ୍ଧୁ ଭାବେ ଠିଆ ହୋଇଛି। ଶ୍ରୀଲଙ୍କାରେ ଏକତା ଏକ ସ୍ଲୋଗାନ ନୁହେଁ; ଏହା ହେଉଛି ପ୍ରତିକୂଳ ପରିସ୍ଥିତିକୁ କିଭଳି ଦୂର କରିପାରିବୁ। ଶ୍ରୀଲଙ୍କା ପାଇଁ ଓଡ଼ିଶା ବହୁତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ଶାନ୍ତି ଓ ସଦ୍‌ଭାବନା ପାଇଁ ବିଶ୍ୱ ସ୍ତରରେ ସମ୍ମାନିତ । ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ; ଓଡ଼ିଶା ହେଉଛି ଏକ ବାର୍ତ୍ତା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ନାମଲ କହିଲେ, ସଂସ୍କୃତି, ପରିଚୟ ଓ ଆଧୁନିକତାକୁ ନେଇ ପରସ୍ପର ସହିତ ଲଢ଼ିବା ଉଚିତ ନୁହେଁ। ଏଗୁଡ଼ିକୁ ନେଇ ସହାବସ୍ଥାନ ସହ ପରସ୍ପରର ସହଯୋଗକୁ ମଜବୁତ କରାଯିବା ଉଚିତ। ବଙ୍ଗୋପସାଗର ବିପରୀତ ପାର୍ଶ୍ୱରେ ଅବସ୍ଥିତ ଶ୍ରୀଲଙ୍କା ଓ ଭାରତ ଇତିହାସ, ସଂସ୍କୃତି ଓ ସ୍ମୃତି ଦ୍ୱାରା ବନ୍ଧା। ଏହି ସହଯୋଗକୁ ଆହୁରି ଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସୋସାଇଟିର ଉପସଭାପତି ଉମାପଦ ବୋଷ, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, କିସ୍ ସଂପାଦକ ଆର ଏନ ଦାଶ, କିଟ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କିଟ୍, କିସ୍ ଓ କିମ୍‌ସର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାଇଟେକ୍ ପବ୍ଲିକ୍ ସ୍କୁଲର ପ୍ରଭାତ ଫେରି




ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ପବ୍ଲିକ୍ ସ୍କୁଲ ତରଫରୁ ୭୭ ତମ ଗଣତନ୍ତ୍ର ଦିବସରେ ପ୍ରଭାତ ଫେରି କରାଯାଇଛି। ଶତାଧିକ ବିଦ୍ୟାର୍ଥୀ, ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ସହ ହାଇଟେକ୍ କ୍ୟାମ୍ପସରୁ ବାହାରି ପାଣ୍ଡରା ଗ୍ରାମରୁ ଜାତୀୟ ରାଜପଥ ପରିକ୍ରମା କରିଛନ୍ତି। ବିଦ୍ୟାର୍ଥୀମାନେ ହାତରେ ପ୍ଲାକାର୍ଡ ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେବା ସହ ବିଭିନ୍ନ ଦେଶ ସେବକଙ୍କ ବେଶ ହୋଇ ନଗର ପରିକ୍ରମା କରି ଜନସାଧାରଣମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାର୍ଥୀମାନଙ୍କୁ ବାଲ୍ୟକାଳରୁ ଦେଶସେବା ପ୍ରତି ଆକୃଷ୍ଟ କରାଇବା ପାଇଁ ହାଇଟେକ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ରୀତା ତ୍ରୀପାଠୀ ଆହ୍ୱାନ ଦେଇଛନ୍ତି।

# ଓପିଜିସି ଆଇବି ଥର୍ମାଲ୍ ପାୱାର ଷ୍ଟେସନରେ ଗଣତନ୍ତ୍ର ଦିବସ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ଥର୍ମାଲ୍ ପାୱାର ଷ୍ଟେସନରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିଛି। ସକାଳ ୮:୩୦ ରେ ରାଜୀବ ଗାନ୍ଧୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅପରେସନ୍ସ ଅଞ୍ଜନା ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ଭବ୍ୟ ପତାକା ଉତ୍ତୋଳନ ସମାରୋହ ସହିତ ଅନୁଷ୍ଠିତ ହୋଇଥିଲା, ଏବଂ ପରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଦଳରେ ଓପିଜିସି ସୁରକ୍ଷା କର୍ମୀ ଏବଂ ଡିଏଭି ହାଇସ୍କୁଲ ଏବଂ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ସାମିଲ ଥିଲେ, ଯେଉଁମାନେ ସମନ୍ୱିତ ମାର୍ଚ୍ଚ ପାଷ୍ଟ ଦେଇଥିଲେ। ନିର୍ଦ୍ଦେଶକ ଅପରେସନ୍ସ ତାଙ୍କ ଭାଷଣରେ ଆମ ରାଜ୍ୟ ଏବଂ ଦେଶର ସାମଗ୍ରିକ ପ୍ରଗତିକୁ ଇନ୍ଧନ ଦେବାରେ ଓପିଜିସିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।



ଏହି ଅବସରରେ କର୍ମଚାରୀମାନଙ୍କୁ ସେମାନଙ୍କ ଉଦାହରଣୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ଅପରେସନ୍ସ ବିଭାଗର କାର୍ଯ୍ୟନିର୍ବାହୀ ଅପରେଟର ଦିପକ କୁମାର ମହାନ୍ତିଙ୍କୁ ସମ୍ମାନଜନକ "ବର୍ଷର କର୍ମଚାରୀ" ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରେସନ୍ସ ବିଭାଗର କାର୍ଯ୍ୟନିର୍ବାହୀ ଅପରେଟର ମକରଧ୍ୱଜ ସାହୁଙ୍କୁ "ତ୍ରୈମାସିକ ଶ୍ରେଷ୍ଠ କର୍ମଚାରୀ" ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ସାଧାରଣତନ୍ତ୍ର ଦିବସ

# ସମାଜସେବୀ ସୁଧାଂଶୁ ପାତ୍ର, ଅଭିମନ୍ୟୁ ଦାସଙ୍କୁ ପ୍ରାଣକୃଷ୍ଣ ସେବା ସମ୍ମାନ

କଟକ, (ସ୍ୱପ୍ର): ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ୫୩ ନମ୍ବର ୱାର୍ଡ ଭିଜିଲାନ୍ସ



କଲୋନୀ ଛକ ମାଗୁଣୀ ଟି ଷ୍ଟଲ ସମ୍ମୁଖ ପରିଜା ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ପତାକା ଉତ୍ତୋଳନ କରି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶଲ୍ୟ ଡାକ୍ତର ଉମେଶ ରାୟ, ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ୫୨ ନମ୍ବର ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ସୁଧାଂଶୁ ପାତ୍ର ଓ ଅଭିମନ୍ୟୁ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରାଣକୃଷ୍ଣ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ସାମ୍ବାଦିକ ସମୀର କର, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ଆଡ଼ଭୋକେଟ ମାନସ ପାଣି ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ ରାଉତ, ବିନୋଦ ବେହେରା, ଆଡ଼ଭୋକେଟ ପୂର୍ଣ୍ଣ ଚନ୍ଦ୍ର ମହାରଣା, ଚିତ୍ତରଞ୍ଜନ ନାୟକ, ଧୀରପ୍ରସାଦ ମହାନ୍ତି, ଡ଼ଃ ବ୍ୟୋମକେଶ କାନୁନଗୋ, ନଗେନ ଦାସ, ପ୍ରଦୀପ ଦାସ, ମାଗୁଣୀ ଦାସ, ପ୍ରଭାକର ମଲ୍ଲିକ, ସମରେନ୍ଦ୍ର ମହାପାତ୍ର, ଅମର ସାମନ୍ତରାୟ, ଦେବଦତ୍ତ ରାଉତ, ନିତ୍ୟାନନ୍ଦ ଫାରେକ, ଶୈଳେନ୍ଦ୍ର ଭୋଳ, ସଞ୍ଜୟ ସାହୁ, ଡଃ ବିପିନ ଭୋଳ, ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ ।

## ବିଶିଷ୍ଟ ସମାଜସେବୀ କେଶବ ଚରଣ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ସମାଜସେବୀ ତଥା ଜଗନ୍ନାଥପୁର ପଞ୍ଚାୟତର ମୁରବି, ସାଇ ଧାମ ମନ୍ଦିର ଟ୍ରଷ୍ଟର ପ୍ରତିଷ୍ଠାତା, କେସିଏମ୍ ପ୍ରାଃ.ଲିଃ., ସାଇ ଫିଲିଂ ଷ୍ଟେସନ୍, ସାଇ ଗଣେଶ ଲକ୍ଷ୍ମୀ ପ୍ରାଃ.ଲିଃ.ର ପ୍ରତିଷ୍ଠାତା କେଶବ ଚରଣ ମହାନ୍ତିଙ୍କର ଗତ ୨୬ ତାରିଖରେ ପରଲୋକ ଘଟିଛି। ସେ ଏକାଧାରରେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ତାଙ୍କ ଜୀବନକାଳ ମଧ୍ୟରେ ଜଣେ ବହୁ ସଂଘର୍ଷ କରି ଶେଷରେ ତିନି-ତିନିଟି ସଂସ୍ଥାର ପ୍ରତିଷ୍ଠାତା ହୋଇପାରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ତାଙ୍କ ମରଶରୀର ନିକଟରେ ବଡ଼ ପୁଅ ସଂଗ୍ରାମ ମହାନ୍ତି, ସଞ୍ଜୟ ମହାନ୍ତି, ଦେବୀ ମହାନ୍ତି, ବହୂ ମମତା ମହାନ୍ତି, ନିବେଦିତା ମହାନ୍ତି, ଲୋକପ୍ରିୟା ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ନାତି ସାଇ ରୋଶନ ମହାନ୍ତି, ଆୟାନ ମହାନ୍ତି, ରୋହଣ ମହାନ୍ତି, ବିଭୂପ୍ରସାଦ ମହାନ୍ତି, ପ୍ରଭୁ ପ୍ରସାଦ ମହାନ୍ତି, ନାତୁଣୀ ଚିନୁ ମହାନ୍ତି, ନାତୁଣୀ ବୋହୂ ଛୋଟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦୁବାଇ ଗଲ୍‌ଫ ଫୁଡ୍‌ରେ ଓଡ଼ିଶାର ଫାର୍ମ ବି

କଟକ, (ସ୍ୱପ୍ର): ଦୁବାଇରେ ସୋମବାର ଠାରୁ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ




ଗଲ୍‌ଫ ଫୁଡ୍ ପ୍ରଦର୍ଶନୀରେ ଓଡ଼ିଶାର ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପୋଦ୍ୟୋଗ ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ ଲିମିଟେଡ୍ (ଫାର୍ମ ବି) ଯୋଗ ଦେଇଛି । ଏହି ପ୍ରଦର୍ଶନୀରେ ଦେଶବିଦେଶର ବହୁ ପ୍ରସିଦ୍ଧ ଖାଦ୍ୟ ଉପାଦ ଗୋଷ୍ଠୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ, ବୈଦେଶିକ ପ୍ରତିନିଧିମଣ୍ଡଳୀଙ୍କ ସହିତ ଶିଳ୍ପ ଏବଂ ଉଦ୍ୟୋଗ ଜଗତର ଜଣାଶୁଣା କମ୍ପାନୀ ସମୂହ ଅଂଶଗ୍ରହଣ କରିଛନ୍ତି । ଫାର୍ମ-ବିର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁ ଏହି ଅନ୍ତରାଷ୍ଟ୍ରୀୟ ଖାଦ୍ୟ ମେଳାରେ ଯୋଗଦେଇଛନ୍ତି । ଏହି ପ୍ରଦର୍ଶନୀରେ ଫାର୍ମ ବି ଦ୍ୱାରା ପ୍ରସ୍ତୁତ ଗୁଣାତ୍ମକମାନର ଦେଶୀ ଛତୁଆ, ମଲଫିଗ୍ରେନ୍ ଛତୁଆ, ବିଭିନ୍ନ ପ୍ରକାରର କୁକିଜ୍, ଡାଲିଆ, ଓଟସ୍, ମୁସୋଲି, କ୍ରଂଚି ଚକୋବାଇଟ୍‌ସ ଇତ୍ୟାଦି ବହୁ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ସ୍ଥାନ ପାଇଛି । ବିଶ୍ୱ ବଜାରରେ ଫାର୍ମ-ବିର ଏହି ଗୁଣବତ୍ତା, ପୁଷ୍ଟିସାରଯୁକ୍ତ ଖାଦ୍ୟସାମଗ୍ରୀ ବିଦେଶୀ ଗ୍ରାହକମାନଙ୍କ ପାଖରେ ବେଶ୍ ମନପସନ୍ଦ ହୋଇଥିବା ଜଣାପଡ଼ିଛି । ଗଲ୍‌ଫ ଫୁଡ୍‌ରେ ଫାର୍ମ-ବି' ର ଯୋଗଦାନ ଦେଶବିଦେଶର କ୍ରେତାଙ୍କ ସହିତ ଜଡ଼ିତ ହେବା, ରପ୍ତାନି ସୁଯୋଗ ସୃଷ୍ଟି କରିବା ଏବଂ ରଣନୈତିକ ବାଣିଜ୍ୟ ସହଭାଗିତା ନିର୍ମାଣ କରିବାର ଲକ୍ଷ୍ୟ ରଖିଛି । ଏହାଦ୍ୱାରା ବିଶ୍ୱ ଖାଦ୍ୟ ବଜାରରେ ଫାର୍ମ-ବି ବ୍ରାଣ୍ଡର ପରିଚୟକୁ ବିସ୍ତାର କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛନ୍ତି ଓଡ଼ିଶାର ଯୁବ ଶିଳ୍ପୋଦ୍ୟୋଗୀ ରଶ୍ମୀ ସାହୁ ।

# ଘରେ ଶୋଇଥିବା ବେଳେ ଦୁର୍ବୃତ୍ତଙ୍କ ବୋମାମାଡ଼, ଭୁଶୁଡିଲା କାନ୍ଥ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ଘର ଉପରକୁ ବୋମାମାଡ଼ ହୋଇଥିଲା । ଖବର ଅନୁସାରେ, ଚିକଲଖଣ୍ଡି ଗ୍ରାମର ଜି. କାମରାଜୁ ରେଡିଙ୍କ ଘର ଉପରକୁ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ । ଘରେ ଜି. କାମରାଜୁ ତାଙ୍କ ପରିବାର ସହ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଛନ୍ତି। ଘରର ପଛପଟୁ ବୋମାମାଡ଼ କରାଯାଇଥିବା ବେଳେ କାନ୍ଥ ଭାଙ୍ଗି ଯାଇଛି । ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି । ଘଟଣାର ଖବର ପାଇ ଛତ୍ରପୁର ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି । ଘରର ବହୁ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ତିନି ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନ୍ୟପଟେ ଏହି ବୋମାମାଡ଼ରେ ଅଧିକ ଶକ୍ତିଶାଳୀ ସାମଗ୍ରୀ ବ୍ୟବହାର କରାଯାଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳୁ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଅଧିକାରୀମାନେ ଆସି ଘଟଣାର ଅଧିକ ତଦନ୍ତ କରୁଛନ୍ତି । ତେବେ କିଏ ଏବଂ କାହିଁକି ବୋମାମାଡ଼ କଲା ତାହାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ । ଏନେଇ ସାଇଟିଫିକ୍ସ ଟିମ, ରାଜ୍ୟ ବୋମା ନିଷ୍କ୍ରିୟ କାରୀ ଟିମ, ରାଜ୍ୟ ଫୋରନସିକ ବିଜ୍ଞାନ ପରୀକ୍ଷାଗାର ଟିମ ଘଟଣା ସ୍ଥଳରେ ପହଁଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ କରିଛନ୍ତି । ତେବେ ବୋମା ଫୁଟିବା ଦ୍ୱାରା ଏହା ଘଟିଛି ନା କୋଣସି ବିସ୍ଫୋରକ ସାମଗ୍ରୀ ଯୋଗୁଁ ଏପରି ଘଟଣା ଘଟିଛି ତାହା ସଠିକ ଜଣାପଡିନି ।

# ସଡ଼କ ସୁରକ୍ଷା ପାଇଁ ଭଞ୍ଜନଗରରେ ପଥୋତ୍ସବ

ଭଞ୍ଜନଗର, (ସବ୍ୟୁ): ସଡ଼କ ସୁରକ୍ଷା ଏବଂ ଲୋକଙ୍କୁ ସଚେତନ କରିବା ପାଇଁ ଭଂଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପଥୋତ୍ସବ ଆୟୋଜିତ ହୋଇଯାଇଛି । ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଏସଡିଏମଓ ସୀତାଂଶୁ ଶେଖର ଶତପଥୀ, ବିଡ଼ିଓ ଭାରତୀ ଦେବୀ, ପୌରପରିଷଦ ମୁରଲୀ କୃଷ୍ଣ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଶୂନ ମୃତାହତ ସହ ସୁରକ୍ଷିତ ଗାଡି ଚାଳନା ବାର୍ତ୍ତା ଦେଉଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ କମ ହୋମ ସେଫ ନାରା ଆଧାରରେ ବିଭିନ୍ନ ଲୋକ ନୃତ୍ୟ ଦଳ ଦ୍ୱାରା ନାଚ ଗୀତ ମାଧ୍ୟମରେ ସଡକ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା । ସେହିପରି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ଲାକକାର୍ଡ ଧରି ନାଚ ଗୀତ ମାଧ୍ୟମରେ ସଚେତନ କରାଇଥିଲେ । ଭଞ୍ଜନଗର ସହରର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଘ, ଦିବ୍ୟ ଶକ୍ତି ଇଂରାଜୀ ମିଡିୟମ୍ ସ୍କୁଲ, ମହିଳା ମହା ବିଦ୍ୟାଳୟର ଛାତ୍ରୀ ମାନେ ମଧ୍ୟ ସାମିଲ ହୋଇଥିଲେ । ଘୁମୁସର ଅଞ୍ଚଳର ଲୋକନୃତ୍ୟ ଭାରତ ଲୀଳା, କେ„ଇ ନାଚ, ପଶୁ ମୁଖା ନୃତ୍ୟ ପରିବେଷଣ ହୋଇଥିଲା । ଏହାସହ ଯମରାଜ ଏବଂ ଚିତ୍ରଗୁପ୍ତ ଭୂମିକାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଚେତନ କାର୍ଯ୍ୟ ପରିବେଷଣ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ରଙ୍ଗୋଲି ମାଧ୍ୟମରେ ମଧ୍ୟ ସଚେତନ ବାର୍ତ୍ତା ଦେଇଥିଲେ । ସଡକ ପରିବହନ ବିଭାଗ ଦ୍ୱାରା ପରିଚାଳିତ ଏହି ସଚେତନ କାର୍ଯ୍ୟକ୍ରମ କୁ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବାରିପଦାରେ ଜିଲ୍ଲାସ୍ତରୀୟ ୭୭ତମ ଗଣତନ୍ତ୍ର ଦିବସ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସଦର ମହକୁମା ବାରିପଦା ଠାରେ ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ମାନନୀୟ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ହେମକାନ୍ତ ସୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ଓ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ମୁଖ୍ୟ ଅତିଥିଙ୍କୁ ରିଜର୍ଭ ପୋଲିସ ପ୍ୟାରେଡ଼ ପଡିଆ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ । ଜିଲ୍ଲାପାଳ ଶ୍ରୀ ସୟ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଗଣତନ୍ତ୍ରର ଇତିହାସ, ଗଣତନ୍ତ୍ର ବ୍ୟବସ୍ଥା ଲାଗୁ ପାଇଁ ଭଞ୍ଜ ପ୍ରଶାସନର ମହତ୍ୱ, ଆଜିର ସମୟରେ ସମ୍ବିଧାନ କିଭଳି ଆମ୍ଭମାନଙ୍କୁ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେଉଛି ଏବଂ ଆମେ ଆମ ଗଣତନ୍ତ୍ର ରାଷ୍ଟ୍ର ପାଇଁ କିପରି ଗର୍ବିତ ସେ ବିଷୟରେ କହିଥିଲେ ।

ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନ, ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଓ ସହକାରୀ ଶିକ୍ଷକ ତଥା ମୟୂରଭଞ୍ଜ ଜିଲ୍ଲା ରେଡକ୍ରସ ଶାଖାର କନିଷ୍ଠ ରେଡ଼କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗର କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରିଥିଲେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ରୀଡା ବିଭାଗରେ ସଫଳତା ହାସଲ କରିଥିବା ୬ଜଣ କ୍ରୀଡ଼ାବିତ ଯଥାକ୍ରମେ ୩୦ମିଟର ଜାତୀୟ ତୀରନ୍ଦାଜ ଚମ୍ପିୟାନସିପି ଅଲମ୍ପିକ ରାଉଣ୍ଡରେ ସ୍ୱର୍ଣ୍ଣ ପଦକ ବିଜେତା କ୍ରୀଡ଼ାବିତ ରୋହିତ କୁମାର ମାର୍ଣ୍ଡି, ଜାତୀୟ ପାରା ସନ୍ତରଣ ୫୦ମିଟରରେ ରୌପ୍ୟ ଓ ୧୦୦ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଚୈତନ୍ୟ ମାର୍ଣ୍ଡି, ଜାତୀୟ ପାରା ସନ୍ତରଣ ୫୦ ଓ ୧୦୦ମିଟରରେ ବ୍ରୋଞ୍ଜ ହାସଲ କରିଥିବା କମଳା ଟୁଡୁ, ଜାତୀୟ ପାରା ସନ୍ତରଣ ୫୦ ଓ ୧୦୦ମିଟରରେ ରୌପ୍ୟ ପଦକ ହାସଲ କରିଥିବା କ୍ରୀଡ଼ାବିତ୍ ରଞ୍ଜନ କୁମାର ହାଁସଦାଃ, ୧୦୦ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବିକ୍କୁ ସିଂ ଓ ଜାତୀୟ ସବ ଜୁନିଅର ଯୋଗ କ୍ରୀଡା ଚମ୍ପିୟାନସିପରେ ରୌପ୍ୟ ପଦକ ହାସଲ କରିଥିବା ନିହାର ରଞ୍ଜନ ସାହୁଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଦିବସରେ ହୋଇଥିବା ପ୍ୟାରେଡ଼ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ସ୍କୁଲ ଗୁଡିକୁ ପୁରସ୍କୃତ କରାଯାଇଥିଲା । ସେହିପରି ଦେଶାତ୍ମବୋଧ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀଚଉରା, ସେଣ୍ଟ ଜାଭିଅର ସ୍କୁଲ, ମହର୍ଷି ପବ୍ଲିକ ସ୍କୁଲ ଓ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରକୁ ଶ୍ରେଷ୍ଠତା ପ୍ରତିପାଦନ ପାଇଁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜିଲ୍ଲାପାଳ ଏକାଦଶ ବନାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏକାଦଶ ମଧ୍ୟରେ ବାରିପଦା ଷ୍ଟାଡିଅମ ଠାରେ ଆୟୋଜନ କରା ଯାଇଥିଲା ଏବଂ ଏଥିରେ ଜିଲ୍ଲାପାଳ ଏକାଦଶ ବିଜୟୀ ହୋଇଥିଲେ । ଜାତୀୟ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସନ୍ଧ୍ୟା ୬:୩୦ ଘଟିକା ସମୟରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଓ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଯୋଗ ଦେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲା ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ ଦିବସର କାର୍ଯ୍ୟକ୍ରମ ମାନଙ୍କୁ ପରିଚାଳନା, ସଂରଚନା ଓ ସଂଯୋଜନା ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ତତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ବାରିପଦା ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୁୟା କାର୍ଯ୍ୟକାରୀ କରିଥିଲେ ଏବଂ ଉକ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

# ହାଇୱାକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଓ ରାମଗଡ ଗାଁ ମଝି ମୁଖ୍ୟ ସଡକରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତକ ଜଣକ ହେଲେ ଗହଙ୍ଗୁ ପାଟଣା ଗ୍ରାମର କହ୍ନେଇ ନାୟକ (୨୫) । ଏନେଇ ପୋଲିସ ଥାନାରେ କେସ୍ ନଂ ୩୫/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତକାଲି ରାତିରେ ବାଲିପଦର ଅଭିମୁଖେ ହାଇୱା ଆସୁଥିବା ବେଳେ ବେଲଗୁଣ୍ଠାରୁ ନିଜ ଗାଁକୁ ଦ୍ରୁତଗତିରେ ଆସୁଥିବା କହ୍ନେଇଙ୍କ ପଲସର ବାଇକର ଧକ୍କା ହୋଇଥିଲା । ଫଳରେ କହ୍ନେଇଙ୍କ ମୁଣ୍ଡକୁ ଗଭୀର ଆଘାତ ଲାଗିବା ସହ ବାମପଟ ହାତ ଭାଙ୍ଗି ଯାଇଥିଲା ।

ସେ ଦୁର୍ଘଟଣା ସ୍ଥଳରେ ଅଚେତ ଅବସ୍ଥାରେ ପଡିଥିବା ବେଳେ ବାଲିପଦର ପୋଲିସ ତାଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପୋଲିସ ମୃତକଙ୍କ ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ସମ୍ପୃକ୍ତ ହାଇୱାକୁ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ନିସ୍ ଶିକ୍ଷାନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ




ଭୁବନେଶ୍ୱର, (ସବ୍ୟୁ) : ମଦନପୁର ସ୍ଥିତ ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିରେ ଅଧକ୍ଷ ଡକଫର ରାସେଶ ସ୍ୱାଇଁ, ଡେପୁଟି ଡାଇରେକଫର ଡକଫର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡକଫର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, ଉପାଧକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ଏମ.ବି.ଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।


ଭାରତ ସରକାର Government of India

ଭାବା ଆଣବିକ ଗବେଷଣା କେନ୍ଦ୍ର Bhabha Atomic Research Centre

ଟମ୍ବେ ମୁମ୍ବାଇ ୪୦୦୦୮୫ ମହାରାଷ୍ଟ୍ର Trombay, Mumbai 400085 Maharashtra

ସରକାର ଏକ ଏଭଳି କାର୍ଯ୍ୟବଳ ପ୍ରସ୍ତୁତ କରିଛନ୍ତି ଯାହାକି ଲିଙ୍ଗ ସନ୍ତୁଳନ ଏବଂ ମହିଳା ପ୍ରାର୍ଥୀଙ୍କ ଆବେଦନ ଲାଗି ଉତ୍ସାହିତ କରୁଅଛନ୍ତି ।
Government strives to have a workforce which reflects gender balance and women candidates are encouraged to apply

**ବିଜ୍ଞାପନ ନଂ. ADVERTISEMENT NO. 01/7076 (R-IV)**

ଅନଲାଇନ ଆବେଦନ ଦାଖଲର ଅନ୍ତିମ ତାରିଖ ଓ ସମୟ
Opening date and time for submission of online application — 30.01.2026 (୧୦ ଘଟିକା)
ଅନଲାଇନ ଆବେଦନ ପତ୍ର ଗ୍ରହଣ ପାଇଁ ବନ୍ଦ ତାରିଖ ଓ ସମୟ
Closing date and time for receipt of online application — 27.02.2026 (୧୩.୫୯ ଘଟିକା)

ସିଧାସଳଖ ନିଯୁକ୍ତି କରିଆରେ ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆରସି), ମୁମ୍ବାଇ, ରାଡିଏସନ୍ ମେଡିସିନ୍ ସେଣ୍ଟର (ଆରଏମସି), ମୁମ୍ବାଇ ଏବଂ ରାଡିଏସନ୍ ମେଡିସିନ୍ ରିସର୍ଚ୍ଚ ସେଣ୍ଟର (ଆରଏମଆରସି), କୋଲକାତାରେ ନିମ୍ନୋକ୍ତ ଗ୍ରୁପ୍ 'ଏ' ପଦବୀ (ମେଡିକାଲ) ପଦବୀ ପୂରଣ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କ ଠାରୁ ଅନ୍‌ଲାଇନ ଆବେଦନପତ୍ର ଆହ୍ୱାନ କରାଯାଉଛି ।
Online applications are invited from eligible Indian Citizens for filling up the following Group A posts (Medical) in Bhabha Atomic Research Centre (BARC). Mumbai, Radiation Medicine Centre (RMC). Mumbai and Radiation Medicine Research Centre (RMRC). Kolkata through Direct Recruitment

| ପଦବୀ କ୍ରମାଙ୍କ Post Code | ପଦବୀର ନାମ Name of the Post | ପଦବୀ ସଂଖ୍ୟା No. of Vacancies ଅ.ଜାତି SC | ଅସଂରକ୍ଷିତ UR | ମୋଟ Total | ବେତନ ସ୍ତର Pay Level | ପ୍ରାରମ୍ଭିକ ବେତନ Intial Pay (Rs.) | ସର୍ବୋଚ୍ଚ ବୟସସୀମା ଆବେଦନ କରିବାର ଅନ୍ତିମ ତାରିଖ Upper Age Limit (as on last date of application) |
|---|---|---|---|---|---|---|---|
| | ୟୁନିଟ୍‌ର ନାମ Name of the Unit : ବିଏଆରସି, ମୁମ୍ବାଇ BARC, Mumbai | | | | | | |
| ଡିଆର DR/01 | ବୈଜ୍ଞାନିକ ଅଧିକାରୀ-ଇ (କାର୍ଡିଓଲୋଜିଷ୍ଟ) Scientifica Officer-E (Cardiologist) | ୦ | ୨ | ୨ | ୧୨ | ୭୮୮୦୦ + ଏନପିଏ NPA | ୫୦ |
| ଡିଆର DR/02 | ବୈଜ୍ଞାନିକ ଅଧିକାରୀ-ଇ (ହସ୍ପିଟାଲ ପ୍ରଶାସକ) Scientific Officer-E (Hospital Administrator) | ୦ | ୧ | ୧ | ୧୨ | ୭୮୮୦୦ + ଏନପିଏ NPA | ୫୦ |
| | ଅଥବା OR ବୈଜ୍ଞାନିକ ଅଧିକାରୀ-ଡି (ହସ୍ପିଟାଲ ପ୍ରଶାସକ) Scientific Officer-D (Hospital Administrator) | ୦ | ୧ | ୧ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/03 | ବୈଜ୍ଞାନିକ ଅଧିକାରୀ-ଡି (ଓଟୋରିନୋଲାରିଙ୍ଗୋଲୋଜି-ଇଏନଟି) Scientific Officer-D (Otorhinolaryngology-ENT) | ୦ | ୧ | ୧ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/04 | ବୈଜ୍ଞାନିକ ଅଧିକାରୀ-ଡି (ରେଡିଓ ଡାଇଗ୍ନୋସିସ୍/ରେଡିଓଲୋଜି) Scientific Officer-D (Radio Diaglosis/Radiology) | ୦ | ୩ | ୩ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/05 | ବୈଜ୍ଞାନିକ ଅଧିକାରୀ-ଡି (ଚକ୍ଷୁ ବିଜ୍ଞାନ) Scientific Officer-D (Ophthalmology) | ୦ | ୧ | ୧ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/06 | ବୈଜ୍ଞାନିକ ଅଧିକାରୀ-ଡି (ପାଥୋଲୋଜି) Scientific Officer-D (Pathology) | ୦ | ୧ | ୧ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/07 | ବୈଜ୍ଞାନିକ ଅଧିକାରୀ-ଡି (ଆନେସଥେସିଓଲୋଜି) Scientific Officer-D (Anaesthesiology) | ୦ | ୧ | ୧ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/08 | ବୈଜ୍ଞାନିକ ଅଧିକାରୀ-ସି ସାଧାରଣ ଡ୍ୟୁଟି/ଆପତ୍ ମେଡିକାଲ ଅଧିକାରୀ Scientific Officer-C (General Duty/Casualty Medical Officer) | ୧ | ୪ (୧) ଦିବ୍ୟାଙ୍ଗଜନଙ୍କ ପାଇଁ ପଦବୀ ସଂରକ୍ଷିତ Post reserved fo Pw BD | ୫ | ୧୦ | ୫୬୧୦୦ + ଏନପିଏ NPA | ୩୫ |
| | ମୋଟ TOTAL | 1 | 14 | 15 | | | |
| | ୟୁନିଟ୍‌ର ନାମ Name of the Unit : ଆରଏମସି, ମୁମ୍ବାଇ BARC, Mumbai | | | | | | |
| ଡିଆର DR/09 | ବୈଜ୍ଞାନିକ ଅଧିକାରୀ-ଡି (ନ୍ୟୁକ୍ଲିୟର ମେଡିସିନ୍) Scientific Officer-D (Nuclear Medicine) | ୦ | ୧ | ୨ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/10 | ଟେକ୍ନିକାଲ ଅଧିକାରୀ-ଡି (ନ୍ୟୁକ୍ଲିୟର ମେଡିସିନ୍) Technical Officer-D (Nuclear Medicine Technology) | ୦ | ୧ | ୨ | ୧୧ | ୬୭୭୦୦ + | ୪୦ |
| | ମୋଟ TOTAL | 0 | 2 | 2 | | | |
| | ୟୁନିଟ୍‌ର ନାମ Name of the Unit : ଆରଏମଆରସି, କୋଲକାତା RMRC, Kolkata | | | | | | |
| ଡିଆର DR/11 | ବୈଜ୍ଞାନିକ ଅଧିକାରୀ-ଇ (ନ୍ୟୁକ୍ଲିୟର ମେଡିସିନ୍) Scientific Officer-E (Nuclear Medicine) | ୦ | ୧ | ୨ | ୧୨ | ୭୮୮୦୦ + ଏନପିଏ NPA | ୫୦ |
| ଡିଆର DR/12 | ବୈଜ୍ଞାନିକ ଅଧିକାରୀ-ଡି (ନ୍ୟୁକ୍ଲିୟର ମେଡିସିନ୍) Scientific Officer-D(Nuclear Medicine) | ୦ | ୨ | ୨ | ୧୧ | ୬୭୭୦୦ + ଏନପିଏ NPA | ୪୦ |
| ଡିଆର DR/13 | ଟେକ୍ନିକାଲ ଅଫିସର-ଡି (ନ୍ୟୁକ୍ଲିୟର ମେଡିସିନ୍ ଟେକ୍ନୋଲୋଜି) Scientific Officer-D(Nuclear Medicine) | ୦ | ୧ | ୧ | ୧୧ | ୬୭୭୦୦ + | ୪୦ |
| | ମୋଟ TOTAL | 0 | 4 | 4 | | | |
| | ସର୍ବ ମୋଟ GRAND TOTAL | 1 | 20 | 21 | | | |

କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ପ୍ରାରମ୍ଭିକ ବେତନ ଯୁକ୍ତ ଅନୁମୋଦିତ ଭତ୍ତା
Initial Pay plus allowances as due and admissible under Central Government Rules.

ବିସ୍ତୃତ ବିଜ୍ଞାପନ ନିମନ୍ତେ ଦୟାପୂର୍ବକ ୱେବସାଇଟ୍ **https://www.barc.gov.in or https://recruit.barc.gov.in** କୁ ଯାଆନ୍ତୁ
ଯଦି କିଛି ସଂଶୋଧନ ଥାଏ ତେବେ ବିଏଆରସି ୱେବସାଇଟ୍‌ରେ ଉପରୋକ୍ତ ବିଜ୍ଞାପନ ପ୍ରକାଶ କରାଯିବ ।
For detailed advertisement, please visit the website **https://www.barc.gov.in or https://recruit.barc.gov.in**
Corrigendum, if any, issued on the above advertisement will be published only on BARC website.

**cbc 48103/12/0013/2526**



CIO
ବୀମା ଲୋକପାଲ ପରିଷଦ
Council for Insurance Ombudsmen

**ବୀମା ଲୋକପାଳଙ୍କ ପାଇଁ ପରିଷଦ କାର୍ଯ୍ୟାଳୟ**

**ତୃତୀୟ ମହଲା ଜୀବନ ସେବା ଆନେକ୍ସ, ସାଣ୍ଟାକ୍ରୁଜ୍ ପଶ୍ଚିମ, ମୁମ୍ବାଇ ୪୦୦୦୫୪**

**ବିଜ୍ଞାପନ ନଂ. ୩/୨୦୨୫-୨୦୨୬** — **ତାରିଖ : ୨୮.୦୧.୨୦୨୬**

**ସାଧାରଣ ବୀମା (ସ୍ୱାସ୍ଥ୍ୟ ବୀମା ସମେତ) / ସ୍ୱାଧୀନ ଭାରତୀୟ ବୀମା ଟିପିଏରେ ଅଭିଜ୍ଞତା ଥିବା କର୍ମଚାରୀଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି / ବିଶେଷଜ୍ଞ ଭାବରେ ଜୀବନ ବୀମା ଶିଳ୍ପ**

ବୀମା ଲୋକପାଳ ପରିଷଦ ଜୀବନ ବୀମା / ସାଧାରଣ ବୀମା (ସ୍ୱାସ୍ଥ୍ୟ ବୀମା ସମେତ) କମ୍ପାନୀ (ସାର୍ବଜନୀନ ଏବଂ ବେସରକାରୀ କ୍ଷେତ୍ର ଉଭୟ) କିମ୍ବା ସ୍ୱାଧୀନ ଭାରତୀୟ ବୀମା ଟିପିଏ କାର୍ଯ୍ୟାଳୟରେ କାର୍ଯ୍ୟ କରିବାର ଅଭିଜ୍ଞତା ଥିବା ଅବସରପ୍ରାପ୍ତ / ସ୍ୱେଚ୍ଛାକୃତ ଅବସରପ୍ରାପ୍ତ / ଇସ୍ତଫା ଦେଇଥିବା କର୍ମଚାରୀମାନଙ୍କୁ ଚୁକ୍ତିଭିତ୍ତିକ ଭିତ୍ତିରେ ବୀମା ଲୋକପାଳଙ୍କ ନିମ୍ନଲିଖିତ କାର୍ଯ୍ୟାଳୟରେ ବିଶେଷଜ୍ଞ ଭାବରେ ନିୟୋଜିତ କରିବା ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରିବାକୁ ପ୍ରସ୍ତାବ ଦେଇଛି :

| | | | |
|---|---|---|---|
| ଅହମ୍ମଦାବାଦ | ବେଙ୍ଗାଲୁରୁ | ଭୋପାଳ | ଭୁବନେଶ୍ୱର |
| ଚଣ୍ଡିଗଡ଼ | ଚେନ୍ନାଇ | ଦିଲ୍ଲୀ | କୋଚି |
| ଗୌହାଟି | ହାଇଦ୍ରାବାଦ | ଜୟପୁର | କୋଲକାତା |
| ଲକ୍ଷ୍ନୌ | ମୁମ୍ବାଇ | ନୋଇଡା | ପାଟଣା |
| ପୁନେ | ଥାନେ | | |

ଯୋଗ୍ୟତା :

(I) ସର୍ବନିମ୍ନ ବୟସ – ୪୦ ବର୍ଷରୁ କମ୍ ନୁହେଁ ଏବଂ ସର୍ବାଧିକ ବୟସ – ୬୨ ବର୍ଷରୁ ଅଧିକ ନୁହେଁ (ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ଅନୁଯାୟୀ) ।

(I) ଭାରତରେ ସରକାରୀ/ବେସରକାରୀ କ୍ଷେତ୍ରରେ କିମ୍ବା ସ୍ୱାଧୀନ ଭାରତୀୟ ବୀମା ଟିପିଏରେ ଏକ ଅଧିକାରୀ ଭାବରେ ସର୍ବନିମ୍ନ ୧୦ ବର୍ଷର ଅଭିଜ୍ଞତା ଯାହାଙ୍କର ଶେଷ ନିଯୁକ୍ତି ସରକାରୀ କ୍ଷେତ୍ର ବୀମା କମ୍ପାନୀଗୁଡ଼ିକରେ ସ୍କେଲ୍ I, II କିମ୍ବା IV ସ୍କେଲ୍ ସମତୁଲ୍ୟ ଥିଲା ।

**ଅନଲାଇନ୍ ଆବେଦନ ଫର୍ମ ଦାଖଲ କରିବାର ଶେଷ ତାରିଖ ହେଉଛି ୧୮.୦୨.୨୦୨୬ ସନ୍ଧ୍ୟା ୫:୩୦ ଘଣ୍ଟା ପର୍ଯ୍ୟନ୍ତ**

ଅନଲାଇନ୍ ଆବେଦନ ଫର୍ମ, ଯୋଗ୍ୟତା, ଚୁକ୍ତିଭିତ୍ତିକ ନିଯୁକ୍ତିର ସର୍ତ୍ତାବଳୀ, ଆବେଦନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ବିବରଣୀ ପାଇଁ, ଦୟାକରି କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ କିମ୍ବା ଆମର ୱେବସାଇଟ **www.cioins.co.in** ପରିଦର୍ଶନ କରନ୍ତୁ । (ବିଶେଷଜ୍ଞଙ୍କ ନିଯୁକ୍ତି ଟ୍ୟାବ୍ ଅଧୀନରେ)

ଟିପ୍ପଣୀ: ପରିଶିଷ୍ଟ / ଅଧିକ ଯୋଗାଯୋଗ ଏହି ସମ୍ପର୍କରେ, ଯଦି କୌଣସି ଥାଏ, ତେବେ କେବଳ ୱେବସାଇଟରେ ସୂଚିତ କରାଯିବ ।

**ମହାସଚିବ (ସିଆଇଓ)**

CBC 15227/12/0003/2526

## ଗଣତନ୍ତ୍ର ଦିବସ ପାଳିତ
# ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ : ଗଣଶିକ୍ଷା ମନ୍ତ୍ରୀ



ରାୟଗଡା,(ସବ୍ୟୁ): ରାୟଗଡ ଜିଲ୍ଲା ସଦର ମହକୁମାର ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ହାଇସ୍କୁଲ ପଡିଆ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନକ୍ଷମ ଶସକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇ ସମବେତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଦେଶକୁ ସ୍ୱାଧୀନତା ଆଣିବାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଓ ବଳିଦାନ ଦେଶକୁ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିପାରିଥିଲା ବୋଲି ମନେ ପକାଇ ଥିଲେ। ବିକାଶ ଓ ଅସ୍ମିତା ମନ୍ତ୍ରକୁ ଆଧାର କରି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାର ଦୃଢ଼ ସଂକଳ୍ପବଦ୍ଧ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏଲ. ଭି. ଅଚାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସହରରେ ପ୍ରାତଃ ରାମଧୁନ, ପ୍ରଭାତଫେରୀ, ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରିଜର୍ଭ ପୋଲିସ ପଡିଆଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ,ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ,ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରିବା ସହିତ ସମବେତ ଜନତାଙ୍କୁ ଉଦବୋଧନ ଦେଇଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସାଧରଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଯେଉଁ ମହାପୁରୁଷଙ୍କ ଅକ୍ଳାନ୍ତ ପରିଶ୍ରମ, ତ୍ୟାଗ ଓ ବଳିଦାନରେ ଭାରତ ସ୍ୱାଧୀନ ହେଲା ଏବଂ ଭାରତର ସୁଶାସନ ପାଇଁ ସମ୍ବିଧାନ ତିଆରି କରାଗଲା , ସେହି ସ୍ୱାଧୀନତା ସଂଗ୍ରାମୀ , ମହାମନୀଷୀଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇ , ବିଶେଷ କରି ଶିକ୍ଷା , ସ୍ୱାସ୍ଥ୍ୟ , ଗମନାଗମନ , କୃଷି , ଜଳସେଚନ , ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରରେ ଜିଲ୍ଲାର ଅଗ୍ରଗତି ଏବଂ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କିପରି ହୋଇପାରିବ , ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାସ୍ତରୀୟ ମିଳିତ ପ୍ୟାରେଡ ଉତ୍ସବରେ ପୋଲିସ ବାହିନୀ , ହୋମଗାର୍ଡ ଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ର ସିନିୟର ଏନ.ସି.ସି , ଜୁନିଅର ଏନ.ସି.ସି, ସ୍କାଉଟ, ଗାଇଡ ସହ ସର୍ବମୋଟ ୪୩ଟି ଦଳ ଅଂଶ ଗ୍ରହଣ କରି ଆକର୍ଷଣୀୟ ପ୍ୟାରେଡ ପ୍ରଦର୍ଶନ କରିଥିଲେ ।



ପ୍ୟାରେଡ ଉତ୍ସବ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଯାଇ ସେଠାରେ ନୂତନ ରକ୍ତଭଣ୍ଡାରରେ ଅନୁଷ୍ଠିତ ରକ୍ତଦାନ ଶିବିରର ଉଦଘାଟନ କରିଥିଲେ । ଚିକିତ୍ସାଳୟରେ ଥିବା ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ କଳାହାଣ୍ଡି ମାଳବୀକା ଦେବୀ , ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ , ଡି.ଏଫ୍.ଓ (ଉତ୍ତର) ରମେଶ କୁମାର ବିଷ୍ଣୋଇ , ଡି.ଏଫ୍.ଓ (ଦକ୍ଷିଣ) ଆର କଲାଇ ବାନନ୍ ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜିଲ୍ଲା ଅଧିକାରୀ ଡ ନିହାରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୋକସରା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କୋକସରା,(ସବ୍ୟୁ): ମଙ୍ଗଳବାର କୋକସରା ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିତିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅଧିକାରୀ ମଧ୍ୟରେ ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ପରିଷଦ ଉନ୍ନୟନ କାର୍ଯ୍ୟାଳୟ ଅଧିକାରୀ ସିଡିଓ ଦୟାମୟ ପାଢ଼ୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଦୁର୍ଯୋଧନ ଭୋଇ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ସମେତ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ସାମାଜିକ ସୁରକ୍ଷା, ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ପଞ୍ଚାୟତ ବିଭାଗ, ସମନ୍ୱୟ ଶିଶୁ ପ୍ରକଳ୍ପ ବିଭାଗ, ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସମାଜ ମଙ୍ଗଳ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ, ଅବକାରୀ ବିଭାଗ ସମେତ ଅନ୍ୟ ବିଭାଗର ଜିଲ୍ଲା ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ କୋକସରା ବ୍ଲକର ୨୨ ପଞ୍ଚାୟତରୁ ସାମୁହିକ ୨୬ ଓ ବ୍ୟକ୍ତିଗତ ୫୯ ଅଭିଯୋଗ ଉପରେ ଶୁଣାଣି କରିବା ପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବାକୁ ଘଟଣାସ୍ଥଳରେ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଅଭିଯୋଗ ମଧ୍ୟରେ ଜୁନାଗଡ଼ ନବରଙ୍ଗପୁର ରେଲୱେ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ମାଝୀଗୁଡା ଗ୍ରାମରେ ରାସ୍ତା କଡରେ ଥିବା ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବା ନେଇ ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମକୁ ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜିପିଡ଼ିଓ, ପିଇଓ,ଏଡିଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିରକୁ ଆସିଥିବା ଅଭିଯୋଗକାରୀଙ୍କୁ ପଞ୍ଜିକରଣ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ବୌଦ୍ଧ, (ସବ୍ୟୁ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ୭୭ ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସମବେତ ଜନତାଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେବାସହ ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସମସ୍ତେ ଆଜିର ଦିନରେ ମନେପକାଇବା ସହ ବୌଦ୍ଧର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ୟାରେଡ ରେ ସର୍ବମୋଟ ୩୪ ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ୟାରେଡକୁ ପ୍ରଦୀପ ଓରାମ, ରିଜର୍ଭ ଇନ୍ସପେକ୍ଟର ପରିଚାଳନା କରିଥିବା ବେଳେ ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ, ବୌଦ୍ଧ ପଂଚାୟତ ମହାବିଦ୍ୟାଳୟ ର କ୍ୟାଡ଼େଟ ଭରତଲାଲ ପଣ୍ଡା ଏବଂ ନିରାକାର ଲୌରିଆ ଅନୁଷ୍ଠାନିକ ପ୍ୟାରେଡ ରେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପରିଚାଳନା କରିଥିଲେ ।

## ଖପ୍ରାଖୋଲରେ ବ୍ଲକ୍‌ସ୍ତରୀୟ ଗଣତନ୍ତ୍ର ଦିବସ ପାଳିତ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ୭୭ ତମ ଗଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ , ବ୍ଲକ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଛାତ୍ରୀ ଛାତ୍ର ମାନେ ପ୍ୟାରେଡ ମାର୍ଚ୍ଚ ପ୍ରଦର୍ଶନ କରିଥିବା ବେଳେ ସୁଶିଲ କୁମାର ଗୁରୁ, ଦେବକାନ୍ତ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ସିଡ଼ିପିଓ ଅମିତା ପଣ୍ଡା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର,ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ଭାନୁ ମେହେର,ମନୋଜ ସାହୁ, ରାମାନନ୍ଦ୍ ବେହେରା ସମେତ ବିଭିନ୍ନ ବିଭାଗ ର ଅଧିକାରୀ,ଶିକ୍ଷକ, ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ଯୋଗଦେଇଥିବା ବେଳେ ଡ. ଅଭୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲୋଜ

## ସାଧାରଣତନ୍ତ୍ର ଦିବସରେ ଅଘରିଆ ସମାଜର ପାଣି ବଣ୍ଟନ

ବଲାଙ୍ଗିର,(ସବ୍ୟୁ): ଦେଶର ୭୭ ତମ ସାଧାରଣତନ୍ତ୍ର ଦିବସ ଅବସରରେ ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ତରଫରୁ ମନୋହର ପୁର ପୋଲିସ ପଡିଆରେ ସମାଜର କେନ୍ଦ୍ର ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ନେତୃତ୍ୱରେ ପରେଡ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ର ଛାତ୍ରୀ,ଦର୍ଶକ ଓ କାର୍ଯ୍ୟରତ ପୋଲିସ ବାହିନୀକୁ ଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଗତ ୨୨ ତାରିଖରୁ ୨୬ ତାରିଖ ଯାଏ ଚାଲିଥିଲା । ଅଘରିଆ ସମାଜର ଯୁବପିଢ଼ୀ ସହ ଉପଦେଷ୍ଟା ମଣ୍ଡଳୀ,ଚାରି ମଣ୍ଡଳ ସଭାପତି ଓ କର୍ମକର୍ତ୍ତା,ଅଠର ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ବିଭିନ୍ନ କମିଟିର ମୁଖ୍ୟ ଓ କର୍ମକର୍ତ୍ତା ସହ ବିବେକାନନ୍ଦ ପଟେଲ,ରାଜକୁମାର ପଟେଲ,ଶିବାନନ୍ଦ ସାଏ,ସୌମ୍ୟରଞ୍ଜନ ନାଏକ,ମନୋଜ କୁମାର ନାଏକ,ଅଶ୍ୱିନୀ ପଟେଲ,ମନୋରଞ୍ଜନ ସାଏ,ରାମେଶ୍ୱର ନାଏକ,ଦୁର୍ବାଦଳ ପଟେଲ,ରଜନୀ କାନ୍ତ ପଟେଲ,ହରେକୃଷ୍ଣ ପଟେଲ,ଅରୁଣ ପଟେଲ,ବିରଞ୍ଚି ରାଉତ,ନୀଳମଣି ପଟେଲ,ଭଗବାନ ପଟେଲ,ଶ୍ରୀନିବାସ ନାଏକ,କୁନୁ ସାଏ,ଯୁବାମଞ୍ଚ ସଭାପତି ପ୍ରମୋଦ କୁମାର ପଟେଲ ସହ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ପାଣି ବଣ୍ଟନରେ ସହଯୋଗ କରିଥିଲେ।

## ବାଲ୍ୟ ବିବାହ ମୁକ୍ତ ଭାରତ ସମ୍ପର୍କିତ ସାଇକେଲ ଯାତ୍ରା

ନୂଆପଡ଼ା ,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟବିବାହ ମୁକ୍ତ ଭାରତ ସମ୍ବନ୍ଧିତ ସାଇକଲ ଯାତ୍ରା ନୂଆପଡ଼ା ସହର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସାଇକଲ ଯାତ୍ରାକୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ଓ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ ସବୁଜ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଏହା ସହିତ ସମସ୍ତ ପ୍ରତିଭାଗୀମାନ ଙ୍କୁ ଭାରତକୁ ବାଲ୍ୟବିବାହ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ପ୍ରଜ୍ଞା ପାରମିତା ମହାପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର୍ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍.ଡି.ଜେ.ଏମ୍ ସ୍ନାତକୀ ଦାଶ, ପ୍ରାଧିକରଣର ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ସହକାରୀ ଆଇନ ସେବା ପ୍ରତିପକ୍ଷ ଓକିଲ କାର୍ତ୍ତିକ ରାମ ବାଗ, ଆଇନ ସେବା ପ୍ରାଧିକରଣର ଅଧିକାର ମିତ୍ରଗଣ ଓ ଛାତ୍ରଛାତ୍ରୀଗଣ ଅଂଶଗ୍ରହଣ କରିଥିଲେ ।

## ପାଟଣେଶ୍ୱରୀ ମନ୍ଦିରରୁ ଯିବ ୬୬୪ଟି ମନ୍ଦିର ଓ ପୀଠକୁ ନିଉତା

ବଲାଙ୍ଗିର,(ସବ୍ୟୁ):ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଫେବୃୟାରୀ ୧ ରୁ ୪ ଯାଏ ଉତ୍ସବ ଓ ମହାଯଜ୍ଞ ଆୟୋଜନ ହେବାକୁ ପ୍ରସ୍ତୁତି ଜୋର ସୋରରେ ଚାଲିଛି ।ପାଟଣାଗଡର ପାଟଣେଶ୍ୱରୀ ମନ୍ଦିରରୁ ମୁଖ୍ୟ ପୀଠରୁ ମାଁ ଙ୍କ ଆଜ୍ଞାମାଳ ଏବଂ ଲଗ୍ନ ମାଁ ଙ୍କୁ ଅର୍ପଣ କରାଯାଇ ରାଜଖମାର ଯାଇ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମନ୍ଦିର ପୀଠକୁ ପହଂଚିଥିଲା । ମାଁ ଦଶମତି, ମାଁ ସମଲେଶ୍ୱରୀ, ମାଁ ଦୁର୍ଗା, ଲୋକନାଥ ମନ୍ଦିର, ଗୋପାଳଜୀ ମନ୍ଦିର ସମେତ ବଲାଙ୍ଗିର ସହରର ୧୦ଟି ମନ୍ଦିରକୁ ନିଉତା ଯାଇଛି । ଆଗାମୀ ଦିନରେ ମାଁ କୁଶଙ୍ଗାଇ, ମାଁ ସାଉନ୍ତେଶ୍ୱରୀ, ସାଲେଭଟା ପୀଠ, ଚନ୍ଦ୍ରସେନୀ, ଘଣ୍ଟେସିନି, ଦ୍ୱାରସେନି, ମେଟାକାନି ମନ୍ଦିର ସହ ବଲାଙ୍ଗିର ଜିଲ୍ଲାରେ ୬୬୪ ପୀଠକୁ ନିୟତା ଆଜିଠୁ ଆରମ୍ଭ ହେଲା । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ମାଁ ପାଟଣେଶ୍ୱରୀ ମନ୍ଦିର ରେ ପୂଜାର୍ଚ୍ଚନା କରି ପୂଜକ ମହେନ୍ଦ୍ର ଦିଶ୍ରୀ ପୂଜାର୍ଚ୍ଚନା କରି କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ମନ୍ଦିର ନିୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଅରୁଣ କୁମାର ମିଶ୍ର, ଅର୍ଜୁନ କୁମାର ସାହୁ, ରିଣ୍ଟୁ ସାହୁ, ସହରର ବୁଦ୍ଧିଜୀବୀ ସହ ମନ୍ଦିର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ରେଢ଼ାଖୋଲ ପ୍ରେସ କ୍ଲବ ପକ୍ଷରୁ ଟିକେଟ ବୁକିଂ କାଉଣ୍ଟର ଦାବି

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲରୁ ସମ୍ବଲପୁରକୁ ସରକାରୀ ବସ ସେବା ଯୋଗାଇବା ଦାବୀକୁ ନେଇ ରେଢ଼ାଖୋଲ ପ୍ରେସ କ୍ଲବ ତରଫରୁ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ରେଢ଼ାଖୋଲ ଉପଖଣ୍ଡର ଜନସାଧାରଣ ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ ସେବା ପାଇଁ ସମ୍ବଲପୁର, ବୁର୍ଲା, କଟକ, ଭୁବନେଶ୍ୱର, ବ୍ରହ୍ମପୁର ପ୍ରତ୍ୟେକ ଦିନ ଯିବା ଆସିବା କରିଥାନ୍ତି । ଯାତ୍ରୀଙ୍କ ସୁବିଧା ପାଇଁ ରେଢ଼ାଖୋଲ ସହରରେ ଏକ ସରକାରୀ ବସର ଅଗ୍ରିମ ଟିକେଟ ବୁକିଂ କାଉଣ୍ଟର, ରେଢ଼ାଖୋଲ ଠାରୁ ସମ୍ବଲପୁର ସହରକୁ ସକାଳୁ ଏକ ନୂତନ ଭାବରେ ସରକାରୀ ବସ ଚଳାଚଳ ସେବା ଯୋଗାଇ ଦେବା, ସମ୍ବଲପୁର ଠାରୁ କଟକକୁ ଯାଉଥିବା ବସକୁ ଭୁବନେଶ୍ୱରକୁ ସମ୍ପ୍ରସାରଣ କରିବା, ଫୁଲବାଣୀରୁ ସମ୍ବଲପୁରକୁ ଚଳାଚଳ ଦୁଇଟି ବସ ବୁର୍ଲା ମେଡିକାଲ ଦେଇ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ଆଦି ଦାବିକୁ ନେଇ ପ୍ରେସ କ୍ଲବର ସଦସ୍ୟ ମାନେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏଥିସହଁ ଜିଲ୍ଲାପାଳ, ସମ୍ବଲପୁର, ମୁଖ୍ୟ ପ୍ରବନ୍ଧକ, ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ,ବାଣିଜ୍ୟ ଓ ପରିବହନ ସଚିବ, ଓଡିଶା ସରକାର,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ଓଡିଶା ସରକାରଙ୍କୁ ମଧ୍ୟ ଲିଖିତ କାରରେ ଜଣାଇଛନ୍ତି । ପ୍ରେସ କ୍ଲବର ସଭାପତି ଶଙ୍କର ପୃଷ୍ଟି, ଉପଦେଷ୍ଟା ଜୟନ୍ତ ଖଡ଼ିରତ୍ନ, ସମ୍ପାଦକ ତପନ ବିଶ୍ୱାଳ, ସହସମ୍ପାଦକ କନ୍ଦର୍ପ ବେହେରା, ମଦନ ବେହେରା, ପ୍ରସନ୍ନ ପ୍ରଧାନ, ଗଜାନନ ଭେସରା, ସୁଧୀର କୁମାର ସୁନା, ସରୋଜ କୁମାର ସାହୁ, ସୁଶାନ୍ତ ନାଗ, ଯଶୋବନ୍ତ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରକ୍ତଦାନ ଶିବିର

ଭବାନୀପାଟଣା, (ସବ୍ୟୁ): ଗଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ନୂତନ ରକ୍ତଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା। ଆୟୋଜକ ଶ୍ରୀ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର କମିଟି ପୁରୁଣା ପଡା ଓ ରାଜ୍ୟ ଅଣଗେଜେଟେଡ କର୍ମ ଚାରି ସମ୍ମନୟ ସମିତି କଳାହାଣ୍ଡି ଶାଖା। ମୁଖ୍ୟ ଅତିଥି ଗଣେଶ ରାମ ସିଂ ଖୁଣ୍ଟିଆ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓଡ଼ିଶା ସମ୍ମାନୀତ ଅତିଥି ମାଳବିକା ଦେବୀ ଲୋକସଭା ସଦସ୍ୟା କଳାହାଣ୍ଡି , ସାଗର ଚରଣ ଦାସ ସଦର ବିଧାୟକ ଭବାନୀପାଟଣା ସଚିନ ପାୱାର ପ୍ରକାଶ ଜିଲ୍ଲାପାଳ କଳାହାଣ୍ଡି ନାଗରାଜ ଦେୱରକଣ୍ଡା। କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦିପ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

## ଜୟଦୁର୍ଗା ହାଇସ୍କୁଲରେ ଗଣତନ୍ତ୍ର ଦିବସ ପାଳିତ

ନର୍ଲା,(ସବ୍ୟୁ): ଜୟଦୁର୍ଗା ହାଇସ୍କୁଲ, ନର୍ଲାରୋଡରେ ୭୭ତମ ଗଣତନ୍ତ୍ର ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ନିୟମାବଳୀ ମାନି ଶୃଙ୍ଖଳିତ ହେବା ସହ ଭଲ ମଣିଷ ଏବଂ ଦାୟିତ୍ୱଶୀଳ ନାଗରିକ ହେବା ପାଇଁ ପରାମର୍ଶ ଦେଇ ଥିଲେ । ପରେ ଛାତ୍ରୀମାନେ ଦେଶଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ଭୂମିଦାତା ତଥା ସମାଜସେବୀ ଦିନଦୟାଲ କେଡ଼ିଆଙ୍କ ଦ୍ୱାରା ପ୍ରଦତ୍ତ ଟ୍ରଫି ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ସମନ୍ୱୟ ପାଇଁ ସୁବାସ ଚନ୍ଦ୍ର ବରାଡ଼ଙ୍କୁ ଓ ବିଦ୍ୟାଳୟ ର ସର୍ବାଙ୍ଗୀନ ବିକାଶ ରେ ଅବଦାନ ଯୋଗୁଁ ଚକ୍ରଧର ସା ଙ୍କୁ ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମଟି ସଫଳ କରିବାରେ ନାରାୟଣ ପଧାନ, କଂହେଇ ଚରଣ ଗଉଡ଼, ଠାକୁର ବିବେକାନନ୍ଦ ପାଧାନ, ପରମାନନ୍ଦ ନାଏକ ଓ ଟୁକୁଲାଲ ନାଏକ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ଯାଞ୍ଚ ବେଳେ ଏସ୍‌ପି ଆହତ

ରାୟଗଡା,(ସବ୍ୟୁ): ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସର ପାଳନ ପାଇଁ ଯାଞ୍ଚ ବେଳେ ଏସପି ଏସ ସ୍ୱାତି କୁମାର ଆହତ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଆସିବା ସମୟ ବେଳକୁ ବାରମ୍ବାର ସୁରକ୍ଷା ତନଖି କରୁଥିବା ବେଳେ ଗୋବିନ୍ଦ ଚନ୍ଦ୍ର ଦେବ ବିଦ୍ୟାଳୟ ପରିସରରେ କାର୍ପେଟ ଉପରେ ଗୋଡ଼ ମୋଡି ହୋଇ ପଡି ଯାଇଥିଲେ। ସେଠାରେ ଥିବା ସୁରକ୍ଷା କର୍ମୀ ତୁରନ୍ତ ଧରି ଉଠାଇବା ପରେ ମଧ୍ୟ ବହୁ କଷ୍ଟରେ କାର୍ ପର୍ଯ୍ୟନ୍ତ ଯାଇ ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସା କରାଇଥିଲେ। ତେଣୁ ସେ ପତାକା ଉତ୍ତୋଳନ ସମୟରେ ଅନୁପସ୍ଥିତ ଥିବାରୁ ଅତିରିକ୍ତଏସପି ଏଲ. ଭି. ଅଚାରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ତୁଲାଇଥିଲେ।

## ବେଲଜିୟମ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,(ସବ୍ୟୁ): ମଙ୍ଗଳବାର ସନ୍ଧ୍ୟାରେ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ହକି ପ୍ରୋ-ଲିଗ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିବା ପାଇଁ ଦିଲ୍ଲୀରୁ ଆଜି ବିମାନ ବନ୍ଦରରେ ବେଲଜିୟମ ହକି ଦଳ ପହଂଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଡ଼େପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ,ପ୍ରଶାସନ ବିଭାଗର ଡ଼େପୁଟି କଲେକ୍ଟର ସୋମେଶ ଆଚାର୍ଯ୍ୟ ,ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି,ଝାରସୁଗୁଡ଼ା ହକି ଆସୋସିଏସନର ସଭ୍ୟା ଜ୍ୟୋତି ଲାଟ,ସଭ୍ୟ ଅଶ୍ୱିନୀ ପାଣ୍ଡେ, କ୍ଲେମେଣ୍ଟ ରୋନାଲ୍ଡ, ବିମାନ ବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ଧଣ୍ଡିଆ,ସନ୍ଦିପ କୁମାର ମିଂଜ,ଗୁଣବନ୍ତ ଦୋରା ପ୍ରଭୃତି ଖେଳାଳି,ଟିମ ମ୍ୟାନେଜର ଓ କୋଚକୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ । ଏହି ଦଳ ସ୍ୱତନ୍ତ୍ର ପୋଲିସ ବାହିନୀ ଦ୍ୱାରା ବସରେ ରାଉରକେଲା ଯାତ୍ରା କରିଛନ୍ତି ।

## ସର୍ବଭାରତୀୟ ଲାଲ୍ ମନି କ୍ରିକ୍ ଫେଷ୍ଟ ଉଦ୍‌ଯାପିତ
# ଏମ୍‌ଏମ୍‌ସିସି ସମ୍ବଲପୁର ଚାମ୍ପିଅନ

ସୋନପୁର,(ସବ୍ୟୁ): ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଜିଲ୍ଲା କ୍ରିକେଟ୍ ସଂଘ ପକ୍ଷରୁ ଆୟୋଜିତ ୩୭ ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ ୨୦୨୬ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବାପୁଜୀ କ୍ଲବ୍ ଭୁବନେଶ୍ୱର ଓ ଏମ୍ ଏମ୍ ସି ସି ସମ୍ବଲପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟି ଟ୍ୱେଣ୍ଟି ମ୍ୟାଚରେ ସମ୍ବଲପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୭ ୱିକେଟ ବିନିମୟ ରେ ୨୯୫ ରନ୍ କରିଥିଲେ । ଭୁବନେଶ୍ୱର ଦଳ ପକ୍ଷରୁ ନିରଞ୍ଜନ ବେହେରା ସର୍ବାଧିକ ୩ ଟି ୱିକେଟ୍ ହାସଲ କରିଥିଲେ । ପ୍ରତି ଉତ୍ତରରେ ଭୁବନେଶ୍ୱର ଦଳ ୨୬.୩ ଓଭର ରେ ସମସ୍ତ ୱିକେଟ ହରାଇ ୨୦୮ ରନ କରିଥିଲେ । ଭୁବନେଶ୍ୱର ଦଳ ପକ୍ଷରୁ ସୁଶିଲ ବାରିକ ୩ ଟି ୱିକେଟ୍ ହାସଲ କରିଥିଲେ । ପ୍ରତି ଉତ୍ତର ରେ ଭୁବନେଶ୍ୱର ଦଳ ୩ ଟି ୱିକେଟ୍ ହରାଇ ୮.୫ ୧୭୮ ରନ ସଂଗ୍ରହ କରି ମ୍ୟାଚ୍ ବିଜୟୀ ହୋଇ ଥିଲେ । ସୁପର ଓଭରରେ ସମ୍ବଲପୁର ଦଳର ୧୮ ରନ୍ ଜବାବରେ ଭୁବନେଶ୍ୱର ଦଳ ମାତ୍ର ୯ ରନ କରି ପାରିଥିଲେ । ସମ୍ବଲପୁର ଏମ୍ ଏମ୍ ସି ସି ଦଳ ଚଳିତ ବର୍ଷ ୨୦୨୬ ଲାଲ୍ ମନି କ୍ରିକେଟ ର ଚାମ୍ପିଅନ ବିବେଚିତ ହୋଇଛି । ସମ୍ବଲପୁର ର ଖେଳାଳୀ ଯଶମିତ କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା । ସମ୍ବଲପୁରର ଅଶ୍ୱିନୀ ଚିଲ୍ଲର କୁ ମ୍ୟାନ ଅଫ ଦି ସିରିଜ୍, ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ, ଓ ଶ୍ରେଷ୍ଠ ୱିକେଟ କିପର ଭାବରେ ପୁରସ୍କୃତ କରାଯାଇଥିଲା । ଭୁବନେଶ୍ୱର ର ପ୍ରାୟସ ସିଂହ ଙ୍କୁ ଶ୍ରେଷ୍ଠ ବୋଲର ଭାବେ, ସୁନ୍ଦରଗଡର ଗୌତମ ସୁନାଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ,




ଅଶ୍ୱିନୀ ଚିଲ୍ଲର ଙ୍କୁ ସର୍ବାଧିକ ଛକ୍କା ଓ ଚୌକା ମାଷ୍ଟର ଖେଳାଳୀ ଭାବେ, ଅନୁଗୁଳ ଦଳ ର ଆୟୁଷ ହ୍ୟାଟ୍ରିକ ୱିକେଟ ଭାବେ, ଦେବାଶିଷ ବାଗ ଙ୍କୁ ଶ୍ରେଷ୍ଠ କ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ଓ ସି ଏ ପ୍ୟାନେଲ ଅମ୍ପାୟର ପୃଥ୍ୱିରାଜ ମିଶ୍ର, ସତ୍ୟ ପ୍ରସାଦ ମିଶ୍ର ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରଦୀପ ସେଠି ଓ କ୍ଷେତ୍ର ବାସୀ ସାହୁ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ ।

ଉଦଯାପନୀ ସଭାରେ ଏସ ଡି ସି ଏ ର ସଭାପତି ରାମଶଙ୍କର ସାହୁ ଙ୍କ ଅଧ୍ୟକ୍ଷତା ରେ ସମ୍ମାନିତ ଅତିଥି ଭାବେ ଶିଳ୍ପ , ବୈଶିକ ଜ୍ଞାନ କୌଶଳ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବି ଏମ୍ ପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ର ମୁଖ୍ୟ ସଚେତକ ସରୋଜ ପଧାନ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ମ୍ୟାନେଜର ଯୁଗଳ କିଶୋର ସାମଲ ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଓ ସି ଏ ସଂପାଦକ ସଞ୍ଜୟ ବେହେରା , ଓ ସି ଏ ଯୁଗ୍ମ ସଂପାଦକ ପ୍ରଭାତ ଭୋଳ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଂପାଦକ ଅଭିଜିତ ପାଲ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଆନ୍ତର୍ଜାତୀୟ କ୍ରିକେଟ୍ ଖେଳାଳୀ ନରେନ୍ଦ୍ର ହିରୱାନିଙ୍କ ସହ ବରଗଡ଼, ବୌଦ୍ଧ ଓ ବଲାଙ୍ଗିର , ସମ୍ବଲପୁର , ଭଦ୍ରକ ଓ ନୂଆପଡ଼ା ଜିଲ୍ଲା ର କ୍ରିକେଟ୍ ସଂଘ ର ସଂପାଦକ ମାନେ ମଞ୍ଚାସିନ ଥିଲେ । ଏସ ଡି ସି ଏ ର ସଂପାଦକ ପ୍ରଦୀପ ସେଠି ବାର୍ଷିକ ବିବରଣୀ ପାଠ କରିଥିଲେ । ଉପ ସଭାପତି ବି ସତ୍ୟ ନାରାୟଣ ରାଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବାଲ୍ୟ ବିବାହ ବିରୋଧରେ ଜିଲ୍ଲାସ୍ତରୀୟ ସାଇକେଲ ରାଲି

ଭବାନୀପାଟଣା,(ସବ୍ୟୁ): ବାଲ୍ୟବିବାହ ମୁକ୍ତ ଭାରତ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବାଲ୍ୟ ବିବାହ ବିରୋଧରେ ୧୦୦ ଦିନିଆ ଅଭିଯାନ ଅଧୀନରେ ଜିଲ୍ଲାସ୍ତରୀୟ ସାଇକେଲ ରାଲି ଆନୁଷ୍ଠାନିକ ଭାବରେ କଳାହାଣ୍ଡି ଜିଲ୍ଲାରେ ଆୟୋଜିତ ହୋଇଥିଲା। ଏହି ରାଲିର ମୂଳ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଅଧିକାର ସୁରକ୍ଷା, ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ସଚେତନତା ପ୍ରସାର ଏବଂ ଶିଶୁମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସମାଜକୁ ସଚେତନ କରିବା। ରାଲିରେ କଲେଜ ଛାତ୍ରଛାତ୍ରୀ, ଯୁବକ-ଯୁବତୀ, କଲେଜ ଅଧ୍ୟାପକ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ମହିଳା ହବ୍ କର୍ମଚାରୀ ଏବଂ ମିଡିଆର ସଦସ୍ୟମାନେ ଉତ୍ସାହ ସହିତ ଅଂଶଗ୍ରହଣ କରିଥିଲେ। ରାଲିଟି ସହରର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରି ସାଧାରଣ ଲୋକଙ୍କୁ ବାଲ୍ୟ ବିବାହ ବିରୋଧରେ ସଚେତନ କରିଥିଲାଛ ଏହି ସଚେତନତାମୂଳକ ଆନ୍ଦୋଳନ ସମାଜରୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସାମୂହିକ ସଙ୍କଳ୍ପକୁ ଆହୁରି ସୁଦୃଢ଼ କରିଥିଲା। ରାଲିକୁ ସ୍ନିଗ୍ଧା ପଣ୍ଡା, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଜିବୁନ ନିଶା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ସୁମିତା ଦେବୀ ତ୍ରିପାଠୀ, ସମାଜ କଲ୍ୟାଣ ଅଧିକାରୀଣୀ ସନ୍ଧ୍ୟାରଣୀ ନାୟକ, ସୁରକ୍ଷା ଅଧିକାରିଣୀ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ (ମହିଳା ସଶକ୍ତିକରଣ) ଦିବ୍ୟରଞ୍ଜନ ଯୋଷି, ଜିଲ୍ଲା ସଂଯୋଜକ (ଏଡ୍ ଏଟ୍ ଆକ୍ସନ) ବଦ୍ରି ପ୍ରସାଦ ସାହୁ, ଆଭା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ସହିତ ଜିଲ୍ଲା ମହିଳା ହବ୍, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ୱାନ ଷ୍ଟପ ସେଣ୍ଟର ଏବଂ ପୋଲିସ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ବଲାଙ୍ଗିର,(ସବ୍ୟୁ): ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ମୁଖ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ପୌରପରିଷଦ ଅଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

ପରେ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଗୌରଭ୍ ଶିଭାଜୀ ଇସଲୱାର ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇଥିଲେ । ସେ ଜିଲ୍ଲାର ସମସ୍ତ ସଂଗ୍ରାମୀ, ସହିଦ ଓ ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜିଲ୍ଲାବାସୀଙ୍କୁ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟ ଅତିଥିଙ୍କ ଅଭିଭାଷଣ ପରେ ସମ୍ମିଳିତ ପରେଡ ର ଅଭିବାଦନ ଗ୍ରହଣ କରି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପରେଡରେ ସମୁଦାୟ ୪୩ ଟି ଦଳ ଅଂଶ ଗ୍ରହଣ କରିଥିଲେ ।

ଅପରାହ୍ନରେ ଗାନ୍ଧୀ ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ବନ୍ଧୁପୂର୍ଣ୍ଣ କ୍ରିକେଟ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚରେ ସାମ୍ବାଦିକ ଏକାଦଶ ଦଳ ବିଜୟୀ ହୋଇଥିଲେ, ରନର୍ସରେ ପୋଲିସ ଏକାଦଶ ଦଳ ହୋଇଥିଲେ । ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମର ଧାରା ବିବରଣୀ ପାଠ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୁରୁଷୋତ୍ତମ ମୁନା, କେଶବ ବାଗ, ସମୀର ସାହୁ, ତପନ ପଟେଲ ଏବଂ ଛବିଲାଲ ମଲ୍ଲିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଅଭିଯୋଗକାରୀ ହିଁ ଅଭିଯୁକ୍ତ

# ନିଜ କୁକୁଡ଼ା ଫାର୍ମରେ ନିଆଁ ଲଗାଇ ଜେଲ୍ ଗଲେ ଦୁଇ ଠକ

ମୁରିବାହାଲ,(ସବ୍ୟୁ): ନିଜେ ଅଭିଯୋଗକାରୀ ହିଁ ଅଭିଯୁକ୍ତ ସାବ୍ୟସ୍ତ ହୋଇଛି। ନିଜ କୁକୁଡ଼ା ଫାର୍ମରେ ନିଜେ ନିଆଁ ଲଗାଇ ୨ ଧୂର୍ତ୍ତ ୪୨୦ ଠକ ଜେଲ୍ ଯାଇଥିବା ବେଳେ ସେମାନଙ୍କ ନିକଟରୁ ନଗଦ ୨ଲକ୍ଷ ୬୩ହଜାର ଟଙ୍କା ଜବତ କରାଯାଇ କମ୍ପାନୀର ମୋଟା ଅଙ୍କର ଟଙ୍କା ହଡ଼ପ ଚକ୍ରାନ୍ତ ଯୋଜନା ଫେଲ ମାରିଛି। ଜେଲ୍ ଯାଇଥିବା ଦୁଇ ଧୂର୍ତ୍ତ ଠକ ହେଲେ ବଲାଙ୍ଗିର ଜିଲ୍ଲା। ମୁରିବାହାଲ ଥାନା। ଚଣାବାହାଲ ପଞ୍ଚାୟତ ବାଗବାହାଲି ଗ୍ରାମର ଭୋଜରାଜ ମହାକୁର(୩୬) ଓ ବେଳପଡ଼ା ଥାନା ଖଲିଆପାଲି ଗ୍ରାମର ସୁବଳ ରଣା(୩୦)। ଢେଙ୍କାନାଳ ଜିଲ୍ଲା ଗେଙ୍ଗୁଟିଆ ଗ୍ରାମର ଏକ କମ୍ପାନୀର ମ୍ୟାନେଜର ଲିଙ୍ଗରାଜ ମଲ୍ଲିକ(୨୮)ଙ୍କ ଏତଲା। ଆଧାରରେ ଅଭିଯୁକ୍ତ ଭୋଜରାଜ କଟକର ପ୍ରିମିୟମ ଚିକ ଫିଡସ ପ୍ରାଇଭେଟ୍ କମ୍ପାନୀରୁ କୁକୁଡ଼ା ଚିଆଁ, ଦାନା, ଔଷଧ ଆଦି ଆଣି ନିଜ ଫର୍ମରେ ରଖି କୁକୁଡ଼ା ୪୦ଦିନର ବଡ ହେଲେ କମ୍ପାନୀକୁ ଯୋଗାଇବା ପାଇଁ ଚୁକ୍ତି କରିଥିଲେ। ଏଥିପାଇଁ କମ୍ପାନୀ କିଛି ଆର୍ଥିକ ରାଶି ପ୍ରଦାନ କରୁଥିଲା। କିନ୍ତୁ କୁକୁଡ଼ାଗୁଡ଼ିକ ବଡ ହେଲା ପରେ ଭୋଜରାଜ ଚୁକ୍ତି ଖିଲାପ କରି ନିଜ ସହଯୋଗୀ ସୁବଳ ସହିତ ମିଶି ୨୨ଶହ କୁକୁଡ଼ାକୁ ବାହାରେ ବିକ୍ରି କରିଦେଇ କିଛି କୁକୁଡ଼ା ସହ କୁକୁଡ଼ା ଫାର୍ମରେ ନିଜେ ନିଆଁ ଲଗାଇ ପୋଡି ଦେବା ସହ ଦୁର୍ବୃତ୍ତମାନେ ପୋଡି ଦେଇଥିବା ସ୍ତ୍ରୀକୁ ପଠାଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କମ୍ପାନୀ ଭୋଜରାଜଙ୍କ କଥା ଓ କାମ ଉପରେ ସନ୍ଦେହ ସୃଷ୍ଟି କରିବା ସହ ଥାନାରେ ଏତଲା ଦେଇଥିଲା । ପୁଲିସ କେଶ ନ ୧୬/୨୬ ମାମଲା ରୁଜୁ କରି ଏସଆଇ ଡି ଓରାମ ଘଟଣାର ତଦନ୍ତ ଜାରି ରଖିଥିଲେ। ତଦନ୍ତରେ କମ୍ପାନୀର ଲକ୍ଷ ଲକ୍ଷ ମୋଟା ଅଙ୍କର ଟଙ୍କା ହଡ଼ପ ପାଇଁ ଉଭୟ ଅଭିଯୁକ୍ତ ଏଭଳି ନିଆଁରେ ନିଜ ଫାର୍ମ ପୋଡି ଭଳି କାଣ୍ଡ ରଚିଥିବା ସ୍ୱୀକାର କରିଥିଲେ। ପୁଲିସ ଉଭୟଙ୍କ ପାଖରୁ ନଗଦ ୨ଲକ୍ଷ ୬୩ହଜାର ଟଙ୍କା ଜବତ କରି ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି। ନିଜେ ଅଭିଯୋଗକାରୀ ଅଭିଯୁକ୍ତ ହୋଇ ଜେଲ୍ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଉତ୍ସର୍ଗ ଶିବିରରେ ୯୨ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ଉତ୍ସର୍ଗ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ମୋଟ ୯୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶିବିରରେ ମହିଳା ଓ ପ୍ରଥମ କରି ରକ୍ତଦାନ କରୁଥିବା ରକ୍ତଦାତାଙ୍କ ଉପସ୍ଥିତି ଉତ୍ସାହଜନକ ଥିଲା । ଡା. ସୌରଭ ତିୱାରୀ, ଡା. କଳ୍ପେଶ କାକ୍କଡ, ସନ୍ତୋଷ ଗୌଡ, ଦୀପିକା ଭୋଇ, ସିଦ୍ଧାର୍ଥ ଦାଶ, ଆଶିଷ ବିଶ୍ୱାଳ, ସୁନୀଲ ସେଠ, ମଣ୍ଟୁ ପ୍ରଧା. ପଦ୍ମିନୀ ଶତପଥୀ, ସୂର୍ଯ୍ୟ ବେହେରା ଓ ସୁଶାନ୍ତ କୁମ୍ଭାର ଶିବିର ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ, କୋଶଲ ବ୍ୟବସାୟୀ ସଂଘ, ଅନାମିକା କ୍ଲବ, ସଣ୍ଡେ ଗ୍ରୁପ, ବସୁନ୍ଧରା କମ୍ୟୁନିଟି ସେଣ୍ଟର ଓ ଭୀମଭୋଇ ସାହିତ୍ୟ ସଂସଦର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## କଲେଜ କ୍ୟାମ୍ପସ ଭିତରେ ନିଶା ସାମଗ୍ରୀ ବିକ୍ରି

# ଛାତ୍ର କଂଗ୍ରେସର କଳା ପଟି ପିନ୍ଧି ବିକ୍ଷୋଭ



ବରଗଡ,(ସବ୍ୟୁ): ଆଖି ଥାଇ ଅନ୍ଧ ପ୍ରଶାସନ ଓ ସରକାର କଲେଜ କେମ୍ପସ ଭିତରେ ନିଶା ସାମଗ୍ରୀ ବିକ୍ରି ସହ ନିଶା ସେବନକୁ ବିରୋଧ କରି ଆଖିରେ କଳା ପଟି ବାନ୍ଧି ବରଗଡ଼ ଗାନ୍ଧୀ ଛକରୁ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ । ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି ଗୌରବ ପତି ଆଜାଦ ନିଜ ଆଖିରେ କଳା ପଟି ବାନ୍ଧି ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ବରଗଡ଼ର ଅନେକ କଲେଜ କ୍ୟାମ୍ପସ ଭିତରେ କୋରେକ୍ସ, ମଦ, ସହ ନିଶା ସାମଗ୍ରୀ ଦେଖିବାକୁ ପାଇଥିଲା । ଛାତ୍ର କଂଗ୍ରେସ ତେବେ ଏ ଦିଗରେ ପ୍ରଶାସନ ଓ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ବେଳେ ମଙ୍ଗଳବାର ନିଆରା ଭାବରେ ଛାତ୍ର କଂଗ୍ରେସ ବିରୋଧ ପ୍ରଦର୍ଶନ କରିଛି । ଆସନ୍ତା ୧୫ ଦିନ ମଧ୍ୟରେ ସରକାର ଓ ପ୍ରଶାସନ ଏହି ଦିଗରେ କାର୍ଯ୍ୟ ନ କଲେ ସଂସ୍କୃତି ମନ୍ତ୍ରୀଙ୍କ ବାସଭବନରେ ଛାତ୍ର କଂଗ୍ରେସ ଧାରଣା ଦେବ ବୋଲି ଚେତାବନୀ ଦିଆଯାଇଛି ।

# ଗୁରୁତର ଅସୁସ୍ଥ ମାଈ ହାତୀର ମୃତଦେହ ଉଦ୍ଧାର



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଜଇଁତରା ସେକ୍ସନ ଜାମଲିସର ଗ୍ରାମ ଜଙ୍ଗଲ ମଧ୍ୟରେ ଥିବା ପାହାଡ ତଳୁ ଏକ ଗୁରୁତର ଅସୁସ୍ଥ ମାଈ ହାତୀର ମୃତଦେହ ଜଙ୍ଗଲ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ପୂର୍ବ ଦିନ ସଂଧ୍ୟା ୭ଟାରେ ହାତୀଟି ଜୀବିତ ଥିବା ବେଳେ ରାତି ୧୧ଟାରେ ମଧ ଗର୍ଜନ କରୁଥିବା ଜଙ୍ଗଲ ବିଭାଗ ପକ୍ଷରୁ ଜଣାପଡିଛି। ମଙ୍ଗଳବାର ସକାଳେ ସ୍ଥାନୀୟ ଗ୍ରାମବାସୀ ଏହି ହାତୀଟି ମରିପଡ଼ିଥିବା ଦେଖିବା ପରେ ଜଙ୍ଗଲ ବିଭାଗକୁ ସୂଚନା ଦେଇଥିଲେ। ମୁରିବାହାଲ ରେଞ୍ଜ ଜଙ୍ଗଲ ବିଭାଗ ଓ ଥାନା ପୋଲିସ ପହଞ୍ଚି ତନାଘନା ତଦନ୍ତ ଆରମ୍ଭ କରିଥିଲେ। ମୃତ ହାତୀଟିର ଆନୁମାନିକ ବୟସ ୨୦ବର୍ଷ ହେଉଥିବା ବେଳେ ସେ ଦୀର୍ଘ ଦିନରୁ ଗୁରୁତର ଅସୁସ୍ଥ ହୋଇ ଜଙ୍ଗଲରେ ଏକାକୀ ଚଳପ୍ରଚଳ କରୁଥିଲା। ହାତୀ ମୃତ୍ୟୁ ଖବର ପାଇ ଘଟଣାସ୍ଥଳକୁ ବଲାଙ୍ଗିର ଏସିଏଫ ମୁରାରି ପ୍ରସାଦ ପଣ୍ଡା, ଭବାନୀପାଟଣା ଏସିଏଫ ସଂଘମିତ୍ରା ଭୋଇ, ରେଞ୍ଜର ଶିବପ୍ରସାଦ ନାୟକ,ଜଇଁତରା ଫରେଷ୍ଟର ଧ୍ରୁବଚରଣ ବରର୍ଡ଼,ବିଡିଓ ଡ ଅଞ୍ଜନ ମଲ୍ଲିକ,ଇଚ୍ଛାପଡ଼ା ଆରଆଇ ହୃଦାନନ୍ଦ ବାଗ,ରେପିଡ ଏକ୍ସନ୍ ଟିମ,ଜଙ୍ଗଲ ବିଭାଗ ସ୍କ୍ୱାର୍ଡ ଓ ବିଦ୍ୟୁତ୍ ବିଭାଗର ସମସ୍ତ କର୍ମଚାରୀ ପହଞ୍ଚି ତନ୍ନତନ୍ନ ଯାଞ୍ଚ କରିଥିଲେ। ପଶୁ ଚିକିତ୍ସକଙ୍କ ଗଠିତ ଏକ ଜିଲ୍ଲାସ୍ତରୀୟ ଟିମ ପକ୍ଷରୁ ବୁଧବାର ସଂପୂର୍ଣ୍ଣ ଶବ ବ୍ୟବଚ୍ଛେଦ କରାଯାଇ ଅବଶେଷ ସହ ସମସ୍ତ ରିପୋର୍ଟ ଭୁବନେଶ୍ୱର ଫରେନସିକ ଲାବକୁ ପଠାଯିବ ଓ ଏହାପରେ ହାତୀର ଶବକୁ ସେଠାରେ ପୋତି ଦିଆଯିବ ବୋଲି ମୁରିବାହାଲ ବିଡିଓ ଡ.ମଲ୍ଲିକ ପ୍ରକାଶ କରିଛନ୍ତି। ଦୀର୍ଘ ଦେଢ଼ ବର୍ଷ ହେଲା ଏହି ରେଞ୍ଜ ଅଞ୍ଚଳରେ ୭୦ରୁ ଉର୍ଦ୍ଧ୍ୱ ହାତୀପଲ ରହି ଆତଙ୍କ ସୃଷ୍ଟି ସହ ୨ଜଣଙ୍କ ଜୀବନ ଯିବା, କେତେକ ଆହତ ହେବା,ବ୍ୟାପକ ଫସଲ ନଷ୍ଟ, ହାତୀ କୂଅରେ ପଡ଼ିବା ଭଳି ବାରମ୍ବାର ଘଟଣା ଘଟିସାରିଛି। ବର୍ତ୍ତମାନ ମଧ ୧୬ଟିକିଆ ଏକ ହାତୀପଲ ଡଙ୍ଗରପଡ଼ା ଗ୍ରାମର ଉତ୍ତର ଦିଗ ଜଙ୍ଗଲରେ ରହୁଥିବା ବିଭାଗ ପକ୍ଷରୁ ଜଣାପଡିଛି।

# କୁଚିଣ୍ଡା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ସ୍ଥିତ ମହାବିଦ୍ୟାଳୟ ଷ୍ଟାଡିୟମଠାରେ ଉପଖଣ୍ଡ ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ ତଥା ଉପଜିଲ୍ଲାପାଳ ସରଓନନ୍-ସ (ଆଇଏଏସ୍) ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଆନୁଷ୍ଠାନିକଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପରେ, ଦେଶ ଓ କୁଚିଣ୍ଡା ଆଦିବାସୀ ଉପଖଣ୍ଡ ସଂପର୍କରେ ସାରଗର୍ଭକ ଭାଷଣ ଦେଇଥିଲେ। ଇତିପୁର୍ବରୁ ସୁଚନା ଓ ଲୋକସଂପର୍କ ବିଭାଗ ପରିଷରକୁ ଯାଇ, ମହାତ୍ମାଗାନ୍ଧୀଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ ପରେ ବିର୍ସା ମୁଣ୍ଡା ଓ ଡ.ବି.ଆର୍.ଆମ୍ବେଦକରଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।ପଡିଆରେ କୃତି ପ୍ରତି ଯୋଗୀଙ୍କୁ ପୁରସ୍କାର ପ୍ରଦାନ ପରେ, ମୁଖ୍ୟଅତିଥି, ଉପଖଣ୍ଡ ସରକାରୀ ଡାକ୍ତର ଖାନା ଓ ଉପକାରାଗାରକୁ ଯାଇ ବନ୍ଦୀ ଓ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ।

# ମୁକ୍ତ ବିଚାର ମଞ୍ଚର ୬୩ ତମ ମାସିକ ଆଲୋଚନାଚକ୍ର

ଖରିଆର,(ସବ୍ୟୁ): ମୁକ୍ତ ବିଚାର ମଞ୍ଚ, ଖଡ଼ିଆଳ ପକ୍ଷରୁ ପ୍ରତି ମାସ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୁଏ। ଏହି କ୍ରମରେ ରବିବାର ୨୫.୧.୨୬ ତାରିଖ ଦିନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥର ମଞ୍ଚ ଯାଇଥିଲା ବଲାଙ୍ଗିର ଜିଲ୍ଲାର ଲାଠୋର ସହରକୁ। ବିଶେଷ ଆୟୋଜନ ଥିଲା ମହିୟସୀ ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ମାସ ଉପଲକ୍ଷେ। ପୂର୍ବତନ ଆୟକର ଆୟୁକ୍ତ ଶ୍ରୀକାନ୍ତ ଚଟର୍ଜୀ ଏହି ସଭାରେ ସଭାପତିତ୍ୱ କରିଥିଲେ। ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ କଣ୍ଟାବାଞ୍ଜିର ଅଧ୍ୟାପକ ଜିତେନ୍ଦ୍ର ସୁନା ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଯୋଶୀ ଓ ଶିକ୍ଷୟିତ୍ରୀ ନୀଳିମା ରାଣୀ ସାଗର ଆଲୋଚ୍ୟ ବିଷୟରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ବୈଠକରେ ଖଡ଼ିଆଳ ତଥା ଲାଠୋର ସହରର ବହୁସଂଖ୍ୟକ ବୁଦ୍ଧିଜୀବୀ, ଛାତ୍ର/ଛାତ୍ରୀ ଉପସ୍ଥିତ ରହି ପ୍ରଶ୍ନ ଉତ୍ତରରେ ସକ୍ରିୟ ଯୋଗଦାନ କରିଥିଲେ। ଅଧ୍ୟାପକ ସାମୁଏଲ ଦାନୀ, ସର୍ବଶ୍ରୀ କାର୍ତ୍ତିକ ବାଗ,ନନ୍ଦ କିଶୋର ପ୍ରଧାନୀ, ଭଗତ ସିଂହ, କିଶୋର ବାଗ, ଆଦିତ୍ୟ ପଣ୍ଡା, ଶଶୀକାନ୍ତ ଖମାରି, ଛନ୍ଦାଚରଣ ଦଣ୍ଡସେନା, ଭାନୁ ସୁନାନୀ, ଠାକୁର ଦାସ ମହାନନ୍ଦ ପ୍ରମୁଖ ଖଡ଼ିଆଳରୁ ତଥା ଅନେକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଲାଠୋରରୁ ଉପସ୍ଥିତ ଥିଲେ। ସୁଶାନ୍ତ ବିଶି ଧନ୍ୟବାଦ ପ୍ରଦାନ କରିଥିଲେ।

## ଅସୁରଗଡ ଲୋକ ମହୋତ୍ସବ

# ଲୋକ ନୃତ୍ୟ ସଙ୍ଗୀତରେ ଝଲସିଲା ମଞ୍ଚ




କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଠାରେ ତେଲନଦୀ କୂଳରେ ରବିବାର ତୃତୀୟ ଅସୁରଗଡ଼ ଲୋକ ମହୋତ୍ସବ ଉଦଘାଟିତ ହୋଇଯାଇଛି । ସକାଳେ ଇଷ୍ଟଦେବୀ ମା କଂକାଳୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ହୋଇଥିଲା । ସଂନ୍ଧ୍ୟାରେ କମିଟି ସଭାପତି ଆଶିଷ କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ସରକାର ଙ୍କ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନୀତ ଅତିଥି ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୌଦ୍ଧ ଜିଲ୍ଲାପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି,ସୁଧିର ମହାକୁଡ଼ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ସେହିପରି ପାଞ୍ଚଦିନ ଧରି ହେବାକୁଥିବା ମହୋତ୍ସବର ସୋମବାର ଦ୍ୱିତୀୟ ଦିବସର ସାଂସ୍କୃତିକ ସଭାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ସମ୍ବଲପୁରର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ଇଂ. ରାକେଶ କୁମାର ତ୍ରିପାଠୀ, ମନମୁଣ୍ଡା ସରପଞ୍ଚ ପ୍ରତିନିଧି ସମିତ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ । କମିଟି ସଭାପତି ଆଶିଷ କୁମାର ସାହୁ ସଭାକୁ ସଭାପତିତ୍ୱ କରିଥିଲେ । କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ପାଇଁ ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ ।

# କଲମ ପକ୍ଷରୁ ସ୍ମରଣିକା ସୋର୍ ସୁରତା ଉନ୍ମୋଚିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଗଣତନ୍ତ୍ର ଦିବସ ଅବସରରେ କଲମ ପରିବାର ପକ୍ଷରୁ ସ୍ମରଣିକା ସୋର୍ ସୁରତା ଉନ୍ମୋଚିତ ହୋଇଯାଇଛି । ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଜୁତ ମଜୁମଦାରଙ୍କ ବିୟୋଗରେ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଜର୍ନାଲିଷ୍ଟ ଆସୋସିଏସନ୍ ସଭାପତି ସୁଭାଷ ପାଣିଗ୍ରାହୀ ମୁଖ୍ୟ ଅତିଥି ଯୋଗ ଦେଇ ନିଷ୍ଠାର ସହ କାର୍ଯ୍ୟ କଲେ ସଫଳତା ମିଳେ ବୋଲି କହିଥିଲେ । ଉପସଭାପତି ଜୟକୃଷ୍ଣ ବେହେରା, ସହ ସମ୍ପାଦକ ଡ. ସତ୍ୟନାରାୟଣ ଠାକୁର, ପରାମର୍ଶଦାତା ଡ. ପ୍ରିୟବ୍ରତପଣ୍ଡା, ସୁହଂସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୩ୟ ସମ୍ବଲପୁରୀ ବହି ହାଟର ସ୍ମରଣିକା ସୋର୍ ସୁରତା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶେଷରେ ଦେଶାତ୍ମବୋଧକ ଗୀତ ଓ କବିତା ଆସର ଅନୁଷ୍ଠିତ ହୋଇଥିଲା । ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାରଣାସ୍ତ୍ର ଦେଖାଇ ତିନି ଲକ୍ଷ ଟଙ୍କା ଲୁଟ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହେଲେ ଲୁଟେରା। ଥାନା ଠାରୁ ଅତି ନିକଟ ଜାତୀୟ ରାଜପଥ କଡ କୁ ଲାଗି ରହିଥିବା ଏକ ଘରେ ରାତ୍ରି ୧୦.୩୦ ରେ ମାରଣାସ୍ତ୍ର ଦେଖାଇ ୩ ଲକ୍ଷ ଟଙ୍କା ଏବଂ ସୁନା ମୁଦି ଲୁଟି ନେଇଛନ୍ତି ୪ଜଣ ଦୁର୍ବୃତ୍ତ। ଘଟଣା ସମ୍ପର୍କରେ ପୋଲିସକୁ କହିଲେ ଜୀବନରେ ମାରିଦେବା ନେଇ ଘରମାଲିକଙ୍କୁ ଧମକ ଦିଆଯାଇଛି। ବୋରିଗୁମ୍ମା ଅଞ୍ଚଳର ଜଣେ ବ୍ୟବସାୟୀ ଟି.ଗୁରୁମୂର୍ତ୍ତିଙ୍କ ଘରେ ଡକାୟତି ହୋଇଛି। ଯାହାକି ବୋରିଗୁମ୍ମା ପୋଲିସ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଗତ କିଛି ଦିନ ପୂର୍ବରୁ ବୋରିଗୁମ୍ମା ସହରର ନବରଙ୍ଗପୁର ରୋଡକୁ ଲାଗି ରହିଥିବା ରାଜେଶ୍ୱରୀ ପାଢ଼ୀଙ୍କ ଘରେ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ପଶିଥିଲେ । ଘରେ ଥିବା ଚାରି ତୁଳାରୁ ଉର୍ଦ୍ଧ ସୁନା ଅଳଙ୍କାର ନେବା ସହ ନଗଦ ୨ ଲକ୍ଷ ଟଙ୍କା ଚୋରି ହୋଇଥିଲା। ସେହି ଘଟଣାର ବୋରିଗୁମ୍ମା ପୋଲିସକୁ କୌଣସି ସୁଫଳ ମିଳି ନଥିବା ବେଳେ ସୋମବାର ରାତି ପୁଣି ଆଉ ଏକ ଘରୁ ଡକାୟତି ଘଟଣା ପୋଲିସ ପାଇଁ ଚିନ୍ତାର କାରଣ ସାଜିଛି। ଏନେଇ ବ୍ୟବସାୟୀ ଟି. ଗୁରୁମୂର୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ଲିଖିତ ଅଭିଯୋଗକୁ ଗ୍ରହଣ କରି କେସ ନମ୍ବର ୧୬/୨୬.୦୧.୨୬ରୁଜୁ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ତେବେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ରାମାନନ୍ଦ ସାହୁଙ୍କ ପାଇଁ ଏହା ଏକ ଚ୍ୟାଲେଞ୍ଜ ପାଲଟିଛି। ତେବେ ଖୁବଶୀଘ୍ର ଡକାୟତ ମାନଙ୍କୁ ଧରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

## ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି । ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରତିଯୋଗିତାକୁ ଉଦ୍ଘାଟିତ କରିଥିଲେ । ସେହିପରି ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳି ତଥା ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗିତାର ପ୍ରଥମ ଦିନରେ ଦୁଇ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ କୁଚିଣ୍ଡା ଏଫ୍ସି ଓ ବଲାଙ୍ଗିର ମହାରାଜା -୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ କୁଚିଣ୍ଡା ଦଳ ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା । ଖେଳକୁ ଦେବାଶିଷ ବାଗ, ସୁଦର୍ଶନ ସେଠ, ଶୁଶାନ୍ତ ନାଗ ଓ ଦୋଳ ଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ । ଏହି ପ୍ରଥମ ଖେଳରେ କୁଚିଣ୍ଡା ଦଳର କରନ କୁଜୁର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଅର୍ଜନ କରି ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚଟି ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣି ଓ ଅଲଣ୍ଡା ଏଫ୍ସି ରାଉରକେଲା ମଧ୍ୟରେ ହୋଇଥିଲା। ରୋମାଞ୍ଚକର ଦେଢଘଣ୍ଟା ଖେଳ ପରେ ମଧ କେହି କାହାକୁ ଗୋଲ ଦେଇ ପାରିନଥିଲେ । ଫଳରେ ଟ୍ରାଇବ୍ରେକର ସଡନଡେଥ୍ ରେ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣି ଦଳ ବିଜୟୀ ହୋଇଥିଲେ । ଖେଳକୁ ଦୋଳ ଗୋବିନ୍ଦ ମୁଣ୍ଡା, ବିକି ବିଶି, ସଂଜନ କୁମାର କୁଦେଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ। ଦ୍ୱିତୀୟ ଖେଳ ରେ ଫୁଲବାଣି ଦଳର ଗୋଲ କିପର ରମେଶ ହମ୍ବ୍ରମ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ମଂଚାସିନ ଅତିଥିମାନଙ୍କ ମଧ୍ୟରେ ଫାଓ ସଭାପତି ଡ.ଶ୍ରୀକର ମିଶ୍ର, କ୍ରୀଡା ସାଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ପ୍ରତିଯୋଗିତାର କାର୍ଯ୍ୟକାରୀ ସଭାପତି ବିଧୂଭୂଷଣ ସଭାପତି, ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ, ସଂପାଦକ ସାଗର ସଂଗମ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବଲାଙ୍ଗିର ବିଧାୟକ ତଥା ଜାତୀୟ ରାଇଫଲ ଏସୋସିଏସନର ସଭାପତି କଳିକେଶ ନାରାୟଣ ସିଂଦେଓଙ୍କ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମ୍ୟାଚ କମିଶନର ଶରତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା ହୋଇଥିବା ବେଳେ ମଂଚ ସଂଚାଳନ କରିଥିଲେ ଜିଲ୍ଲା କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା । ଫୁଟବଲ ଦେଖିବା ପାଇଁ ଫୁଟବଲ ପ୍ରେମୀଙ୍କ ଜୋରଦାର ଭିଡ ଦେଖିବାକୁ ମିଳିଥିଲା ।

# ସମ୍ବଲପୁର ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡ ଠାରେ ସମ୍ବଲପୁର ଜିଲ୍ଲାସ୍ତରୀୟ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ସମବେତ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ଏହି ଦିବସ ସ୍ମୃତି, ସଂକଳ୍ପ ଓ ଆତ୍ମ ସମୀକ୍ଷାର ଦିବସ । ଧର୍ମ ନିରପେକ୍ଷତା ଭାରତୀୟ ସଂସ୍କୃତିର ଆତ୍ମା । ଏକତା ଓ ଅଖଣ୍ଡତା ଆମର ବଡଶକ୍ତି । ଏହି ମହାନ ପରମ୍ପରାକୁ ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । ଆମ ସମ୍ବିଧାନ ଆମ ବିଧି ବ୍ୟବସ୍ଥାର ଭିତ୍ତିଭୂମି ନିର୍ଦ୍ଧାରଣ କରୁଛି, ଯେଉଁଥିରେ ଦେଶବାସୀଙ୍କ ଅଭିଳାଷ, ଆଶା ଓ ଆକାଂକ୍ଷା ପ୍ରତିଫଳିତ ହେଉଛି । ଏହାପରେ ବିଭିନ୍ନ ବିଭାଗର ସଚେତନତା ଧର୍ମୀ ପ୍ରଜ୍ଞାପନ ମେଢ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେ ସମ୍ବଲପୁର ମଣ୍ଡଳ କାରାଗାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଦୁର୍ଗାପାଲି ସ୍ଥିତ ଦୟାମଣି ଜରା ନିବାସର ଅନ୍ତେବାସୀଙ୍କୁ ମିଷ୍ଟାନ ଏବଂ ଫଳବଣ୍ଟନ କରାଯାଇଥିଲା । ଓଡିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଯୋଗ ଦେଇଥିଲେ । ପ୍ରଜ୍ଞାପନ ମେଢରେ ଆଞ୍ଚଳିକ ପରିବହନ ବିଭାଗ ପ୍ରଥମ, ଏସ୍ଏମ୍ସି ପରିମଳ ବିଭାଗ ଦ୍ୱିତୀୟ ଓ ଡିପିସି ସମଗ୍ର ଶିକ୍ଷାର ବିକଶିତ ଭାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ୟାରେଡରେ ୩୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସିନିୟର ବିଭାଗରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନାଭାଲ ୱିଙ୍ଗ ୧ମ, ଜୁନିୟର ବର୍ଗରେ ସୈନିକ ସ୍କୁଲ ଏନ୍ସିସି ବାଳକ ପ୍ରଥମ ଓ ସେଣ୍ଟ ଜୋସେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସିଭିଲିଆନ ବର୍ଗରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ, ସେଣ୍ଟ ଜୋସେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ, ସିଭିଲିଆନ ପୋଲିସ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଏବଂ ସିଭିଲିଆନ ହିନ୍ଦି ହାଇସ୍କୁଲକୁ ସାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି । ସକାଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର କରାଯାଇଥିଲା । ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର କମିଶନର ରେହାନ ଖତ୍ରୀ, ସଦର ଉପଜିଲ୍ଲାପାଳ ଡା.ପୁଷ୍ପାଞ୍ଜଳି ପଣ୍ଡା ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଉପସ୍ଥିତ ଥିଲେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୨)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣା-**
**ନ୍ୟନ୍ୟାନି ସଂଯାତି ନବାନି ଦେହୀ ॥ ୨୨ ॥**
(ନବାନି (ବାସାଂସି) ଗୃହ୍ଣାତି, ତଥା ଦେହୀ (ଆତ୍ମା) ଜୀର୍ଣ୍ଣାନି ( ବିଶୀର୍ଣ୍ଣାନୀ) ଶରୀରାଣି ବିହାୟ ଅନ୍ୟାନି ନବାନି (ନୂତନାନି) (ଶରୀରାଣି)) ସଂଯାତି (ପ୍ରାପ୍ନୋତି) ॥ ୨୨ ॥

# ଭୁବନେଶ୍ୱର ମହାନଗର ନିଗମର ନିଷ୍କ୍ରିୟତା

ଭୁବନେଶ୍ୱର ସ୍ମାର୍ଟସିଟିର ଜନସଂଖ୍ୟା ଏବେ ୧୨ ଲକ୍ଷ ୬୬ ହଜାର ବୋଲି ଆକଳନ କରାଯାଇଛି । ଗତ ୨୦୧୧ ଜନଗଣନା ସମୟରେ ଏହାର ଜନସଂଖ୍ୟା ୮ ଲକ୍ଷ ୪୩ ହଜାର ୪୦୨ ଥିଲା । ଭୁବନେଶ୍ୱର ଯେତେବେଳ ଆରମ୍ଭ ହେଲା, ଅଳ୍ପ ଜନସଂଖ୍ୟା ବିଶିଷ୍ଟ ଲୋକଙ୍କୁ ଆଖି ଆଗରେ ରଖି ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ଅନେକ ଭୁବନେଶ୍ୱରରେ ରାଜଧାନୀ ହେଉ ବୋଲି ଚାହୁଁ ନଥିଲେ, ମାତ୍ର ସ୍ୱର୍ଗୀୟ ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟି ଓ ଉଦ୍ୟମ ଯୋଗୁଁ ଭୁବନେଶ୍ୱରକୁ 'ନିଉ କ୍ୟାପିଟାଲ' ଭାବରେ ନିର୍ମାଣ କରାଯାଇଥିଲା । ୧୯୪୮ ଏପ୍ରିଲ ୧୩ ତାରିଖରେ ତତ୍କାଳୀନ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଡାକି ଆଣି ଏହାର ସେ ଶୁଭ ଦେଇଥଲେ । ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବା ପରେ ଭାରତ ସରକାର ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ନିର୍ମାଣ ସକାଶେ ମାତ୍ର ୩୦ ଲକ୍ଷ ଟଙ୍କା ମଞ୍ଜୁର କରିବାକୁ ଚାହିଁଥିଲେ । ମାତ୍ର ଅନ୍ତତଃ ଦୁଇ କୋଟି ଟଙ୍କା ନ ହେଲେ ନୂଆ ରାଜଧାନୀ ନିର୍ମାଣ ସମ୍ଭବ ନୁହେଁ ବୋଲି ଡଃ ମହତାବ ଜାଣିବା ପରେ କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କରି ସେ ଅଧିକ ଅର୍ଥ ମଞ୍ଜୁର କରାଇ ପାରିଥିଲେ । ଉଲ୍ଲେଖନୀୟ ଘଟଣା ଥିଲା ଯେ ସେତେବେଳେ ଅନ୍ୟ ରାଜ୍ୟମାନେ ରାଜଧାନୀ ନିର୍ମାଣ ପାଇଁ କେନ୍ଦ୍ରରୁ ଋଣ ଆଣୁଥିଲାବେଳେ ଭୁବନେଶ୍ୱରକୁ ରାଜଧାନୀ ନିର୍ମାଣ ପାଇଁ କେନ୍ଦ୍ର ସରକାର ଗ୍ରାଣ୍ଟ ବା ଅନୁଦାନ ଦେଇଥିଲେ । ଅନୁଦାନ ମିଳିବା କ୍ଷେତ୍ରରେ ସେତେବେଳେ ଓଡ଼ିଶା ହିଁ ଭାରତର ଏକମାତ୍ର ରାଜ୍ୟ ଥିଲା ।

ଭୁବନେଶ୍ୱର ଆରମ୍ଭ ହୋଇଥିବା ଘଟଣା ଚିନ୍ତା କଲେ ଏବର ପରିସ୍ଥିତିରେ ରାଜଧାନୀ ଯାହା ସ୍ମାର୍ଟ ସିଟି ବୋଲି କୁହାଯାଉଛି, ତାହା ବହୁ ପଛରେ ପଡ଼ିଥିବା ପରି ମନେ ହେଉଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ରାଜଧାନୀର ବିକାଶ ପ୍ରକ୍ରିୟା ଠିକ୍ ଭାବେ ନଥିଲା କି ହୋଇ ପାରୁ ନାହିଁ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସି ଭୁବନେଶ୍ୱରରେ ବସବାସ କରୁଥିବା ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ । କେବଳ ବଡ଼ବଡ଼ିଆ ଲୋକେ ରହିବା ପାଇଁ ଏ ସହର ନିର୍ମିତ ହୋଇ ନଥିଲା, ସବୁ ଶ୍ରେଣୀର ଲୋକେ ସୁବିଧାରେ କିପରି ବସବାସ କରିପାରିବେ ସେଥିପାଇଁ ଦୃଷ୍ଟି ଦିଆଯାଇ ନାହିଁ । ଏବର ଦେଢ଼ ବର୍ଷାଧିକ ନୂତନ ସରକାର ସେ ଦିଗରେ ଉଦ୍ୟମ କରିବା ଉଚିତ ।

ଭୁବନେଶ୍ୱର ମହାନଗର ନିଗମରେ ଟ୍ରାଫିକ ସମସ୍ୟାର ସମାଧାନ କରାଯାଇ ପାରୁନାହିଁ । କେବଳ ହେଲମେଟ୍ ଯାଞ୍ଚ କରିଦେଲେ ବା ପ୍ରଦୂଷଣ ପାଇଁ ଜରିମାନା ଆଦାୟ କରିଦେଲେ କିମ୍ବା ରାଜସ୍ୱ ଆଦାୟ ପାଇଁ ଦ୍ରୁତଗତିରେ ଗାଡ଼ି ଚାଳନା କରୁଥିଲେ ମଧ୍ୟ ଜରିମାନା ମିଛରେ ଆଦାୟ କରାଯିବା କିମ୍ବା ମିଛରେ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବା ପ୍ରଭୃତି ଘଟଣାରେ ରାଜ୍ୟର ନୂତନ ସରକାରଙ୍କୁ ବଦନାମ ମୁଣ୍ଡାଇବାକୁ ପଡୁଛି । ମହାନଗର ନିଗମ କର୍ତ୍ତୃପକ୍ଷଙ୍କର ଏ ସବୁ ପ୍ରତି ନିଘା ନାହିଁ । ଲୋକେ ଭଲରେ କିପରି ରହିବେ ସେଥିପାଇଁ ଚିନ୍ତା ନାହିଁ । କେବଳ ବଡ଼ ବଡ଼ ଦୋକାନୀ ବା ବ୍ୟବସାୟୀଙ୍କୁ ମହାନଗର ନିଗମ ସୁବିଧା ଦେଇ ଭୁବନେଶ୍ୱରର ମୁଖ୍ୟ ଓ ଆଭ୍ୟନ୍ତରୀଣ ରାସ୍ତା ସବୁକୁ ସତେ ଯେପରି ଅଣଓସାରିଆ ରାସ୍ତାରେ ପରିଣତ କରାଯାଇଛି । ଫଳରେ ରାସ୍ତା ଦୁର୍ଘଟଣା ବଢ଼ି ଚାଲିଛି । ଅନେକ ଧନ ଓ ଜୀବନ ଅଯଥାରେ ଚାଲି ଯାଉଛି ।

କେତେକ ବ୍ୟବସାୟୀ ଯେପରି ଏବେ ବି ପଲିଥିନ ପ୍ରଭୃତି ବ୍ୟବହାର କରିବାଦ୍ୱାରା ଏକ ନମ୍ବର ୟୁନିଟରେ ଥିବା ହାଟରେ ଅଗ୍ନିକାଣ୍ଡ ଘଟିଲା ଓ ଅନେକେ ଦୁର୍ଘଟଣାର ଶିକାର ହେଲେ, ତାହା ଦୁଃଖ ଓ ଲଜ୍ଜାର ଘଟଣା । ଏପରିକି ହାଟକୁ ଲାଗିଥିବା କ୍ୟାପିଟାଲ ଥାନାର ଅନେକ ଜରୁରୀ ଦ୍ରବ୍ୟ ମଧ୍ୟ ଜଳିପୋଡି ନଷ୍ଟ ହୋଇ ଯାଇଥିବା କୁହାଯାଉଛି । ଏବେ ମଧ୍ୟ ଦୁଇ ନମ୍ବର ୟୁନିଟରେ ଅସ୍ଥାୟୀ ଦୋକାନୀମାନେ ଯେପରି ପ୍ଲାଷ୍ଟିକ ଓ ତଲାଇ ଛପର ବା କାନ୍ଥ କରିଛନ୍ତି ଏବଂ ବିଦ୍ୟୁତ ତାର ସବୁ ସେପଟେ ମୁଣ୍ଡ ଉପରେ ଟଣାଯାଇ ବନ୍ଧା ଯାଇଛି, ତାହା ନିକଟସ୍ଥ ସରକାରୀ ବାସଭବନ ପ୍ରତି ବିପଦ ସୃଷ୍ଟି କରିଛି । ମହାନଗର ନିଗମ ସେମାନଙ୍କଠାରୁ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବେ ହୁଏତ ଅର୍ଥ ଆଦାୟ କରୁଥିବେ ।

ଟାଟାର ବିଦ୍ୟୁତ ସରବରାହ ସଂସ୍ଥା ମଧ୍ୟ ସେହିପରି ଅର୍ଥ ପାଉଥିବେ । ମାତ୍ର ଭବିଷ୍ୟତରେ ତାହା ହିଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି । ୟୁନିଟ ଦୁଇ ଅଞ୍ଚଳର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ କଂଜର୍ଭେନସି ଗଳି (ବାସଗୃହ ପଛପଟେ) ନାଳ ନର୍ଦ୍ଦମା ଓ ପାଇପ ଲାଇନ ବିଛା ହୋଇଥିଲେ ମଧ, ଦୋକାନୀମାନେ ତାହାକୁ ଜବରଦଖଲ କରି ରହିଛନ୍ତି, ଫଳରେ ତା' ଭିତରେ ପ୍ରବେଶ କରିବାକୁ ବାଟ ନାହିଁ । ଭୁବନେଶ୍ୱର ମହାନଗର ନିଗମ ଓ ବିଦ୍ୟୁତ ସରବରାହ କର୍ତ୍ତୃପକ୍ଷ ସେ ଦିଗରେ ଦୃଷ୍ଟି ଦେବା ଉଚିତ । ଅଳିଆ ଆବର୍ଜନା ଯୋଗୁଁ ଆମର ପ୍ରଦୂଷଣ ମାତ୍ରା ମଧ୍ୟ ବଢୁଛି । ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ।

## ଭକ୍ତିର ବିସ୍ମୟ


**ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିରେଣୁ ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାମ୍ରାଜ୍ୟବାଦୀ ଆକ୍ରମଣର ଘେରରେ ଭେନେଜୁଏଲା



**ଲଲାଟେନ୍ଦୁ ସାମନ୍ତରାୟ**

ଗତ କିଛି ଦିନ ଧରି ଆମେରିକାର ସାମରିକ ବାହିନୀ ସମୁଦ୍ର ଓ ଆକାଶପଥରେ ଭେନେଜୁଏଲାକୁ ଅବରୋଧ କରି ରଖିଛି ଏବଂ ତାହାର ରାଜଧାନୀ କାରାକାସ୍ ସହିତ ଦେଶର ଅନ୍ୟାନ୍ୟ ସହରର ସାଧାରଣ ଜନବସତି ଉପରେ ବୋମାମାଡ଼ କରୁଛି । ଏହି ସାମରିକ ଆକ୍ରମଣର ଚୂଡ଼ାନ୍ତ ପର୍ଯ୍ୟାୟ ଭାବେ ୩ ଜାନୁଆରୀ ୨୦୨୬ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ଭେନେଜୁଏଲାର ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ୍ ମାଡୁରୋ ଓ ତାଙ୍କ ପତ୍ନୀଙ୍କୁ ବଳପୂର୍ବକ ଅପହରଣ କରି ଆମେରିକାକୁ ନେଇଯାଇଛି, ମାଡୁରୋଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ଆମେରିକାର ମ୍ୟାନହ୍ୟାଟାନ୍ ଫେଡେରାଲ ଅଦାଲତରେ ତାଙ୍କର ବିଚାରର ପ୍ରହସନ ଚାଲିଛି । ସାମରିକ ଅବରୋଧ, ସାଧାରଣ ନାଗରିକ ଉପରେ ବୋମାମାଡ଼ ଏବଂ ରାଷ୍ଟ୍ରପତିଙ୍କ ଅପହରଣ ଦ୍ୱାରା ଚିହ୍ନିତ ବଲିଭାରିଆନ୍ ରିପବ୍ଲିକ୍ ଅଫ୍ ଭେନେଜୁଏଲା ବିରୋଧରେ ଆମେରିକାର ଏହି ସାମ୍ରାଜ୍ୟବାଦୀ ଆକ୍ରମଣର କ'ଣ ହୋଇପାରେ ?

ଏହା ଆମେରିକୀୟ ସାମ୍ରାଜ୍ୟବାଦ ଓ ତାହାର ସହଯୋଗୀମାନଙ୍କ ଦ୍ୱାରା ଏକ ସାର୍ବଭୌମ ରାଷ୍ଟ୍ରକୁ ବଶୀଭୂତ କରିବା ପାଇଁ ଦୀର୍ଘଦିନ ଧରି ଯୋଜନାବଦ୍ଧ ଓ ସଂଗଠିତ ଭାବେ ଚାଲିଥିବା ଅଭିଯାନର ଏକ ସ୍ୱାଭାବିକ ପରିଣତି । ସମାଲୋଚକମାନେ କହିଛନ୍ତି ଯେ ଭେନେଜୁଏଲାର ସାର୍ବଭୌମତ୍ୱ ଓ ଆନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରି ଆମେରିକା କରିଥିବା ଏହି ଆଇନହୀନ, ବଳପୂର୍ବକ ଆକ୍ରମଣକୁ ସାମ୍ରାଜ୍ୟବାଦର ଆକ୍ରମଣ ବୋଲି ଅଭିହିତ କରିଛନ୍ତି । ଭେନେଜୁଏଲା ହେଉଛି ସେହି ରାଷ୍ଟ୍ର, ଯିଏ ନିଜର ଶାସନ ବ୍ୟବସ୍ଥା ଓ ବିକାଶ ପଥକୁ ସ୍ୱାଧୀନ ଭାବେ ନିର୍ଦ୍ଧାରଣ କରିବାର ସାହସ ଦେଖାଇଛି ଏବଂ ଆମେରିକୀୟ ଆଧିପତ୍ୟ ନିକଟରେ ଆତ୍ମସମର୍ପଣ କରିବାକୁ ଅସ୍ୱୀକାର କରିଛି ।

ସିଧାସଳଖ ସାମରିକ ଆକ୍ରମଣ ହେଉ କିମ୍ବା ସାମ୍ରାଜ୍ୟବାଦୀଙ୍କ ବୋଲକରାମାନଙ୍କ ମାଧ୍ୟମରେ ହେଉ, ଏପରି ସାମ୍ରାଜ୍ୟବାଦୀ କାର୍ଯ୍ୟଗୁଡ଼ିକୁ କେବଳ ଭେନେଜୁଏଲାର ଆଭ୍ୟନ୍ତରୀଣ ଘଟଣା ବୋଲି ଦେଖାଯାଇ ନପାରେ ବରଂ ଏହାକୁ ବର୍ଷ ବର୍ଷ ଧରି ଚାଲିଥିବା ଅର୍ଥନୈତିକ ଯୁଦ୍ଧ, ରାଜନୈତିକ ଅସ୍ଥିରତା, ସାମ୍ରାଜ୍ୟବାଦୀ ଷଡଯନ୍ତ୍ର ଓ ସାମରିକ ଧମକର ଏକ ସଂଘଟିତ ପରିଣାମ ବୋଲି ବୁଝିବାକୁ ହେବ । ଏହି ଉତ୍ତେଜନା ଭେନେଜୁଏଲାର ସଂବିଧାନିକ ବ୍ୟବସ୍ଥାକୁ ଧ୍ୱଂସ କରିବ ।

ଆଉ ଏକ ଦିଗରୁ ବିଚାର କଲେ ଦେଖାଯାଏ ଆମେରିକାର ବର୍ତ୍ତମାନର ଅର୍ଥନୈତିକ ମାନ୍ଦାବସ୍ଥା ମଧ୍ୟ ଏହି ଆକ୍ରମଣକୁ ତ୍ୱରାନ୍ୱିତ କରିଛି । ଡୋନାଲ୍ଡ ଟ୍ରମ୍ପଙ୍କ ଶାସନକାଳରେ ଅର୍ଥନୈତିକ ମାନ୍ଦାବସ୍ଥା, ଶୁଳ୍କ ନୀତି ଓ ବାଣିଜ୍ୟିକ ଯୁଦ୍ଧ ଫଳରେ ଆମେରିକାର ଆଭ୍ୟନ୍ତରୀଣ ବଜାର ଓ ଅର୍ଥନୀତି ଅଧିକ ଦୁର୍ବଳ ହୋଇଛି । ଏହା ସହ ଦେଶ ମଧ୍ୟରେ ବେକାରୀ ବଢ଼ିଛି, ମୋଟ ଘରୋଇ ଉତ୍ପାଦନ (GDP) ଅଭିବୃଦ୍ଧି ହ୍ରାସ ପାଇଛି ଏବଂ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଟ୍ରମ୍ପଙ୍କ ଶାସନବ୍ୟବସ୍ଥା ଗଭୀର ଗଠନାତ୍ମକ ଅର୍ଥନୈତିକ ସମସ୍ୟାଗୁଡ଼ିକୁ କାର୍ଯ୍ୟକାରୀ ଭାବରେ ସମାଧାନ କରିବାରେ ବିଫଳ ହୋଇଛି । ବିଶ୍ୱ ବଜାରରେ ଡଲାରର ପ୍ରଭୁତ୍ୱକୁ ଚାଲେଞ୍ଜ କରି ଅନେକ ଦେଶ ନିଜ ନିଜ ମୁଦ୍ରାରେ ବାଣିଜ୍ୟ କରିବା ଆରମ୍ଭ କରିଛନ୍ତି, ଯାହା ଡଲାରର ସ୍ଥାନକୁ ଅସ୍ଥିର କରୁଛି । ଦେଶଭିତରେ ବଢୁଥିବା ରାଜନୈତିକ ଚାପର ସମ୍ମୁଖୀନ ହୋଇ ଏବଂ ଏହି ସମସ୍ୟାରୁ ସାଧାରଣ ଲୋକଙ୍କ ଧ୍ୟାନକୁ ହଟାଇବା ପାଇଁ, ଆମେରିକୀୟ ସାମ୍ରାଜ୍ୟବାଦ ଭେନେଜୁଏଲା ପରି ଦେଶ ଉପରେ ଆକ୍ରମଣାତ୍ମକ ନୀତି ଆପଣାଇଛି । ଏହି ଆକ୍ରମଣ କେବଳ ଭୌଗୋଳିକ ଓ ରାଜନୈତିକ ପ୍ରଭୁତ୍ୱ ପ୍ରଦର୍ଶନ ନୁହେଁ, ବରଂ ଆଭ୍ୟନ୍ତରୀଣ ଅର୍ଥନୈତିକ ବିଫଳତାକୁ ଢାଙ୍କିବାର ଏକ ବିଭ୍ରାନ୍ତିକର ଓ ସାମ୍ରାଜ୍ୟବାଦୀ କୌଶଳ ଭାବେ ଦେଖାଯାଇଛି ।

ମିଳିତ ଜାତିସଂଘ ସନନ୍ଦର ଖୋଲାଖୋଲି ଉଲ୍ଲଂଘନ କରି ଘଟିଥିବା ଏହି ଆକ୍ରମଣ ତୃତୀୟ ବିଶ୍ୱର ସ୍ୱାଧୀନ ରାଷ୍ଟ୍ରମାନଙ୍କ ଉପରେ ଆମେରିକୀୟ ସାମ୍ରାଜ୍ୟବାଦର ଆଧିପତ୍ୟ ଲଦିଦେବା ରଣନୀତିକୁ ଉଦ୍ଘାଟିତ କରେ । ଏହି ପ୍ରକାରର କ୍ରମବର୍ଦ୍ଧମାନ ସାମ୍ରାଜ୍ୟବାଦୀ ଆକ୍ରମଣଗୁଡିକୁ ଏକ ବ୍ୟବସ୍ଥିତ ସାମ୍ରାଜ୍ୟବାଦୀ ରଣନୀତି ଭାବରେ ବୁଝିବା ଆବଶ୍ୟକ ଯାହା ଆମେରିକାର ଆଧିପତ୍ୟ ନିକଟରେ ଆତ୍ମସମର୍ପଣ କରିବାକୁ ମନା କରିଥିବା ଏକ ସ୍ୱାଧୀନ ତୃତୀୟ ବିଶ୍ୱର ରାଷ୍ଟ୍ରର ସାର୍ବଭୌମତ୍ୱକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ । ଆମେରିକାର ଜାତୀୟ ସୁରକ୍ଷା ରଣନୀତି, ୨୦୨୫ ପ୍ରକାଶ ପାଇବାର କିଛି ଦିନ ପରେ ଏହି ଘଟଣାଗୁଡ଼ିକ ଏକଥା ସ୍ପଷ୍ଟ କରେ ଯେ ଆମେରିକୀୟ-ସାମ୍ରାଜ୍ୟବାଦ ସମଗ୍ର ବିଶ୍ୱ ଉପରେ ନିଜର ଆଧିପତ୍ୟ ଲଦି ଦେବାକୁ ଚାହୁଁଛି, ଏଥିପାଇଁ ଯଦି ଆବଶ୍ୟକ ହୁଏ, ସାମରିକ ଆକ୍ରମଣ କରିବାକୁ ମଧ୍ୟ ପଛେଇବ ନାହିଁ ।

ବିଶ୍ୱ ରାଜନୈତିକ ଅର୍ଥନୀତିରେ ଭେନେଜୁଏଲା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଦକ୍ଷିଣ ଆମେରିକାର ଉତ୍ତର ଭାଗରେ ଅବସ୍ଥିତ ଭେନେଜୁଏଲା ହେଉଛି ବିପୁଳ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଏକ ଦେଶ, ବିଶେଷ କରି ବିଶ୍ୱର ସର୍ବବୃହତ ପ୍ରମାଣିତ ତୈଳ ଭଣ୍ଡାର, ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍, ଖଣିଜ ଏବଂ କୃଷି ସମ୍ପଦର ଅଧିକାରୀ ଏହି ଦେଶ ।

ତଥାପି ଏହାର ସବୁଠାରୁ ବଡ ଶକ୍ତି ହେଉଛନ୍ତି ଏହାର ଅଧିବାସୀ- ଶ୍ରମିକ, କୃଷକ, ସହରୀ ଗରିବ ଏବଂ ଆଦିବାସୀ ସମ୍ପ୍ରଦାୟର ଜନଗଣ- ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ବିଦେଶୀ ପୁଞ୍ଜିର ସେବାଦାସ ସାଜିଥିବା ଦେଶୀ ପୁଞ୍ଜିପତିମାନଙ୍କର ଏକ ଉଚ୍ଚବର୍ଗୀୟ ଅଭିଜାତ ଦଲାଲ ଶ୍ରେଣୀ (comprador elite aligned with foreign capital) ଦ୍ୱାରା ଦେଶର ସମ୍ପଦରୁ ଯୋଜନାବଦ୍ଧ ଭାବେ ବଞ୍ଚିତ ହୋଇଆସୁଥିଲେ । ଏଣୁ ଭେନେଜୁଏଲାର ଇତିହାସ ନିର୍ଭରଶୀଳ ପୁଞ୍ଜିବାଦର ସବୁଠାରୁ ବଡ ବିରୋଧାଭାସକୁ ପ୍ରତିଫଳିତ କରେ: ଗଣ-ଅଭାବ ସହିତ ସହାବସ୍ଥାନ କରୁଥିବା ବିପୁଳ ପ୍ରାକୃତିକ ସମ୍ପଦ ଅର୍ଥାତ୍ ଗୋଟିଏ ପଟେ ଦେଶର ଅପାର ସମ୍ପଦ ଏବଂ ତା'ର ବିପରୀତରେ ଅନ୍ୟ ପଟେ ଦେଶର ଜନସାଧାରଣଙ୍କ ଭୟାବହ ଅଭାବ । ଏହି ଅବସ୍ଥା ଆକସ୍ମିକ ନୁହେଁ ବରଂ ସାମ୍ରାଜ୍ୟବାଦୀ ଅନୁପ୍ରବେଶ ଏବଂ ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କ ଶ୍ରେଣୀ ସହଯୋଗ ଦ୍ୱାରା ଗଠନମୂଳକ ଭାବରେ ଏହି ଅବସ୍ଥା ସୃଷ୍ଟି ହୋଇଥିଲା ।

ଦେଶର ଜନଗଣଙ୍କୁ ଦେଶର ଧନ-ସମ୍ପତ୍ତିର ଭାଗୀଦାର ହେବାକୁ ଦିଆ ନ ଯିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରି, ଜମି, ରାଜନୀତି ଭଳି ମୌଳିକ କ୍ଷେତ୍ରରୁ ସେମାନଙ୍କୁ ବଞ୍ଚିତ କରି ରଖିବାର ପ୍ରକ୍ରିୟା ଚାଲୁ ରହିବା ଫଳରେ ଗଭୀର ସାମାଜିକ ଅସମାନତା, ଦାରିଦ୍ର୍ୟ ଏବଂ ରାଜନୈତିକ ବିମୁଖତା ତଥା ବିଚ୍ଛିନ୍ନତା ସୃଷ୍ଟି ହୋଇଛି । ଏହି ଐତିହାସିକ ଅନ୍ୟାୟରୁ ହିଁ ଲାଟିନ୍ ଆମେରିକାର ଉପନିବେଶବାଦ ବିରୋଧୀ ବଲିଭାରିଆନ୍ ଆନ୍ଦୋଳନର ଉତ୍ପତ୍ତି ଘଟିଥିଲା, ଯାହା ଭେନେଜୁଏଲାର ଲୋକଙ୍କ ସମ୍ମାନ, ସାମାଜିକ ନ୍ୟାୟ ଏବଂ ଜାତୀୟ ସାର୍ବଭୌମତ୍ୱ ପାଇଁ ସେମାନଙ୍କ ଆକାଂକ୍ଷାକୁ ସ୍ପଷ୍ଟ ରୂପ ଦେଇଥିଲା ।

ହ୍ୟୁଗୋ ଚାଭେଜ୍ କ୍ଷମତାକୁ ଆସିବା ପୂର୍ବରୁ ଭେନେଜୁଏଲା ରାଜନୈତିକ ସ୍ଥବିରତା ସହିତ ବାରମ୍ବାର ସାମାଜିକ ଅଶାନ୍ତିର ସମ୍ମୁଖୀନ ହୋଇଥିଲା । ପାରମ୍ପରିକ ଦଳଗୁଡିକ ରାଜନୈତିକ ବ୍ୟବସ୍ଥାରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ଏବଂ ସେମାନେ ଅଭିଜାତ ଉଚ୍ଚ ବର୍ଗର ସ୍ୱାର୍ଥର ସେବା କରୁଥିଲେ । ଏକଛତ୍ରବାଦୀ ଶାସକ ମାର୍କୋସ୍ ପେରେଜ୍ ଜିମେନେଜ୍‌ଙ୍କ ପତନ ପରେ ପ୍ରମୁଖ ଦକ୍ଷିଣପନ୍ଥୀ ରାଜନୈତିକ ଦଳ ଆକ୍ସିଓନ୍ ଡେମୋକ୍ରାଟିକା ଓ କ୍ରିଷ୍ଟିଆନ୍ ଡେମୋକ୍ରାଟିକ୍‌ମାନଙ୍କ ସ୍ୱାଧୀନ ନିର୍ବାଚନ ରାଜନୈତିକ ସଂଗଠନ କମିଟି (Comit de Organizaci2n Poltica Electoral Independiente- କୋପୀ ) ମଧ୍ୟରେ ଏକ କ୍ଷମତା ବଣ୍ଟନ ଚୁକ୍ତି ହୋଇଥିଲା, ସେହି ଚୁକ୍ତିର ନାମ 'ପୁଣ୍ଟୋଫିଯୋ ଚୁକ୍ତି' ଥିଲା, ଏହା ଏକ ପ୍ରଭୁତ୍ୱଶାଳୀ- ଅଭିଜାତ ସ୍ଥିତିକୁ ରକ୍ଷା କରୁଥିଲା, ଏବଂ ଦେଶର ଅଧିକାଂଶ ଜନତାଙ୍କୁ ଅର୍ଥପୂର୍ଣ୍ଣ ରାଜନୈତିକ ଅଂଶଗ୍ରହଣରୁ ବଞ୍ଚିତ କରିଥିଲା । ଏହି କାଳଖଣ୍ଡରେ ଦୁର୍ନୀତି, ଅର୍ଥନୈତିକ କୁଶାସନ ଏବଂ ଦୀର୍ଘସ୍ଥାୟୀ ଅସମାନତା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା ଓ ଜନସାଧାରଣଙ୍କ କ୍ରୋଧକୁ ଆହୁରି ଗଭୀର କରିଥିଲା ।

ଏହି ପରିବେଶରେ, ମୋଭିମିଏଣ୍ଟୋ କ୍ୱିଣ୍ଟା ରେପବ୍ଲିକା (ଏମ୍.ଭି.ଆର୍ ) ପରି ବୈପ୍ଳବିକ ସଂଗଠନ ଏବଂ ୧୯୬୦ ଦଶକର ଗରିଲା ସଂଗ୍ରାମର ଅବଶିଷ୍ଟାଂଶ ସମେତ ପୂର୍ବ ସଶସ୍ତ୍ର ବିପ୍ଳବୀ ଆନ୍ଦୋଳନ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ସାଂଗଠନିକ ଏବଂ ଆଦର୍ଶଗତ ବିଚାରଧାରାର ମୂଳଦୁଆ ପ୍ରଦାନ କରିଥିଲେ ଏବଂ ଏହାରି ବଳରେ ହ୍ୟୁଗୋ ଚାଭେଜ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହୋଇ ପାରିଥିଲେ । ଏହି ଆନ୍ଦୋଳନଗୁଡ଼ିକ ଜନସାଧାରଣଙ୍କ ଅସନ୍ତୋଷକୁ ଏକ ସୁସଙ୍ଗତ ରାଜନୈତିକ କାର୍ଯ୍ୟକ୍ରମରେ ପରିଣତ କରିଥିଲା ଯାହା ସାମାଜିକ ନ୍ୟାୟ, ସାମ୍ରାଜ୍ୟବାଦ ବିରୋଧୀ ଏବଂ ଅଂଶଗ୍ରହଣକାରୀ ଗଣତନ୍ତ୍ରକୁ ଏକତ୍ର କରିଥିଲା ।

**କ୍ରମଶଃ...**

**ମୋ-୯୪୩୮୫୫୬୧୨୯**

# ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ଜନ ଅସନ୍ତୋଷ



**ପ୍ରଦୀପ୍ତ କୁମାର ଦାସ**

ସମ୍ପ୍ରତି ରାଜ୍ୟରେ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଜାରି ଚାଲାଣ ଏବଂ ପିୟୁସିସି ତଥା ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟକୁ ନେଇ ସାଧାରଣରେ ଅସନ୍ତୋଷ ଜାରିରହିଛି । ତେବେ ରାଜ୍ୟରେ ବିଭିନ୍ନ ଯାନ ଚଳାଚଳ କ୍ଷେତ୍ରରେ ହେଉଥିବା ପ୍ରଦୂଷଣ ନିୟନ୍ତ୍ରଣ ନିମନ୍ତେ ସରକାରଙ୍କ ପକ୍ଷରୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓ ପୋଲିସ ବିଭାଗ ଦ୍ୱାରା ଏହି କଟକଣାକୁ ଏବେ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ପୂର୍ବରୁ ରାଜ୍ୟ ପରିବହନ ବିଭାଗ ଏବଂ ଟ୍ରାଫିକ୍ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏ ସମ୍ପର୍କିତ ନିର୍ଦ୍ଦେଶାବଳୀ ଏହି ଅସନ୍ତୋଷର ମୂଳ କାରଣ ହୋଇଛି । ନୂଆ ନିୟମରେ ଅପର୍ଯ୍ୟାପ୍ତ ପ୍ରସ୍ତୁତି ଓ ଅବ୍ୟବସ୍ଥା,ଚାଲାଣ ଦ୍ୱାରା ଉଚ୍ଚ ଜରିମାନା ରାଶି ପୈଠ ପାଇଁ ବାଧ୍ୟବାଧକତା, ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରଗୁଡ଼ିକରେ ଧାଡ଼ି, ବକେୟା ଥିବା ଚାଲାଣର ଦେୟ ଦାଖଲ ପାଇଁ ଆରଟିଓ ଓ ଟ୍ରାଫିକ ପୋଲିସ କାଉଣ୍ଟରରେ ଭିଡ଼ ଓ ଜାଲ ପିୟୁସି ସାର୍ଟିଫିକେଟ କେଳେଙ୍କାରୀ ଯୋଗୁଁ ଏପରି ଅଭାବନୀୟ ପରିସ୍ଥିତି ଉପୁଜିଥିବା କୁହାଯାଉଛି । ଏହା କେବଳ ସାଧାରଣ ନାଗରିକଙ୍କୁ ପ୍ରଭାବିତ କରିନାହିଁ ବରଂ ଏହାକୁ କେନ୍ଦ୍ରକରି ରାଜନୈତିକ ବିବାଦ ସୃଷ୍ଟି ହେବା ସହ ବୟାନବାଜୀ ମଧ୍ୟ ଚାଲୁରହିଛି । ଏପରିକି ଆଇନଗତ ପ୍ରକ୍ରିୟାରେ ଛନ୍ଦିହୋଇ ସରକାର ମଧ୍ୟ ଇତିମଧ୍ୟରେ କାଠଗଡ଼ା ଭିତରକୁ ଟାଣି ହୋଇଯାଇଛନ୍ତି । ପ୍ରକାଶଯୋଗ୍ୟ ଯେ ଏହାର ପୃଷ୍ଠଭୂମି ଏବଂ ନୂଆ ନିୟମର ପ୍ରବର୍ତ୍ତନ ଦିଗରେ ସରକାର ମୋଟର ଯାନ ପ୍ରଦୂଷଣ ନିୟନ୍ତ୍ରଣକୁ କଡ଼ାକଡ଼ି କରିବା ଉଦ୍ଦେଶ୍ୟରେ ୨୦୨୫ ଡିସେମ୍ବରରେ ନୂଆ ନିୟମ ଘୋଷଣା କରିଥିଲେ । ସରକାର ଏହି ନିୟମ ଅନୁସାରେ 'ନୋ ପିୟୁସିସି ନୋ ଫ୍ୟୁଏଲ୍' କଟକଣା ଜାରି କରିଥିଲେ । ତେବେ ଜାନୁଆରୀ ୧,୨୦୨୬ରୁ ବୈଧ ପିୟୁସି ସାର୍ଟିଫିକେଟ୍ ବିନା ଗାଡ଼ିଗୁଡ଼ିକୁ ପେଟ୍ରୋଲ୍ ବା ଡିଜେଲ୍ ଦିଆଯିବ ନାହିଁ ବୋଲି ଘୋଷଣା କରାଯାଇଥିଲା । ଏହି ନିୟମ ଅନୁଯାୟୀ ତୈଳ କମ୍ପାନୀଗୁଡ଼ିକୁ ମଧ୍ୟ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହାପରେ ପୂର୍ବରୁ ଥିବା ବିଭିନ୍ନ ମୋଟରଯାନ ସମ୍ପର୍କିତ ପେଣ୍ଡିଂ ଚାଲାଣକୁ ମଧ୍ୟ ଏଥିରେ ଲିଙ୍କ୍ କରାଯାଇ ବକେୟା ଚାଲାଣ ଦେୟ ପୈଠ ନକଲେ ପ୍ରଦୂଷଣ ସାର୍ଟିଫିକେଟ ମିଳିବନି ବୋଲି ଲୋକଙ୍କୁ ବାଧ୍ୟ କରାଗଲା । ସେଥିପାଇଁ ପିୟୁସିସି ଅପଡେଟ ହେଲାପରେ ଯାଇ ଗାଡ଼ିରେ ଗ୍ରୀନଷ୍ଟିକର ଲଗାଇବା ପରେ ଟାଙ୍କିରେ ତେଲ ଦିଆଯିବ ବୋଲି କୁହାଗଲା । ନହେଲେ ଧରାପଡ଼ିଲେ ଉଚ୍ଚ ଜରିମାନା ଦ୍ୱାରା ମୋଟର୍ ଭେହିକଲ୍ ଆଇନର ଧାରା ୧୯୦(୨) ଅନୁସାରେ ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ ପାଇଁ ସର୍ବାଧିକ ୧୦,୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ମଧ୍ୟ କୁହା ଯାଇଥିଲା । ଏହି ନିୟମଗୁଡ଼ିକର ଉଦ୍ଦେଶ୍ୟ ଥିଲା ଯାନବାହନ ଜନିତ ପ୍ରଦୂଷଣ ହ୍ରାସ କରିବା । କିନ୍ତୁ ଏଥିରେ ଠିକ ପ୍ରସ୍ତୁତିର ଅଭାବ, ନାନା ତ୍ରୁଟି ଓ ଅବ୍ୟବସ୍ଥା ଦେଖାଦେବା ଯୋଗୁଁ ଏହା ବିଭିନ୍ନ ସମସ୍ୟା ସୃଷ୍ଟି କଲା । ରାଜ୍ୟରେ ବହୁ କମ୍ ସଂଖ୍ୟକ ଯାନର ବୈଧ ପିୟୁସିସି ରହିଛି ବୋଲି ପ୍ରଥମେ କୁହାଗଲା । ଏପରି ନିର୍ଦ୍ଦେଶ ପରିବହନ ବିଭାଗ ଦେଇ ପାରିବେ ନାହିଁ । ତେଲ ଦେବା ବନ୍ଦ କରିବା କାର୍ଯ୍ୟ ହେଉଛି ଯୋଗାଣ ବିଭାଗର ବୋଲି ଅଭିଯୋଗ କରାଗଲା । ତେବେ ହଠାତ ଏହାକୁ ତ୍ୱରାନ୍ୱିତ କରାଯିବା ଲକ୍ଷ୍ୟରେ ନୂଆ ନିୟମର ପ୍ରବର୍ତ୍ତନ ପରେ ରାଜ୍ୟବ୍ୟାପୀ ଏନେଇ ଜନ ଅସନ୍ତୋଷ ଜାରିରହିଛ । ମୁଖ୍ୟ କାରଣଗୁଡ଼ିକ ହେଉଛି ଟେଷ୍ଟିଂ ସେଣ୍ଟରଗୁଡ଼ିକରେ ଲୋକଙ୍କ ଭିଡ଼ ସହ ଲମ୍ବା ଧାଡ଼ି ଲାଗିଥିଲା । ଏଥିସହ ପୂର୍ବରୁ ଅନାଦାୟ ହୋଇ ରହିଥିବା ମୋଟା ଅଙ୍କର ଜରିମାନା ରାଶିର ଚାଲାଣ ପୈଠ ପାଇଁ ପରିବହନ ବିଭାଗ ଓ ଟ୍ରାଫିକ ପୋଲିସ କାଉଣ୍ଟରକୁ ଲୋକଙ୍କ ଧାଁ ଧପଡ଼ ଲାଗିଲା । ସେଥିରେ ପୁଣି ଅନଲାଇନ ଓ ଅଫଲାଇନ ଯୋଗେ ଜରିମାନା ଦେୟ ଦାଖଲ କରାଯିବା କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଖାଦେଲା ।

ଏହାର ନଜିର ଖୋଦ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଭଳି ସ୍ମାର୍ଟ ସହରରେ ମଧ୍ୟ ଦେଖାଯାଇଥିଲା । ଏଠାରେ ଥିବା ପିୟୁସି ସେଣ୍ଟରଗୁଡ଼ିକରେ ଶହ ଶହ ଲୋକଙ୍କ ଭିଡ଼ ସହ ଗାଡ଼ିର ଲମ୍ବା ଲାଇନ ଲାଗିଥିଲା । ଅପର୍ଯ୍ୟାପ୍ତ ସେଣ୍ଟର ଏବଂ ଜନ ଜାଗରଣର ଅଭାବ ଯୋଗୁଁ ଲୋକମାନେ ସେଠାରେ ନିଜ କାମଧନ୍ଦା ଛାଡ଼ି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ବାଧ୍ୟ ହେଲେ । ସବୁଠାରୁ ବିଡମ୍ବନାର କଥାହେଲା ଉଚ୍ଚ ଜରିମାନା ରାଶି ଏବଂ ତ୍ରୁଟିଯୁକ୍ତ ଅନ୍ୟାୟ ଚାଲାଣ ଜାରିର ଅନେକ ଅଭିଯୋଗ । ତନ୍ମଧ୍ୟରେ ବୈଧ ଡ୍ରାଇଭିଙ୍ଗ ଲାଇସେନ୍ସ ଥିବା ସ୍ୱତ୍ତ୍ୱେ ମନଇଚ୍ଛା ଡ଼ିଏଲ ବିନା ଗାଡ଼ି ଚାଳନା ହୋଇଥିବାର ଚାଲାଣ । ଏପରିକି ରାସ୍ତାରେ ଚାଳନା ହୋଇନଥିବା ସ୍ୱତ୍ତ୍ୱେ ଘରେ ବା ଗ୍ୟାରେଜରେ ଗାଡ଼ି ଥୁଆ ହୋଇଥିଲେ ହେଁ ସମ୍ପୃକ୍ତ ଯାନ ନମ୍ବରକୁ ଭିତ୍ତିକରି ଚାଲାଣ ପ୍ରସ୍ତୁତ କରାଗଲା । ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ମଧ୍ୟରେ କେତେକରେ ଯାନ୍ତ୍ରିକ ତ୍ରୁଟି ଦ୍ୱାରା ଗାଡ଼ିର ସ୍ପିଡ ଲିମିଟ ଉଲ୍ଲଙ୍ଘନ ହୋଇଥିବା ନେଇ ଅଯଥାରେ ଚାଲାଣ ଜାରି ହୋଇଥିଲା । ଏହା ଛଡ଼ା ପାଖାପାଖି ସାମଞ୍ଜସ୍ୟ ଥିବା ନମ୍ବର ପ୍ଲେଟ ଯୋଗୁଁ ଭ୍ରମବଶତଃ ଦୋଷୀ ପରିବର୍ତ୍ତେ ନିର୍ଦ୍ଦୋଷ ବ୍ୟକ୍ତିଙ୍କ ନାମରେ ଚାଲାଣ ଜାରି ମଧ୍ୟ କରା ଯାଇଥିଲା । । ଏପରିକି ୩/୪ ଚକିଆ ଗାଡ଼ି ନମ୍ବରର ମାଲିକଙ୍କ ନାମରେ ବିନା ହେଲମେଟ ବ୍ୟବହାର ପାଇଁ ଜରିମାନାର ଚାଲାଣ ମେସେଜ,ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ ବେଳେ ମୋବାଇଲକୁ ଓଟିପି ଆସିବାରେ ବିଳମ୍ବ ଓ ଏସମ୍ପର୍କିତ କେତେକ ବ୍ୟତିକ୍ରମ ଘଟିଗଲା । ସେହିପରି ଫେକ୍ ପିୟୁସି କେଳେଙ୍କାରୀ ଯୋଗୁଁ ଗାଡ଼ି ଘରେ ରହିଥିଲେ ମଧ୍ୟ ଫୋନ୍ କଲରେ ସାର୍ଟିଫିକେଟ୍ ମିଳିଯାଉଥିବାର ଅଭିଯୋଗ । ଏପରିକି ଦଲାଲ ଏବଂ ଅନଧିକୃତ ସେଣ୍ଟରଗୁଡ଼ିକ ଏହି ମଉକା ପାଇ ବିନା ଟେଷ୍ଟରେ ମଧ୍ୟ ଜାଲ ସାର୍ଟିଫିକେଟ୍ ଜାରି କରିବାକୁ ପଛାଇଲେ ନାହିଁ । ଏଭଳି କେଳେଙ୍କାରୀ ବାବଦରେ ଜଣାପଡିବା ପରେ ପରିବହନ ବିଭାଗ ଇତିମଧ୍ୟରେ ଏହାକୁ ନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଇବର୍ ପୋଲସ୍‌କୁ ରିପୋର୍ଟ କରିଛି ।

ଏହି କ୍ରମରେ ୭୨ଟି ଅନଧିକୃତ ସେଣ୍ଟର ଉପରେ ଇତିମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କୁହାଯାଇଛି । ରାଜ୍ୟର କମ୍ ଆୟକାରୀ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖିଲେ ଏଭଳି ଉଚ୍ଚ ଜରିମାନାକୁ ସେମାନଙ୍କ ଉପରେ ସରକାରଙ୍କଦ୍ୱାରା ତଣ୍ଡ ଜାରି ବୋଲି କୁହାଯାଉଛି । ତେବେ ଏଭଳି ଜନ ଅସନ୍ତୋଷ ଦେଖାଦେବା ଯୋଗୁଁ ସରକାର ଏଥିରେ କେତେକ ପରିବର୍ତ୍ତନ ଆଣିଛନ୍ତି । ତାହା ହେଲା ଜାନୁଆରୀ ୧ରୁ ଫେବୃଆରୀ ୧, ପୁଣି ମାର୍ଚ୍ଚ ଏବଂ ଶେଷରେ ଏପ୍ରିଲ୍ ୧,୨୦୨୬ ଯାଏ ଏହି ନିୟମ କାର୍ଯ୍ୟକାରୀତାକୁ ସାମୟିକ ସ୍ଥଗିତ ରଖାଯାଇଛି । ଏହି କ୍ରମରେ ଯେଉଁମାନଙ୍କର ଆପତ୍ତି ଅଛି ବିଭାଗୀୟ ଅଭିଯୋଗ ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଫେକ୍ ସେଣ୍ଟରଗୁଡ଼ିକୁ ବ୍ଲାକ୍‌ଲିଷ୍ଟେଡ କରିବା ଏବଂ ଆର୍ଟିଓ ଗୁଡ଼ିକୁ ଏହା ଉପରେ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ମୋଟର ଯାନର ବୈଧ ପିୟୁସିସି ନଥିବାରୁ ସେଗୁଡିକୁ ଯଥାଶୀଘ୍ର ନିୟମିତ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି କୁହାଯାଇଛି । ତେବେ ଉପୁଜିଥିବା ଏପରି ସମସ୍ୟାକୁ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଇତିମଧ୍ୟରେ ଦାୟର ହୋଇଥିବା ମାମଲାରେ ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି । ରାଜ୍ୟ ମୁଖ୍ୟ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ,ରାଜ୍ୟ କଂଗ୍ରେସ ଦଳ,କମ୍ୟୁନିଷ୍ଟ ପାର୍ଟି,ନବନିର୍ମାଣ ଯୁବଛାତ୍ର ସଙ୍ଘ,ଆପ ପାର୍ଟି ଓ ଅନ୍ୟାନ୍ୟ ସଂଗଠନଗୁଡ଼ିକ ଏନେଇ ଶାସକ ଦଳ ତଥା ବିଜେପି ସରକାରଙ୍କୁ ଘେରିଛନ୍ତି । ସେମାନେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଠୋର ଭାବେ ନିନ୍ଦାକରିବା ସହ ସମାଲୋଚନା ଜାରି ରଖିଛନ୍ତି । ଏନେଇ ସୋସିଆଲ୍ ମିଡ଼ିଆରେ ଲୋକମାନେ ପ୍ରତିକ୍ରିୟାଶୀଳ ହୋଇ ସରକାରଙ୍କ ବିରୋଧରେ ନାନା ନକାରାତ୍ମକ ଟିପ୍ପଣୀ ଦେଉଛନ୍ତି । ସରକାରଙ୍କଦ୍ୱାରା ରାଜସ୍ୱ ଭରଣାପାଇଁ ଜନତାଙ୍କ ଉପରେ ଏହାକୁ ପ୍ରଦୂଷଣ ସାର୍ଟିଫିକେଟ ଫନ୍ଦିର ବୋଝ ବୋଲି ମଧ୍ୟ ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଏବଂ ସଂଗଠନ ଆପତ୍ତି ଉଠାଇଛନ୍ତି । ତେବେ ଏପ୍ରିଲ୍ ୧ (୨୦୨୬) ଯାଏଁ ଏନେଇ କାର୍ଯ୍ୟାନୁଷ୍ଠାନ ବନ୍ଦ ଥିବାରୁ ଏହି ଅସନ୍ତୋଷର ମାତ୍ରା କିଛି ପରିମାଣରେ ପ୍ରଶମିତ ହୋଇଛି । କିନ୍ତୁ ଏହି ସମସ୍ୟାର ସମାଧାନ ହୋଇନାହିଁ । ଏପରି ସ୍ଥିତିରେ ସରକାର ଟେଷ୍ଟିଂ ସେଣ୍ଟର ସଂଖ୍ୟା ବଢ଼ାଇବା,ଅନ୍‌ଲାଇନ୍ ଓ ଅଫଲାଇନ ପ୍ରକ୍ରିୟାରେ ସରଳୀକରଣକରିବା ସହ ଏବାବଦରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉଚିତ ବୋଲି ମଧ୍ୟ ଲୋକେ ମତ ପ୍ରକାଶ କରୁଛନ୍ତି । ଏଣୁ ଏହି ଘଟଣା ଦର୍ଶାଉଛି ଯେ ପରିବେଶ ସୁରକ୍ଷା ନିୟମ ପ୍ରବର୍ତ୍ତନ କ୍ଷେତ୍ରରେ ନାଗରିକଙ୍କ ସୁବିଧାକୁ ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ । ଅପରପକ୍ଷରେ ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ କମିଶନର ତଥା ବରିଷ୍ଠ ଆଇପିଏସ ଅଧିକାରୀ ଅମିତାଭ ଠାକୁରଙ୍କ ମତାମତ ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲା ।

ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଲୋକଙ୍କ ହିତପାଇଁ କେନ୍ଦ୍ର ସରକାରଙ୍କ ଗାଇଡଲାଇନ ମୁତାବକ ସମସ୍ତ ମୋଟର ଯାନର ପିୟୁସିସି କରିବାକୁ ନିର୍ଦ୍ଦେଶ ରହିଛି । ପୂର୍ବରୁ ପ୍ରାୟ ଏହାକୁ କରୁନଥିଲେ । ଏହି କଟକଣାଲାଗୁ ହେବା ପରେ ଅଦ୍ୟାବଧି ସାରା ରାଜ୍ୟରେ ଥିବା ମୋଟର ଯାନ ମଧ୍ୟରୁ ପାଖାପାଖି ୩୫ ପ୍ରତିଶତ ଗାଡ଼ିର ପିୟୁସିସି ହୋଇଛି । ବାକି ଥିବା ଆହୁରି ବହୁ ସଂଖ୍ୟକ ଗାଡ଼ିମାନଙ୍କର ଯାହା ହୋଇ ନାହିଁ, ତେବେ ଆସନ୍ତା ଏପ୍ରିଲ ୧ ଭିତରେ ବାକି ରହିଯାଇଥିବା ଗାଡ଼ିଗୁଡିକର ପିୟୁସିସି ନିୟମିତ କରିନେବାପାଇଁ ସରକାରଙ୍କ ପକ୍ଷରୁ କୁହାଯାଇଛି । ଏପରିକି ଭାରତ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚାଲାଣ ରହିଥିଲେ ଗାଡ଼ିର ଡ଼ିଏଲ, ଫିଟନେସ ଓ ରେଜିଷ୍ଟ୍ରେସନ ଇତ୍ୟାଦିକୁ ମଧ୍ୟ ନିୟମିତ ଆଉ କରାଯାଇପାରିବନି ବୋଲି ଶ୍ରୀ ଠାକୁର କହିଥିଲେ । ଏପରି ସ୍ଥିତିରେ ଆଗାମୀ ଦିନରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏସଂକ୍ରାନ୍ତରେ ବିଚାରାଧୀନ ଥିବା ମାମଲାକୁ ନେଇ ଅଦାଲତଙ୍କ ନିଷ୍ପତ୍ତି ଗ୍ରହଣ ଉପରେ ସମସ୍ତଙ୍କ ନଜର ରହିଥିବା ଜଣାପଡିଛି ।

**ଭୁବନେଶ୍ୱର,ମୋ-୯୮୫୩୨୧୧୩୩୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୯୦% ସାମଗ୍ରୀ...

ୟୁରୋପୀୟ ରାସାୟନିକ ପଦାର୍ଥ, ବିମାନ ଓ ମହାକାଶଯାନ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଉଚ୍ଛେଦ କରିବାକୁ ରାଜି ହୋଇଛି। ୯୦% ଚିକିତ୍ସା ଏବଂ ସର୍ଜିକାଲ ଉପକରଣ ମଧ୍ୟ କରମୁକ୍ତ ହେବ। ସାଧାରଣ ଗ୍ରାହକଙ୍କ ପାଇଁ ୟୁରୋପୀୟ ମଦ, ବିୟର ସ୍ପିରିଟ୍ ଓ ଅଲିଭ୍ ତେଲ ଉପରେ ଭାରି ଶୁଳ୍କ ଯଥେଷ୍ଟ ହ୍ରାସ ପାଉଛି। ମଦ ଉପରେ ୭୫% ଟିକସ ପର୍ଯ୍ୟନ୍ତ ହ୍ରାସ କରାଯିବ। ଏହା ଭାରତୀୟ ପ୍ରିମିୟମ୍ ଆଲକହଲ ବଜାର ପ୍ରତିଯୋଗିତାରେ ବିବିଧତା ବୃଦ୍ଧି କରିବ। କାର ଯନ୍ତ୍ରପାତି ଉପରେ ମଧ୍ୟ ଆମଦାନୀ ଶୁଳ୍କ ଧୀରେ ଧୀରେ ୧୦%କୁ ହ୍ରାସ କରାଯିବ। ବାର୍ଷିକ ୨.୫ ଲକ୍ଷ ଯାନ କୋଟା ସହ ଭାରତ ଆସିବ। ବିମାନ ଏବଂ ମହାକାଶଯାନ ସହ ଜଡ଼ିତ ସମସ୍ତ ଉତ୍ପାଦ ଉପରୁ ଶୁଳ୍କ ହଟାଇ ଦିଆଯାଉଛି। ଏହି ଚୁକ୍ତିନାମା ଜଳବାୟୁ ପରିବର୍ତ୍ତନକୁ ସମାଧାନ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ। ଆଗାମୀ ଦୁଇ ବର୍ଷ ମଧ୍ୟରେ ୟୁରୋପୀୟ ସମୂହ ଭାରତକୁ ୫୦୦ ନିୟୁତ ୟୁରୋ ପ୍ରାୟ ୪,୫୦୦ କୋଟି ଟଙ୍କା ସହାୟତା ଦେବ। ଏହି ପାଣ୍ଠି ଭାରତ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବ ଏବଂ ପରିବେଶ ଅନୁକୂଳ ଶିଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ବ୍ୟବହାର କରାଯିବ।

## ପିୟୁସିସି...

ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ମର୍ମରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଏସ୍‌ଟିଏ କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରର ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ଫେବୃଆରୀ ୩କୁ ଧାର୍ଯ୍ୟ ହୋଇଛି। ଜଣେ ବ୍ୟକ୍ତି ଯେତେବେଳେ ଗାଡ଼ି କିଣୁଛନ୍ତି ସେତେବେଳେ ବୀମା, ପ୍ରଦୂଷଣ ସାର୍ଟିଫିକେଟ୍ ଆଦି ତାଙ୍କର ରହିଥାଏ। ଯେତେବେଳେ ପ୍ରଦୂଷଣ ସାର୍ଟିଫିକେଟ୍ ସମୟ ସୀମା ଶେଷ ହୋଇଯାଏ ସେତେବେଳେ ଗାଡ଼ି କ୍ରେତା ସାର୍ଟିଫିକେଟ୍ ନବୀକରଣ କରିବାକୁ ବାଧ୍ୟ। ଯିଏ ଏହି ସାର୍ଟିଫିକେଟ୍ ହାସଲ ନକରିବେ ସେମାନଙ୍କ ବିରୋଧରେ ମୋଟରଯାନ ଆଇନରେ ମାମଲା ରୁଜୁ କରାଯାଇ ପାରିବ। କିନ୍ତୁ ଏସ୍‌ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ଯେଉଁମାନେ ନିଜ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ କରି ନଥିବେ ବା ସେମାନଙ୍କ ପାଖରେ ବୈଧ ସାର୍ଟିଫିକେଟ୍ ନଥିବ ସେମାନଙ୍କୁ ପେଟ୍ରୋଲ ଏବଂ ଡିଜେଲ ମିଳିବ ନାହିଁ ବୋଲି କୁହାଯାଇଥିଲା। ନିୟମ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ପ୍ରଦୂଷଣ କରୁଛନ୍ତି ତାଙ୍କ ଉପରେ ଜରିମାନା କରାଯାଇପାରିବ। ଜରିମାନା ନଦେଲେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କିନ୍ତୁ ଗାଡ଼ିରେ ତେଲ ଦିଆଯିବ ନାହିଁ ବୋଲି କୌଣସି ନିୟମ ନାହିଁ। ଆହୁରି ମଧ୍ୟ ଯେଉଁ ଗାଡ଼ିଗୁଡ଼ିକ ଏହି ପ୍ରଦୂଷଣ ସାର୍ଟିଫିକେଟ୍ କରିବାକୁ ଚାହୁଁଛନ୍ତି ସେମାନଙ୍କର ବାକିଆ ଥିବା ଚାଲାଣ ବା ଜରିମାନା ଅର୍ଥ ଦେବା ପରେ ଯାଇ ଏହି ସାର୍ଟିଫିକେଟ୍ ମିଳିବ ବୋଲି ବାଧ୍ୟତାମୂଳକ କରାଯାଇଥିଲା। ଏଭଳି ନିଷ୍ପତ୍ତି ମଧ୍ୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଆବେଦନକାରିଣୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ପରିବହନ ବିଭାଗ ଏବଂ ଏସ୍‌ଟିଏ କମିସନରଙ୍କୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଉଭୟ ପରିବହନ ବିଭାଗ ଏବଂ ଏସ୍‌ଟିଏ କମିସନରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

## ଆଜି...

ତାରିଖ ଦିନଟିକୁ ରାଜ୍ୟବ୍ୟାପୀ ଆନ୍ଦୋଳନର ଡାକରା ଦେଇଛି। ଏହି ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଦୃଢ଼ ସମର୍ଥନ କରାଯାଉଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହା ସହିତ ସମସ୍ତ ଚାଷୀ ସଂଗଠନ ଓ ରାଜ୍ୟର ଚାଷୀ ଭାଇ ଭଉଣୀ ଏବଂ କିଷାନ କଂଗ୍ରେସ କର୍ମକର୍ତ୍ତା ଓ ସମବାୟ ପ୍ରେମୀମାନେ ବହୁଳ ସଂଖ୍ୟାରେ ସାମିଲ ହୋଇ ରାଜ୍ୟସରକାରଙ୍କ ଉପରି ଚାଷୀମାରଣ ନୀତି ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦ କରିବାକୁ ଅନୁରୋଧ କରିଛନ୍ତି।

ସେପଟେ କୃଷକ ସଂଗଠନର ବନ୍ଦ ଡାକରାକୁ ବିଜେଡି ସମର୍ଥନ ଜଣାଇଛି। ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼. ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଓଡ଼ିଶାର ଉପକୂଳରୁ ପଶ୍ଚିମ ପର୍ଯ୍ୟନ୍ତ ଚାଷୀମାନେ ବିଭିନ୍ନ ସମସ୍ୟା ପାଇଁ ବିଜେପି ସରକାର ବିରୋଧରେ ଆନ୍ଦୋଳନ କରୁଛନ୍ତି। ବିଜୁ ଜନତା ଦଳ ପ୍ରତିଷ୍ଠା ହେବା ପରଠାରୁ ସର୍ବଦା ଚାଷୀ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ଏବଂ ସବୁବେଳେ ଚାଷୀଙ୍କ ସହିତ ଛିଡ଼ା ହୋଇଛି। ପଶ୍ଚିମ ଓଡ଼ିଶା ଏବଂ ଅନ୍ୟାନ୍ୟ ସ୍ଥାନରେ ବିଜେଡି ଚାଷୀ ମାନଙ୍କ ପାଇଁ ସର୍ବଦା ରାଜରାସ୍ତାରେ ଲେଇ କରୁଛି। ମଣ୍ଡିରେ ଅନିୟମିତତା ଏବଂ ଓଡ଼ିଶାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ଚାଷୀ ମାନଙ୍କ ସ୍ୱାର୍ଥରେ ଯେଉଁ ଆନ୍ଦୋଳନର ଡାକରା ଦେଇଛି, ତାହା ଚାଷୀ ହିତକର ପଦକ୍ଷେପ। ବିଜେଡି ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହିତ ବିଜେଡି ଚାଷୀମାନଙ୍କ ହିତରେ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିବ।

## ୨୭ ହଜାର...

ସମ୍ବଲପୁର ଜିଲ୍ଲା ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟ ଠାରେ ଦେଶର ପ୍ରଥମ ଆଲୁମିନିୟମ ଫ୍ଲାଟ ରୋଲ୍ଡ ପ୍ରଡକ୍ଟ (ଏଫ୍ଆରପି) ୟୁନିଟ୍ ଓ ସ୍ୱତନ୍ତ୍ର ବ୍ୟାଟେରୀ ଫଏଲ୍ ୟୁନିଟ୍ ଉଦଘାଟିତ ହୋଇଛି। ଏଥିସହ ଆଦିତ୍ୟ ଆଲୁମିନିୟମ ସ୍ମେଲ୍ଟରର କ୍ଷମତା ସମ୍ପ୍ରସାରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଦଘାଟିତ ପ୍ରକଳ୍ପରେ ୨୬ହଜାର ୯ ୯ ୬କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ପଦକ୍ଷେପ ଦ୍ୱାରା ୫୦୧୨ ନୂତନ ନିଯୁକ୍ତି ସୃଷ୍ଟି ହେବ। ପଶ୍ଚିମ ଓଡିଶାର ଯୁବ ସମାଜ ପାଇଁ ପ୍ରଗତିର ନୂଆ ଦ୍ୱାର ଖୋଲିବ। କେବଳ କଞ୍ଚାମାଲ ଉତ୍ପାଦନରେ ଓଡିଶା କେବଳ ସୀମିତ ନରହି ଆଧୁନିକ ଉତ୍ପାଦନ ଓ ମୂଲ୍ୟଯୋଗ କ୍ଷେତ୍ରରେ ବିଶ୍ୱସ୍ତରୀୟ ହବ୍ ଭାବେ ଉଭା ହେଉଛି।

ଶିଳ୍ପ ହିଁ ସମୃଦ୍ଧିର ଆଧାର ଏବଂ ଓଡିଶା ଆଗାମୀ ଦିନରେ ଦେଶର ଅର୍ଥନୈତିକ ପ୍ରଗତିର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭ ଉଦଘାଟନ ଅବସରରେ କହିଥିଲେ। ପଶ୍ଚିମ ଓଡିଶା ଆଜି ଆତ୍ମବିଶ୍ୱାସ ଓ ଶୃଙ୍ଖଳାର ପ୍ରତୀକର ପରିଚୟ ପାଇଥିବା ବେଳେ ଜଙ୍ଗଲ ଓ କୃଷିଭୂମି ରୂପାନ୍ତରିକରଣ ଉଦ୍ୟୋଗରୁ ବିଶ୍ୱସ୍ତରୀୟ ନିର୍ମାଣ ହବ୍ ହେବାକୁ ଯାଉଛି। ଶ୍ରମିକ ମାନେ ହେଉଛନ୍ତି ଓଡିଶା ଶିଳ୍ପାୟନର ପ୍ରକୃତ ବିନ୍ଧାଣୀ। ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ନିରନ୍ତର ଉତ୍ପାଦନ ଓ ବିକାଶକୁ ସୁନିଶ୍ଚିତ କରୁଛି। ଘୋଷଣା ଏବଂ ପୁଞ୍ଜି ନିବେଶ ବ୍ୟତିତ ଯୁବକ ମାନଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ, ପରିବାର ମାନଙ୍କ ସୁରକ୍ଷା, ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଗତିର ମାପକାଠି ଅଟେ।

ଓଡିଶାରେ ପାଖାପାଖି ୨୦ଲକ୍ଷ କୋଟି ଟଙ୍କାର ନୂତନ ଶିଳ୍ପ ପ୍ରତିଷ୍ଠା ସହିତ ଏକ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ଏହାଦ୍ୱାରା ୧୫ଲକ୍ଷ ନୂଆଁ ନିଯୁକ୍ତି ସୃଷ୍ଟି ହେବ। ପଶ୍ଚିମଓଡିଶା ବୈଷୟିକ ଶିଳ୍ପାୟନ ହବ୍ ଭାବେ ଉଭା ହେଉଥିବା ବେଳେ ଲୋକ କେନ୍ଦ୍ରିକ ବିକାଶ ପାଇଁ ବିଶ୍ୱସ୍ତରୀୟ ପୁଞ୍ଜିର ମିଳନ ହୋଇଛି। ସମସ୍ତଙ୍କ ଘର ପାଖରେ ନିଯୁକ୍ତି, ଏମ୍‌ଏସ୍‌ଏମ୍‌ଇ ସୁଦୃଢ଼ିକରଣ, ମୂଲ୍ୟଯୁକ୍ତକୁ ପ୍ରୋତ୍ସାହନ ଏବଂ ସବୁଜ ଶିଳ୍ପ ବିକାଶକୁ କେନ୍ଦ୍ର କରି ଶିଳ୍ପ ଅଭିବୃଦ୍ଧି, ସମସ୍ତ ପରିବାର, ସମସ୍ତ ଗାଁ ଏବଂ ସମସ୍ତ ଯୁବକଙ୍କ ଉନ୍ନତିକୁ ସୁନିଶ୍ଚିତ କରାଯାଉଛି। ଭବିଷ୍ୟତର ସମୃଦ୍ଧି ପାଇଁ ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଆଧାର ଅଟେ। ଏଥିପାଇଁ ସମସ୍ତେ ଖୋଲା ହୃଦୟରେ ଶିଳ୍ପକୁ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ହିଣ୍ଡାଲକୋର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଦେଶବ୍ୟାପୀ...

କର୍ମଚାରୀ ସଂଘ ସାମିଲ ହୋଇଛନ୍ତି। ରାଜ୍ୟରେ ୩୫୦୦ରୁ ଅଧିକ ବ୍ୟାଙ୍କ ଶାଖା ରହିଥିବା ବେଳେ ସେଥିରୁ ପ୍ରାୟ ୧୭୦୦ ହେଉଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ୟାଙ୍କର ଶାଖା। ସେହି ଶାଖାଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଛି ବୋଲି ସେ କହିଛନ୍ତି। ଧର୍ମଘଟ ଦ୍ୱାରା ଗ୍ରାହକମାନଙ୍କୁ ହେଉଥିବା ଅସୁବିଧା ପାଇଁ ୟୁଏଫବିୟୁ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ତେବେ କର୍ମଚାରୀଙ୍କ ନାର୍ଯ୍ୟ ଦାବି ପ୍ରତି ସମର୍ଥନ ଜଣାଇବାକୁ ସେ ଗ୍ରାହକମାନଙ୍କୁ ନିବେଦନ କରିଛନ୍ତି। ବ୍ୟାଙ୍କ ଧର୍ମଘଟ ଦ୍ୱାରା ଯଦିଓ ଶାଖାରେ ହେଉଥିବା କାରବାର ବନ୍ଦ ରହିଛି, କିନ୍ତୁ ଡିଜିଟାଲ ବ୍ୟାଙ୍କିଂ ଉତ୍ସଗୁଡ଼ିକରେ କାରବାର ସ୍ୱାଭାବିକ ରହିଛ। ଏଟିଏମରୁ ଟଙ୍କା ଉଠାଣଠାରୁ ଆରମ୍ଭ କରି ଇଣ୍ଟରନେଟ୍ ବ୍ୟାଙ୍କିଂ, ମୋବାଇଲ୍ ବ୍ୟାଙ୍କିଂ, ଡିଜିଟାଲ ବ୍ୟାଙ୍କିଂ, ଫୋନ୍ ବ୍ୟାଙ୍କିଂ ୟୁନାଇଟେଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (ୟୁପିଆଇ) କାରବାର, ହ୍ୱାଟସ୍ଆପ୍ ବ୍ୟାଙ୍କିଂ ଆଦିରେ ସ୍ୱାଭାବିକ ଭାବେ କାରବାର ହେଉଛି।

ଶ୍ରୀ ପଣ୍ଡା କହିଛନ୍ତି ଯେ ସଂପ୍ରତି ବ୍ୟାଙ୍କ କର୍ମଚାରୀମାନଙ୍କ ଉପରେ ପ୍ରବଳ କାମ ଚାପ ରହୁଛି। ଅନେକ କର୍ମଚାରୀ ରାତି ୮ଟା-୯ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ସରକାର ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି। ଆର୍ଥିକ କ୍ଷେତ୍ରର ଅନ୍ୟ ସବୁ ସଂସ୍ଥାରେ କର୍ମଚାରୀମାନେ ସପ୍ତାହକୁ ପାଞ୍ଚ ଦିନ କାମ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ, ଭରତୀୟ ଜୀବନ ବୀମା ନିଗମ, ସାଧାରଣ ବୀମା କମ୍ପାନି, ମେଡିକାଲ୍ ବୀମା କମ୍ପାନି, ନାବାର୍ଡ, ସିଡବି ଆଦିରେ କର୍ମଚାରୀମାନେ ସପ୍ତାହକୁ ପାଞ୍ଚ ଦିନ କାମ କରୁଛନ୍ତି। ଆର୍ଥିକ କ୍ଷେତ୍ରରେ କେବଳ ବ୍ୟାଙ୍କ କର୍ମଚାରୀଙ୍କୁ ସେହି ସୁବିଧା ଦିଆଯାଉନାହିଁ। ୨୦୧୫ଠାରୁ ଦୀର୍ଘ ୧୦ ବର୍ଷ ଧରି ଆମେ ଏହି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛୁ। କିନ୍ତୁ ଏପର୍ଯ୍ୟନ୍ତ ଆମ ଦାବିକୁ ସରକାର ଗ୍ରହଣ କରୁନଥିବାରୁ ଆମେ ଏହି ଦିନିକିଆ ଧର୍ମଘଟ କରିଛୁ। ଏଥର ଯଦି ଦାବି ପୂରଣ ନହେବେ ତେବେ ଆଗକୁ ଆମେ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟ କରିବୁ ବୋଲି ସେ କହିଛନ୍ତି।

## ସୁପ୍ରିମ୍‌କୋର୍ଟରେ...

କୁହାଯାଇଛି ଯେ ୟୁଜିସି ଦ୍ୱାରା ଅଧିସୂଚିତ ନିୟମ ୨୦୨୬ର ନିୟମ-୩ (ସି) ଅଣସମାବେଶୀ ଅଟେ। ଯାହା ଛାତ୍ର ଓ ଶିକ୍ଷକ ସଂରକ୍ଷିତ ଶ୍ରେଣୀର ନୁହଁନ୍ତି ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁନାହିଁ। ବିନିତ ଜିନ୍ଦଲଙ୍କ ଦ୍ୱାରା ଲିଖିତ ଭାବେ ଆବେଦନରେ ନିୟମଗୁଡ଼ିକୁ ସମାଲୋଚନା କରାଯାଇଛି। ଜାତିଭିତ୍ତିକ ବୈଶକ ପରିସରକୁ କେବଳ ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗ ମଧ୍ୟରେ ସୀମିତ କରାଯାଇଛି। ଏହି ନିୟମାବଳୀ ଧାରା ୧୪ ଏବଂ ୧୫ (୧) ଅନୁଯାୟୀ ସୁନିଶ୍ଚିତ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ସୁପ୍ରିମ୍‌କୋର୍ଟଙ୍କୁ ନିୟମ-୩ (ସି)କୁ ବର୍ତ୍ତମାନ ରୂପରେ କାର୍ଯ୍ୟକାରୀ ନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଛି। ଜାତି ଆଧାରରେ ବୈଷମ୍ୟକୁ ଏପରି ଭାବେ ପରିଭାଷିତ କରିବା ଉଚିତ୍ ଯାହା ଜାତିଭିତ୍ତିକ ବୈଷମ୍ୟର ଶିକାର ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରିବ।

## ବୋମା...

ନେଇ ସନ୍ଦେହ ସୃଷ୍ଟି ହୋଇଛି। ବୋମା ଭିଡିବା ବେଳେ ସମସ୍ତେ ଉପସ୍ଥିତ ଥିବା କୁହାଯାଉଛି।

ଜୋର୍ ବିସ୍ଫୋରଣ ଘଟିବାରୁ ଶବ୍ଦରେ ପାଖାପାଖି ଲୋକମାନେ ଭୟଭୀତ ହୋଇ କ'ଣ ହେଲା ବୋଲି ଦେଖିବା ବେଳକୁ ଘଟଣାସ୍ଥଳ ୫ ମହଲା ଉପରୁ ଧୂଆଁ ହେଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଏୟାରଫିଲ୍ଡ ଥାନା ପୋଲିସ, ଡିସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବୋମା ଭିଡିବା ସରଞ୍ଜାମ ଓ ବାରୁଦ ପ୍ରଭୃତି ଜବତ କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ସେହେନାଜ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ବହୁ ମାମଲା ପଞ୍ଜୀକୃତ ରହିଛି। ସେ ଅଳ୍ପ କିଛିଦିନ ହେବ ଜାମିନରେ ଆସିଥିଲା। କୌଣସି ଉଦ୍ଦେଶ୍ୟରେ ସେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିବା ଡିସିପି କହିଛନ୍ତି।

## ଆଜିଠୁ...

କରିବେ। ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାକୁ ସରକାର ସ୍ଥିର କରିଥିବାବେଳେ ସଂସଦକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ବିରୋଧୀଙ୍କୁ ଅନୁରୋଧ କରାଯାଇଛି।

ତେବେ ଏଥର ସଂସଦର ବଜେଟ୍ ଅଧିବେଶନ ବେଶ୍ ସରଗରମ ହେବ ବୋଲି ସୂଚନା ମିଳିଛି। ବିରୋଧୀ ଦଳ ପକ୍ଷରୁ ମହାତ୍ମା ଗାନ୍ଧିଙ୍କ ନାଁ କାଟି ମନରେଗା ବଦଳରେ ସରକାର ଆଣିଥିବା ଭିବି-ଜି-ରାମଜି ଆଇନ୍‌କୁ କଂଗ୍ରେସ ବିରୋଧ କରିଛି। ଏହି ପ୍ରସଙ୍ଗ ଗୃହରେ ଉପସ୍ଥାପନ ହେବ ବୋଲି ବିରୋଧୀଙ୍କ ପକ୍ଷରୁ ସୂଚନା ମିଳିଛି। ଏହାଛଡା ବିରୋଧୀ ଦଳ ଏସ୍ଆଇଆର, ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟା, ଚୀନ୍‌ର ବେଆଇନ୍ ନିର୍ମାଣ, ,ବୈଦେଶିକ ନୀତି, ଅର୍ଥନୀତି, ବାୟୁପ୍ରଦୂଷଣ ଆଦି ପ୍ରସଙ୍ଗ ଉଠାଇ ପାରନ୍ତି। ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନ ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୨୮ ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ ରୁ ଏପ୍ରିଲ ୨ ଯାଏ ବସିବ। ଫେବୃଆରୀ ପହିଲା ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବେ।

## ଚଳିତ...

ସ୍ୱାଭାବିକ ଠାରୁ ଅଧିକ ଥଣ୍ଡା ବିଶ୍ୱସ୍ତରରେ ଦେଖାଯାଇଥିଲା। ଆକଳନ କରାଯାଉଛି ଯେ ସାରା ରାଜ୍ୟରେ ଥଣ୍ଡା ରାତି ସହ ସ୍ୱାଭାବିକଠାରୁ କମ ତାପମାତ୍ରା ଓଡ଼ିଶାରେ ରହିବାର ସମ୍ଭାବନା ଅଛି। ଜାନୁଆରୀ ଶେଷ ସପ୍ତାହରେ ଥଣ୍ଡା ବଢ଼ିବାର ସମ୍ଭାବନା ରହିଛି। କନ୍ଧମାଳ ଓ କୋରାପୁଟ ଭଳି ଆଭ୍ୟନ୍ତରୀଣ ଅଞ୍ଚଳରେ ଥଣ୍ଡା ଜାରି ରହିବ। ସମ୍ଭବତଃ ଉତ୍ତର-ପଶ୍ଚିମ ଓଡ଼ିଶାରେ ଥଣ୍ଡା ଅଧିକ ରହିବ। ଫେବୃଆରୀ ପ୍ରଥମ ସପ୍ତାହ ପରେ ଥଣ୍ଡା ଅଧିକ କମିବ ବୋଲି ଶ୍ରୀ ପଶୁପାଳକ କହିଛନ୍ତି।

# ମହିଳାଙ୍କ ଯାତ୍ରା ପାଇଁ 'ମେକ ମାଇଁ ଟ୍ରିପ୍'

ଭୁବନେଶ୍ୱର (ସବ୍ୟୁ) : ଅନଲାଇନ ଟ୍ରାଭେଲ କମ୍ପାନୀ "ମେକ ମାଇଁ ଟ୍ରିପ', ମହିଳା ଯାତ୍ରୀମାନଙ୍କ ପାଇଁ ଯାତ୍ରାକୁ ଆହୁରି ସୁରକ୍ଷିତ ଏବଂ ସହଜ କରିବାକୁ ଏକ ନୂଆ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ମହିଳାମାନେ ବୁକିଂ କରିବା ପୂର୍ବରୁ ଅନ୍ୟ ଯାତ୍ରୀଙ୍କ ମତାମତ , ମ୍ୟାପ୍ ଏବଂ ହୋଟେଲର ଅସଲି ଫଟୋଗୁଡ଼ିକୁ ବହୁତ ସମୟ ଧରି ଯାଂଚ କରିଥାନ୍ତି। ମହିଳାମାନଙ୍କର ଏହି ଅଭ୍ୟାସକୁ ଧ୍ୟାନରେ ରଖି କମ୍ପାନୀ ନୂଆ ଟେକ୍ନୋଲୋଜି ବ୍ୟବହାର କରୁଛି, ଯାହାଦ୍ୱାରା ସେମାନଙ୍କୁ ସବୁଠାରୁ ଭରସାଯୋଗ୍ୟ ତଥ୍ୟ ମିଳିପାରିବ। ରାଜେଶ ମାଗୋ, ସହ-ପ୍ରତିଷ୍ଠାତା ଏବଂ ଗ୍ରୁପ ସିଇଓ, ମେକ ମାଇଁ ଟ୍ରିପ ,କହିଛନ୍ତି, ମହିଳାମାନେ ଯାତ୍ରା ପାଇଁ ଯୋଜନା କଲାବେଳେ ବହୁତ ସାବଧାନ ରହିଥାନ୍ତି। ସେମାନେ କେଉଁଠି ରହିବେ ଏବଂ କେଉଁ ରାସ୍ତାରେ ଯିବେ, ସେ ବିଷୟରେ ଖୁବ୍ ଭଲ ଭାବରେ ଯାଂଚ କରିଥାନ୍ତି।

## ଏଫଟିଟି ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର) ସବ୍ୟୁ) : ସୋମବାର ସନ୍ଧ୍ୟାରେ ରାଜଧାନୀର ନୀଳାଦ୍ରି ବିହାର, ଅଞ୍ଚଳରେ ଏଫଟିଟି ରେଷ୍ଟୁରାଣ୍ଟ ଏବଂ କାଫେର ଭବ୍ୟ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି। ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଂଗୀତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିବନ୍ କାଟି ରେଷ୍ଟୁରାଣ୍ଟର ଶୁଭ ଉଦଘାଟନ କରିଥିଲେ। ଏଫଟିଟି ରେଷ୍ଟୁରାଣ୍ଟ ଏବଂ କାଫେର ପ୍ରତିଷ୍ଠାତା ଓ ମାଲିକ ଜ୍ଞାନରଞ୍ଜନ ପାତ୍ର କହିଛନ୍ତି, ଏଫଟିଟି ହେଉଛି ଏକ ଏମିତି ସ୍ଥାନ, ଯେଉଁଠାରେ ଭଲ ଖାଦ୍ୟ ସହ ଲୋକେ ଆନନ୍ଦ, ଆରାମ ଓ ସମ୍ପର୍କକୁ ଉପଭୋଗ କରିପାରିବେ।

# ବସନ୍ତପୁର ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ଗରଦପୁର, ୨୭।୧(ସବ୍ୟୁ) : ଆଜି ସାଧାରଣତନ୍ତ୍ର ଦିବସରେ ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତ ବସନ୍ତପୁର ସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ନବମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଦ୍ୟାଳୟର ଛୋଟ ଛୋଟ ପିଲାମାନଙ୍କୁ ନେଇ ଶ୍ରୀ ଶ୍ରୀ ସିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତି ଜାତୀୟ ପତାକା ଉତୋଳନ କରିଥିଲେ। ଏହାପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶ୍ରୀ ଜଗନ୍ନାଥ ଓ ସାଇ ବାବାଙ୍କ ସମ୍ପର୍କରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତା ପରେ ଭକ୍ତି ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ସମସ୍ତ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ମହିଳା କମିଶନର ପରାମର୍ଶଦାତା ଡ଼କ୍ଟର ଟୁନା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ଡ଼କ୍ଟର ଦୀପ୍ତିରଂଜନ କାନୁନଗୋ, ପୂର୍ବତନ ସରପଂଚ ରବିନ୍ଦ୍ର କୁମାର ମହାପାତ୍ର, ଗୀତିକାର ଜ୍ଞାନବ୍ରତ ମହାନ୍ତି ,ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ, ଚିତ୍ର ଶିଳ୍ପୀ ସତ୍ୟ ଶେଖର ପରିଡ଼ା, ପ୍ରଶାନ୍ତ ପାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଶିଶୁ ମାନଙ୍କୁ ମାନପତ୍ର, ଲକେଟ୍ , ମେଡ଼ାଲ ଓ ପୁରସ୍କାର ବିତରଣ କରିଥିଲେ। କମଳ ମହାନ୍ତି, ନଳିନୀ ମହାନ୍ତି, ସଂଯୁକ୍ତା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏଏସ୍‌ଏମ୍‌ଇ ଇଏଫ୍‌ଏକ୍ସ ଇଣ୍ଡିଆ ଶେଷ

ଭୁବନେଶ୍ୱର : ଏଏସଏମଇ ଫାଉଣ୍ଡେଶନ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ତିନିଦିନିଆ ନିମଜ୍ଜିତ ଶିକ୍ଷା, ଉଦ୍ଭାବନ ଓ ସହଯୋଗିତା ପରେ ଏହାର ନ୍ୟାଶନାଲ ଇଂଜିନିୟରିଂ ଫେଷ୍ଟିଭାଲ ଇଏଫଏକ୍ସ ଇଣ୍ଡିଆ ୨୦୨୬କୁ ସମାପ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଶିକ୍ଷା ଓ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ କେରଳ, ଓଡିଶା, ଦିଲ୍ଲୀ, ତେଲେଙ୍ଗାନା ଓ ଉତରପ୍ରଦେଶ ସମେତ ୧୯ଟି ରାଜ୍ୟର ୭୦୦ରୁ ଅଧିକ ଇଂଜିନିୟରିଂ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ଇଏଫଏକ୍ସ ଇଣ୍ଡିଆ ୨୦୨୬ ପ୍ରତ୍ୟକ୍ଷ ଶିକ୍ଷା, ଆନ୍ତଃବିଭାଗୀୟ ଇଂଜିନିୟରିଂ ଓ ଶିଳ୍ପ-ସମର୍ଥିତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇଥିଲା, ଯାହା ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହ ବାହାରେ ବାସ୍ତବ ଦୁନିଆର ଆହ୍ୱାନଗୁଡିକ ପ୍ରତି ଏକ୍ସପୋଜର ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ବିଷୟବସ୍ତୁ ଥିଲା ଆନ୍ତଃବିଭାଗୀୟ ଇଂଜିନିୟରିଂ। ଏଥିରେ "ରୋବୋଟିକ୍ସ ଇନ ଦ ଏଜ ଅଫ୍ ଏଆଇ: ମୁଭିଙ୍ଗ ଫ୍ରମ ଅଟୋମେଶନ ଟୁ ଅଟୋନୋମି' ଶୀର୍ଷକ କର୍ମଶାଳା ଅନ୍ତର୍ଭୁକ୍ତ ଥିଲା, ଯାହା ରୋବୋଟିକ୍ସ ଓ ଅଟୋନୋମସ ସିଷ୍ଟମ କ୍ଷେତ୍ରରେ ଆର୍ଟିଫିସିଆଲ ଇଂଟେଲିଜେନ୍ସର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲା। ଏହି ପଦକ୍ଷେପ ପଛରେ ରହିଥିବା ଉଦ୍ଦେଶ୍ୟ ସମ୍ପର୍କରେ ଏଏସଏମଇ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ମଧୁକର ଶର୍ମା କହିଛନ୍ତି, ଏଏସଏମଇ ଇଏଫଏକ୍ସ ଇଣ୍ଡିଆ ୨୦୨୬ ହେଉଛି ସେହି ମଂଚ ଯେଉଁଠାରେ ଏହି ରୂପାନ୍ତରଣ ଆରମ୍ଭ ହୁଏ। ଏଏସଏମଇ ଇଂଜିନିୟରମାନଙ୍କର ଏକ ନୂତନ ପିଢିକୁ ସଶକ୍ତ କରୁଛି ଯେଉଁମାନଙ୍କ ପାଖରେ ସ୍ଥାୟୀ ଯାତାୟତଠାରୁ ଆରମ୍ଭ କରି ଅଟୋନୋମସ ସିଷ୍ଟମ ପର୍ଯ୍ୟନ୍ତ ବାସ୍ତବ-ଦୁନିଆର ଆହ୍ୱାନଗୁଡିକର ସମାଧାନ ପାଇଁ ଆବଶ୍ୟକ ବହୁବିଭାଗୀୟ ଦକ୍ଷତା ଓ ଉଦ୍ଭାବନ ମାନସିକତା ରହିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.59-KUR-TRD-OT-2025-26

କାର୍ଯ୍ୟର ନାମ : ଜଗନ୍ନାଥପୁର (RCTC) ଷ୍ଟେସନ ୟାର୍ଡ଼ରେ ପ୍ରସ୍ତାବିତ ବାଲାଷ୍ଟ ସାଇଡିଂର ବିଦ୍ୟୁତୀକରଣ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 32,46,331.13, EMD (ଟଙ୍କାରେ) : 64,900/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.01.2026 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.02.2026 ରିଖ 1300 ଘଣ୍ଟାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ଦସ୍ତାବିଜ ସହିତ ସମ୍ପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1053/Q/25-26

**AFFIDAVIT**

I, Raj Kuamr Jena, S/o. Late Anil Jena, resident of Village- Kankan, P.O- Ambiki, P.S- Erasama, Dist- Jagatsinghpur, Pin-754139, Odisha declare by this affidavit No.209, dtd.19.01.2026 that now onwards I shall be known as RAJ KUMAR JENA for all future purposes.

**AFFIDAVIT**

I, Sri. Chilikuri Kalyan Kumar Rao, Aged (49), S/o- Chilikuri Krishna Rao, Resident of Village- Kalapani, Po- Kalapani, Ps- Bargarh, Dist- Bargarh. Declare by this affidavit no. 455, dated. 25.01.2026. I have changed my name from **Chilikuri Kalyan Kumar** to **Sri. Chilikuri Kalyan Kumar Rao**. Hanceforth, I shall be known as **Chilikuri Kalyan Kumar Rao** for all purpose.

Sd/- Chilikuri Kalyan Kumar Rao

**NOTICE**

It is hereby notified to all the bonafied member of Tulasi Vihar Flat Owners Welfare Society, Samanga, Puri that the General Election of the Society for the year 2026-28 shall be held following notification No.06 Dt.27.01.2026, on 8th March 2026 from 10 A.M. to 5 P.M. Therefore you are requested to cast your valid vote at Tulasi Vihar Housing Complex Voting Booth and elect your Office Bearer.

**(Manmath Kumar Majhi)**
**President.**
**Tulasi Vihar Flat Owners Welfare Society.**

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ଇ-ଟେଣ୍ଡର/୨୦୨୬/୦୨। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଦକ୍ଷିଣ ପୂର୍ବ ରେଳପଥ ଖଡଗପୁର-୭୨୧୩୦୧ ପ୍ରତିଟି ଆଇଟମ୍ ପାଇଁ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ନଂ., ଟେଣ୍ଡର ନଂ ଓ କାର୍ଯ୍ୟର ବିବରଣୀ ନିମ୍ନରେ ଦିଆଯାଇଛି : (୧) ଇ-କେଜିପି-ଷ୍ଟ୍ରେଷ୍ଟ-୦୧-୨୦୨୬, ଖଡଗପୁର ଡିଭିଜନ ପାଇଁ ପାକୁର/ତଳଝରି/ବଡ଼ହରୱା ଡିପୋ ଠାରେ ରେଳବାଇର ୱାଗନ/ହୋପର୍‌କୁ ୧,୯୦,୨୬୪ ଘ.ମ ମି ର ୫୦ ମିମି ଗଜ୍ କଠିନ ଗୋଡ଼ି ପଥର ଯୋଗାଣ ଓ ଅନ୍‌ଲୋଡିଂ। ଟେଣ୍ଡର ମୂଲ୍ୟ : ଟ. ୩୯,୦୯,୭୨,୭୦୨.୪୨। ଅମାନତ ଅର୍ଥ : ଟ. ୨୧,୦୪,୯୦୦/-। (୨) ଇ-କେଜିପି-ଷ୍ଟ୍ରେଷ୍ଟ-୦୨-୨୦୨୬ ଏଡିଇଏନ୍/ଝାରଗ୍ରାମଙ୍କ କ୍ଷମତା ଅଧୀନରେ ଥିବା ଘଟଶିଳା ଓ ରକ୍ଷାମାଇନ୍ସ ଷ୍ଟେସନ ନିକଟବର୍ତ୍ତୀ ଏଲ୍‌ସି ନଂ. ୧୨୦,୧୨୯ ଓ ୧୩୦ରେ ଥିବା ଉପସ୍ଥିତ ସବ୍‌ୱେର ବିକାଶ ଓ ଉନ୍ନତିକରଣ। ଟେଣ୍ଡର ମୂଲ୍ୟ : ଟ. ୨,୨୯,୩୦,୫୪୧.୯୨। ଅମାନତ ଅର୍ଥ : ଟ. ୨,୬୪,୭୦୦/-। (୩) ଇ-କେଜିପି-ଇଷ୍ଟ-୦୧-୨୦୨୬, ଖଡଗପୁର ଡିଭିଜନ ପାଇଁ ବାଙ୍କୁଡିହ/ଝାରଗ୍ରାମ ପିନଡ଼ଗଡ଼ିଆ ଡିପୋ ଠାରେ ୧,୮୦,୬୯୧ ଘନ ମି. ର ୫୦ ମିମି ଗଜ୍ ମେସିନ ଭଙ୍ଗା ଗୋଡ଼ି ପଥର ଯୋଗାଣ ଓ ଅନ୍‌ଲୋଡିଂ ଏବଂ ତାହାକୁ ଏହି ଡିପୋରେ ଲୋଡିଂ। ଟେଣ୍ଡର ମୂଲ୍ୟ : ଟ. ୩୬,୪୩,୬୫,୪୯୯.୦୪। ଅମାନତ ଅର୍ଥ : ଟ. ୧୯,୭୧,୮୦୦/-। ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ପ୍ରତ୍ୟେକଟି ପାଇଁ ଟ. ୦। ଖୋଲା ତାରିଖ : ପ୍ରତ୍ୟେକଟି ପାଇଁ ୧୨.୦୨.୨୦୨୬। କାର୍ଯ୍ୟର ସମାପ୍ତି ସମୟ : କ୍ର.ନଂ. ୧ ଓ ୩ ପାଇଁ ୧୮ ମାସ ଏବଂ କ୍ର.ନଂ ୨ ପାଇଁ ୧୨ ମାସ। ବିଡିଂ ଆରମ୍ଭ ତାରିଖ : କ୍ର.ନଂ ୧ ରୁ ୩ ପାଇଁ ୨୯.୦୧.୨୦୨୬ରୁ ୧୨.୦୨.୨୦୨୬ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ସମ୍ପୂର୍ଣ୍ଣ ତଥ୍ୟ / ସ୍ପେସିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ www.ireps.gov.in ଦେଖନ୍ତୁ ଏବଂ ସେମାନଙ୍କ ବିଡ୍ ଅନ୍‌ଲାଇନ ଦାଖଲ କରନ୍ତୁ। ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ। ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ।

(PR-1093)

O-2090

Phone-0680-2404096
E-Mail: eerwgmt@yahoo.co.in

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**

**Government of Odisha e-Procurement Notice**
**Bid Identification No. Online Tender/28/SERWD-II/2025-26**
**Memo No. 441 / RWD-IIGB, Date : 16.01.26**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.82.34 lakhs |
| 3 | Period of Completion | : | 6 (Six) Months as per Annexure |
| 4 | Date & Time of availability of Bid documents in the Portal | : | 28.01.2026 at 10.00 AM to 04.02.2026 up to 5.00 P.M |
| 5 | Last Date/ Time for receipt of Bids in the Portal | : | 04.02.2026 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

**Sd/- Executive Engineer**
**R.W. Division-II,Ganjam**
**Berhampur**

B-993

E-mail ID: eepwd765017@gmail.com
Phone-(06856)233066

**Government of Odisha**
**"E" Procurement Notice**
**OFFICE OF THE SUPERINTENDING ENGINEER, RAYAGADA(R&B) DIVISION NO-II**
**Short Bid Identification No: RC (RANDB) RGD No-II 20/2025-26 (Online tender)**

**No 197** **Dated 17.01.2026**

1. Total No. of the works : 02 No's of works (Single cover System)
2. Approximate estimated Cost : Rs 19.28 to 19.50 Lakhs
3. Period of completion : 02 (Two) Calendar months
4. Date & Time of availability of bid document in the portal : 11.00 Hrs. of dated 28.01.2026 : to 17.00 Hrs. of dated 04.02.2026 for online bidding.
5. Last date/Time for receipt of bids in the portal : Up to 17.00 Hrs. of dated 04.02.2026
6. Name and address of the officer inviting BID : Superintending Engineer, Rayagada (R&B) Division No-II
7. Date of opening of Technical Bid at 11.00 Hours on dated 05.02.2026
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

**Sd/- Superintending Engineer**
**Rayagada (R&B) Division No-II**

**Government of Odisha**
**"e" procurement Notice**
**Bid Identification No. FE&CC-DFO(T) KJR-04 / 2025-26**
**No. 36 Dt. 22.01.2026**

MM- **e-mail: dfo.keonjhar@odisha.gov.in**

| | | | |
|---|---|---|---|
| 1 | No. of the work | : | A. 09 Nos. RCC Check Dam, 01 No WLBCD & 1 No. Grain Storage House |
| 2 | Estimated cost | : | From Rs. 8.47 lakh to Rs.28.73 Lakh |
| 3 | Period of completion | : | 45 (Forty-Five) Days |
| 4 | Date and Time of availability of Bid document in the portal | : | From 10.00 Hour of 28.01.2026 to 17.00 Hours of 04.02.2026 |
| 5. | Last date / Time for receipt of bids in the portal | : | 17.00 Hour of 04.02.2026 |
| 6. | Date of opening of Bid from Portal | : | 10.30 Hour of 05.02.2026 |
| 7 | Name and address of the officer inviting Bid :- | : | Divisional Forest Officer, Keonjhar Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**

**Sd/- Divisional Forest Officer**
**Keonjhar Division**

**DIRECTORATE OF MINES & GEOLOGY**
**STEEL AND MINES DEPARTMENT,**
**GOVT. OF ODISHA, BHUBANESWAR**
**Heads of Department Building, Unit-V, Pin-751001**
**Tel No.: 0674-2391537, Fax No.: 0674-2391684**
**Email ID: dir.mines@orissaminerals.gov.in**

G-51

**TENDER NOTICE**

The Director of Mines & Geology, Odisha, Bhubaneswar invites sealed Tenders on behalf of the Govt, of Odisha, for procurement of laboratory Chemicals and other items from reputed manufacturers or their authorized distributors / c & f agents / reputed dealers so as to reach the Director of Mines & Geology, Odisha, Heads of Department Building, 1st Floor, Unit-V, Bhubaneswar-751001 by Dt. 09.02.2026 till at 5.00 P.M. The Tender will be opened on Dt. 10.02.2026 till at 11.00 P.M. A.M. for evaluation of Technical Bid & Financial Bid. The Tender paper consisting of eligibility criteria, scope of the work, terms and conditions of the tender and draft agreement can be obtained during the office hours of working days from the Directorate of Mines & Geology, Odisha, Bhubaneswar on payment of Rs. 1180.00 including GST@18% (Rupees one thousand one hundred eighty) only (non-refundable) in shape of Bank Draft in favour of the Director of Mines & Geology, Odisha, Bhubaneswar payable in any Nationalised Bank / Scheduled Bank located at Bhubaneswar. The Director of Mines & Geology, Odisha shall not take any responsibility for loss of Tender Documents or any postal dislocation. The Director of Mines & Geology, Odisha reserves the right to cancel all the tender papers or a part without assigning any reason thereof. Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates. The Tender Document is available in the Department Web-site **www.odishaminerals.gov.in & www.itpmu@orissaminerals.gov.in.**

**Sd/- DIRECTOR OF MINES AND GEOLOGY, ODISHA**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।



ବିଭିନ୍ନ ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଭୁବନେଶ୍ୱରରେ ଧର୍ମଘଟ

# ସମ୍ବିଧାନ ଓ ଜରୁରୀ ପରିସ୍ଥିତି ଆଭାସୀ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ଆମ ସମ୍ବିଧାନ ଖରାପ ଲୋକଙ୍କ ହାତରେ ପଡ଼ିଲେ ଖରାପ ବୋଲି ମତ ପ୍ରକାଶ ପାଇଛି । ଥିଙ୍କର୍ଶ କ୍ଲବ ର ୧୪୬ ତମ ଆଭାସି ଆଲୋଚନା ସମୟ ର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ଶୁଭାରମ୍ଭ କରି ଭାରତ ଇତିହାସରେ କଳା ଶାସନ ସଂପର୍କରେ କହିଥିଲେ । ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ଓ ବରିଷ୍ଠ ପ୍ରଶାସକ ବିବେକ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଘୋଷିତ ନଭେମ୍ବର ୨୬ ସମ୍ବିଧାନ ଦିବସ ଠାରୁ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ ଦୁଇ ମାସ ଧରି ପ୍ରତି ସପ୍ତାହରେ ସମ୍ବିଧାନ ର ଗୌରବ ଗାଥା ବିଷୟରେ ତଥ୍ୟ ପୂର୍ଣ୍ଣ ଜନ ସଚେତନ ସୃଷ୍ଟି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଭାସି ଆଲୋଚନା ଅନୁଷ୍ଠିତ ହୋଇଥିବା ସଂପର୍କରେ ମତ ବ୍ୟକ୍ତ କରିଥିଲେ । ଏହା ୟୁ ଟ୍ୟୁବ୍ ରେ ଉପଲବ୍ଧ । ଆଗ୍ରହୀ ବ୍ୟକ୍ତି ସେଗୁଡିକ ଶୁଣିବା ଉଚିତ୍ । ନୀଳଗିରି ରାଣୀ ଶ୍ରୀମତୀ ମନୋଜା ମଞ୍ଜରୀ ଦେବୀ, ଡ. ଦିପାୟନ୍ ପଟ୍ଟନାୟକ ବିଶଦ ଭାବେ ଆଲୋଚନା କରିଥିଲେ । ଏ ସଂପର୍କରେ ପ୍ରକାଶିତ ହେବାକୁ ଥିବା ବିଶେଷ ସ୍ମରଣିକା ରେ ଏହା ପ୍ରକାଶିତ ହେବ । ଥିଙ୍କର୍ସ କ୍ଲବ ସଭାପତି ଅଧିବକ୍ତା ବରଦା ଦାସ କହିଲେ ଅନ୍ୟାନ୍ୟ ଆଲୋଚନା ସହ ଆମ ପାଇଁ ଆମ ସମ୍ବିଧାନ ଓ ଗଣମାଧ୍ୟମର ଭୂମିକା ଶୀର୍ଷକ ସ୍ୱତନ୍ତ୍ର ଆଲୋଚନା କରାଯିବ । ଆଗ୍ରହୀ ସାମ୍ବାଦିକ ବ୍ୟକ୍ତି ଆମ ସହ ଅଂଶ ଗ୍ରହଣ ପାଇଁ ଯୋଗାଯୋଗ କରିପାରିବେ ବୋଲି କହିଥିଲେ । ସମ୍ପାଦକ ଉମାଶଙ୍କର ମିଶ୍ର ଧନ୍ୟବାଦ୍ ଦେଇଥିଲେ ।



ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ମନ୍ଦିର ବାଣୀବିହାର ଭୁବନେଶ୍ୱର ପକ୍ଷରୁ ୪୩ତମ ବାର୍ଷିକ ବିଶ୍ୱଶାନ୍ତି ଗ୍ରହଯଜ୍ଞ

# ଫରେଷ୍ଟ ପାର୍କ ନିକଟରେ ଇଣ୍ଡଲଜ୍ ସାଲୁନ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଫରେଷ୍ଟ ପାର୍କ ନିକଟରେ ଇଣ୍ଡଲଜ୍ ଦି ସାଲୁନ୍ ଉଦଘାଟିତ ହୋଇଯାଇଛି । ଏହା ସହ ବିଶ୍ୱର ପ୍ରମୁଖ ଆନ୍ତର୍ଜାତୀୟ ନେଲ୍ ଏକ୍ସଟେନ୍ସନ୍ ଏବଂ ଜେଲ୍ ପଲିସ୍



ବ୍ରାଣ୍ଡ ମଧ୍ୟରୁ ଗୋଟିଏ " ବ୍ଲୁସ୍କାଏ" ନେଲ୍ସର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ରେ ବ୍ଲୁସ୍କାଏ ଏସିଆ ପାସିଫିକ୍ ବ୍ରାଣ୍ଡ ଆମ୍ବାସାଡର ଶ୍ରୀମତୀ ଦିନା ଉମାରୋଭା ଯୋଗଦେଇ ସାଲୁନ୍ ଉଦଘାଟନ କରିଥିଲେ । ବ୍ରାଣ୍ଡର ବିଶ୍ୱସ୍ତରୀୟ ପ୍ରସିଦ୍ଧ ଉତ୍ପାଦ ଲାଇନକୁ ଓଡ଼ିଶା ବଜାରରେ ପରିଚିତ କରାଇଥିଲେ । ଅତିଥି ଭାବେ ଅଭିନେତ୍ରୀ ଏବଂ ମଡେଲ୍ ଦେବଜାନୀ ଡେଗୁରିଆ, ଇଣ୍ଡଲଜ୍ ସାଲୁନର ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ଏବଂ ସାଲୁନର ଫ୍ରାଞ୍ଚାଇଜ୍ ମାଲିକ ପଲ୍ଲବୀ କର ଉପସ୍ଥିତ ଥିଲେ । ଯେ "ଏହି ସୁନ୍ଦର ନୂତନ ଗନ୍ତବ୍ୟସ୍ଥଳ - ଇଣ୍ଡଲ୍ଜ ଦି ସାଲୁନ୍ ମାଧ୍ୟମରେ ମୁଁ ବ୍ଲୁସ୍କାଏ ନେଲ୍ସକୁ ଓଡ଼ିଶାରେ ଆଣି ବହୁତ ଉତ୍ସାହିତ । ବ୍ଲୁସ୍କାଏରେ, ଆମର ଲକ୍ଷ୍ୟ ସର୍ବଦା ଏପରି ସୌନ୍ଦର୍ଯ୍ୟ ସମାଧାନ ପ୍ରଦାନ କରିବା ଯାହା କେବଳ ଚମତ୍କାର ନୁହେଁ ବରଂ ସୁରକ୍ଷିତ ମଧ୍ୟ । ଆମର ଜେଲ୍ ନେଲ୍ ସିଷ୍ଟମ୍ ଆନ୍ତର୍ଜାତୀୟ ସ୍ତରରେ ବିଶ୍ୱସନୀୟ କାରଣ ସେଗୁଡ଼ିକ ବିଷାକ୍ତ ପଦାର୍ଥରୁ ମୁକ୍ତ, ପ୍ରାକୃତିକ ନଖରେ କୋମଳ, ନିଷ୍ଠୁରତା ମୁକ୍ତ ଏବଂ ୧୦୦% ଭେଗାନ୍ । ଆଜି ଗ୍ରାହକମାନେ ସେମାନଙ୍କ ଚର୍ମ ଏବଂ ନଖରେ କ'ଣ ଯାଉଛି ସେ ବିଷୟରେ ଅଧିକ ସଚେତନ, ଏବଂ ବ୍ଲୁସ୍କାଏ ସେମାନଙ୍କୁ ଚିନ୍ତା ନକରି ଦୀର୍ଘସ୍ଥାୟୀ, ସାଲୋନ୍-ଗୁଣବତ୍ତା ସୌନ୍ଦର୍ଯ୍ୟ ଉପଭୋଗ କରିବାର ଆତ୍ମବିଶ୍ୱାସ ପ୍ରଦାନ କରେ । ମୁଁ ଖୁସି ଯେ ସୁକୀର୍ତି ପଟ୍ଟନାୟକ ସୁରକ୍ଷା, ଗୁଣବତ୍ତା ଏବଂ ବିଶ୍ୱ ମାନଦଣ୍ଡ ପ୍ରତି ସମାନ ପ୍ରତିବଦ୍ଧତା ବାଣ୍ଟିଛନ୍ତି ।

# ଓଡ଼ିଶାର ଚାଷୀ ସମାଜ ସହିତ ସର୍ବଦା ରହିଛି ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ୭୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି । କିନ୍ତୁ ଆଜି ଓଡ଼ିଶାରେ ଚାଷୀମାନେ ହତାଶ । ଚାଷୀ ସମାଜ ବିହନ ଯୋଗାଣ, ସାର ଯୋଗାଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ଏପରି ଘୋର ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି, ଯାହା ଓଡ଼ିଶାର ଇତିହାସରେ ପୂର୍ବରୁ କେବେ ଦେଖାଯାଇ ନଥିଲା । ଆଜି ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ଯେ, ସମଗ୍ର ଓଡ଼ିଶାରେ ଚାଷୀମାନେ ରାଜରାସ୍ତାରେ ଅଛନ୍ତି । ଓଡ଼ିଶାର ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ଚାଷୀମାନେ ବିଭିନ୍ନ ସମସ୍ୟା ପାଇଁ ବିଜେପି ସରକାର ବିରୋଧରେ ଆନ୍ଦୋଳନ କରୁଛନ୍ତି । ବିଜୁ ଜନତା ଦଳ ପ୍ରତିଷ୍ଠା ହେବା ପରଠାରୁ ସର୍ବଦା ଚାଷୀ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ଏବଂ ସବୁବେଳେ ଚାଷୀଙ୍କ ସହିତ ଛିଡ଼ା ହୋଇଛି । ପଶ୍ଚିମ ଓଡ଼ିଶା ଏବଂ ଅନ୍ୟାନ୍ୟ ସ୍ଥାନରେ ବିଜେଡି ଚାଷୀ ମାନଙ୍କ ପାଇଁ ସର୍ବଦା ରାଜରାସ୍ତାରେ ଲଢ଼େଇ କରୁଛି । ମଣ୍ଡିରେ ଅନିୟମିତତା ଏବଂ ଓଡ଼ିଶାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ଚାଷୀ ମାନଙ୍କ ସ୍ୱାର୍ଥରେ ଯେଉଁ ଆନ୍ଦୋଳନର ଡାକରା ଦେଇଛି, ତାହା ଚାଷୀ ହିତକର ପଦକ୍ଷେପ । ବିଜେଡି ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହିତ ବିଜେଡି ଚାଷୀମାନଙ୍କ ହିତରେ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିବ ।
ସମସ୍ତ ଚାଷୀଙ୍କ ଧାନ ଏମ୍ଏସ୍ପି ଏବଂ ଇନ୍ପୁଟ୍ ସବ୍ସିଡି ମିଶାଇ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କାରେ କିଣାଯାଉ । ଧାନ କ୍ରୟ ପରେ ସଠିକ୍ ସମୟ ମଧ୍ୟରେ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯାଉ । ଟୋକନ ଓ ମଣ୍ଡି ସମସ୍ୟା ନେଇ ଚାଷୀମାନଙ୍କୁ ଯେଉଁ ହଇରାଣ କରାଯାଉଛି, ତାହା ତୁରନ୍ତ ବନ୍ଦ କରାଯାଉ । ଦଲାଲ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । ଧାନ ସଂଗ୍ରହରେ ଅବ୍ୟବସ୍ଥା ନେଇ ବିଭିନ୍ନ ସଂଗଠନ ପ୍ରତିବାଦ ଜଣାଉଥିବାରୁ ଅନ୍ନଦାତାଙ୍କ ହିତରେ ଏଭଳି ସମସ୍ତ ପଦକ୍ଷେପକୁ ବିଜେଡି ସାଧୁବାଦ ଜଣାଉଛି । ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜୁ ଜନତା ଦଳ ଏହାର ପ୍ରତିବାଦରେ ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃଆରୀ ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହାପରେ ୨୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱର ଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି ।
ଡ଼ ମହାନ୍ତି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି । ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୩୦ ପ୍ରତିଶତ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନ୍ରୁ ମାତ୍ର ୨୬ ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ୩୫ ପ୍ରତିଶତ ଧାନ କିଣା ଯାଇଛି । ଓଡ଼ିଶା ଧାନ ସଂଗ୍ରହରେ କିପରି ଭାବେ ବିଫଳ ହୋଇଛି ତାହା ପଡୋଶୀ ଛତିଶଗଡ଼ ରାଜ୍ୟର ଧାନ ସଂଗ୍ରହର ତଥ୍ୟ ଦେଖିଲେ ସ୍ପଷ୍ଟ ହେଉଛି । ଛତିଶଗଡ଼ ଓଡ଼ିଶା ତୁଳନାରେ ଛୋଟ ରାଜ୍ୟ ହୋଇଥିବା ବେଳେ ଓଡ଼ିଶା ଠାରୁ କମ୍ ଧାନ ଉତ୍ପାଦନ କରୁଛି । ମାତ୍ର ଏବେ ସୁଦ୍ଧା ଛତିଶଗଡ଼ ୧୨୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିସାରିଛି । ତେଣୁ ଓଡ଼ିଶା ସରକାରଙ୍କ ଧାନ କିଣା ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଛି । ବିଜେପି ସରକାର ୪୦୮୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ଯୋଜନା କରିଥିଲେ, ହେଲେ ବର୍ତ୍ତମାନ ସୁଦ୍ଧା କେବଳ ୨୮୯୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲିପାରିଛି । ୩୦ ପ୍ରତିଶତ ଧାନ ସଂଗ୍ରହ କେନ୍ଦ୍ର ଏବେ ସୁଦ୍ଧା ଖୋଲିପାରିଲେ ନାହିଁ ଡବଲ ଇଂଜିନ ସରକାର । ବିନା କଟନୀ ଛଟନୀରେ ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି ସରକାର । ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି । ରାଜ୍ୟରେ ମଣ୍ଡି ସମସ୍ୟା ଉକ୍ରଟ ରୂପ ଧାରଣ କରିଥିବାବେଳେ ସରକାର ଚାଷୀଙ୍କ ସହ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି ।

# ମହାନଦୀ ବିହାର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ


କଟକ, (ସ୍ୱପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାନଦୀ ବିହାର, ଶିଖରପୁର, କଟକର ୩୭ତମ ବାର୍ଷିକ ଉତ୍ସବ ପରିଚାଳନା ସମିତିର ସଭାପତି ସୁଶ୍ରୀ ପ୍ରତିମା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପଦ୍ମଶ୍ରୀ ବାବା ବଳିଆଙ୍କର ଶିଷ୍ୟ ତଥା ଭାବରେ ଭାଗବତର ଉପସ୍ଥାପକ ସେବକ ଗୋପାଳ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଆମ ଜୀବନରେ ପିତାମାତାଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ । ଜାତୀୟବାଦୀ ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପର ପ୍ରାକ୍ତନ ସମ୍ପାଦକ ତଥା ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ଉତ୍ତର ପୂର୍ବ ସମ୍ଭାଗର ସଭାପତି ଶିବନାରାୟଣ ସିଂହ ମୁଖ୍ୟବକ୍ତା ରୂପେ ଯୋଗଦେଇ ନୂତନ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ବିଷ୍ଣୁ ଚରଣ ନାୟକ ଅତିଥିମାନଙ୍କର ପରିଚୟ ଓ ସ୍ୱାଗତ ଭାଷଣ



ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଭାଗିରଥି ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା ସମିତିର ଉପସଭାପତି ଡଃ ଦେବବ୍ରତ ପୃଷ୍ଟି, ଯୁଗ୍ମ ସମ୍ପାଦକ ସତ୍ୟଭାମା ମହାନ୍ତି, ସଦସ୍ୟ ଦୁଷ୍ମନ୍ତ କୁମାର ଦଳାଇ, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କର ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ, ବିଭାଗ ନିରୀକ୍ଷକ ରାହାସ ବିହାରୀ ମହାପାତ୍ର ଓ କଟକ ଜିଲ୍ଲା ପ୍ରମୁଖ ଭାସ୍କର ଚନ୍ଦ୍ର ସାହୁ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଶିଶୁମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଶିକ୍ଷାବିତ୍ ରାଜୁ ସାରଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ପୁରୀ ଉତ୍କଳ ହିନ୍ଦୀ ବିଦ୍ୟାପୀଠର ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତିଙ୍କର ଜାନୁଆରୀ ୨୬ ସୋମବାର ରାତି ସାଢ଼େ ଗୋଟାଏରେ ପରଲୋକ ହୋଇଛି । ତାଙ୍କୁ ୮୨ ବର୍ଷ ହୋଇଥିଲା । ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ପରିସ୍ଥିତିରେ ଉନ୍ନତି ନଘଟିବାରୁ ତାଙ୍କୁ ଦୁଇ ଦିନ ତଳେ ପୁରୀର ଗଜପତି ନଗର ବାସଭବନକୁ ସ୍ଥାନାନ୍ତର



କରାଯାଇଥିଲା । ସ୍ୱର୍ଗତଃ ମହାନ୍ତି ଛୋଟ ପିଲାଙ୍କ ପାଇଁ ଅନେକ ଶିଶୁ ସାହିତ୍ୟ, ଇଂରାଜୀ ବ୍ୟାକରଣ ତଥା ଗାଣିତ୍ୟିକ ସୂତ୍ର ସମ୍ବଳିତ ଉପାଦେୟ ପୁସ୍ତକ ରଚନା କରି ଆଦୃତି ଲାଭ କରିଥିଲେ । ତାଙ୍କ ପରଲୋକରେ ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଭିଭାବକ ମହଲରେ ଶୋକ ପ୍ରକାଶ ପାଇଛି । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ବଡ଼ପୁଅ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ଜାନକୀ ବଲ୍ଲଭ ମହାନ୍ତି ମୁଖାଗ୍ନି ଦେଇଥିଲେ ।

# କିଷ୍ଟରେ ୭୭ ତମ ଗଣତନ୍ତ୍ର ଦିବସ ପାଳନ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରର କୋଣାର୍କ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ୭୭ ତମ ଗଣତନ୍ତ୍ର ଦିବସକୁ ଅତ୍ୟନ୍ତ ଉତ୍ସାହ ଏବଂ ଦେଶପ୍ରେମ ସହିତ ପାଳନ କରିଛି । ଏହି ଅବସରରେ ମୁଖ୍ୟ ଅତିଥି ଲେଫ୍ଟନା ଜେନେରାଲ ଡ. କମାଣ୍ଡର ଅମିୟ ପାତ୍ର, ହାଇଟେକ୍ ଗ୍ରୁପ୍ ଡେପୁଟି ଡାଇରେକ୍ଟର ଅନିଲ କୁମାର ପାଣିଗ୍ରାହୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ପାର୍ଥ ସାରଥୀ ଖୁଁ ଆ, ଡିନ୍ ଡ. ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଡେଭଲପମେ ଅଫିସର୍ ଗୌରାଙ୍ଗ ଚୌଧୁରୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ "ଅପରେସନ୍ ସିନ୍ଦୂର" ବିଷୟବସ୍ତୁ ଉପରେ ଏକ ନାଟକ ଏବଂ ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଯାହା ଶତାଧିକ ବିଦ୍ୟାର୍ଥୀଙ୍କୁ ଦେଶସେବା କରିବା ପାଇଁ ଉତ୍ସାସିତ କରିଥିଲା । ଏହି କାର୍ଯ୍ୟକ୍ରମ ଜାତୀୟ ଗୌରବ ଓ ସାଂସ୍କୃତି କ ପ୍ରତିବଦ୍ଧତାର ଏକ ପ୍ରମାଣ ଥିଲା । ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅରୁନ୍ଧତୀ ସେନ, ସଙ୍ଗୀତା ବିଶ୍ୱାଳ, ଶିବାନୀ ପାଣିଗ୍ରାହୀ ଏବଂ ଅପର୍ଣ୍ଣା ହଲଦାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଓଡ଼ିଶାର ବକ୍ସାଇଟ୍ ଖଣି ଖୋଲିବା ଭାରତର ଆର୍ଥିକ ଏବଂ ରଣନୈତିକ କ୍ଷେତ୍ର ପାଇଁ ଜରୁରୀ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଭାବରେ ଭାରତର ଅଭିବୃଦ୍ଧି ଘରୋଇ ଉତ୍ପାଦନ, ବୃହତ ପରିମାଣର ଭିତିଭୂମି ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଉପରେ ବର୍ଷ ବର୍ଷ ଧରି ଗୁରୁତ୍ୱ ଦେବାରୁ ଲାଭକୁ ପ୍ରତିଫଳିତ କରେ । ତଥାପି, ଦେଶ ଶିଳ୍ପ ଏବଂ ଶକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ନିଜକୁ ସ୍ଥାନିତ କରୁଥିବାରୁ, ଏକ ପ୍ରମୁଖ ରଣନୈତିକ ବ୍ୟବଧାନ ସ୍ପଷ୍ଟ ହେବାରେ ଲାଗିଛି । ପ୍ରଚୁର ଘରୋଇ ସଂରକ୍ଷଣ ସତ୍ତ୍ୱେ, ଭାରତ ଏହାର ବକ୍ସାଇଟ୍ ସମ୍ବଳଗୁଡ଼ିକୁ - ବିଶେଷକରି ଓଡ଼ିଶାରେ - ଅପର୍ଯ୍ୟାପ୍ତ ଭାବରେ ବ୍ୟବହାର କରିଚାଲିଛି, ଯେଉଁ ସମୟରେ ଆତ୍ମନିର୍ଭରଶୀଳତା ଏବଂ ଯୋଗାଣ ସୁରକ୍ଷା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ଏକ ଗୁରୁତ୍ୱପୂର୍ଣ୍ଣ କଂଚାମାଲକୁ ଅପର୍ଯ୍ୟାପ୍ତ ଭାବରେ ବ୍ୟବହାର କରିହେବ । ଘରୋଇ କ୍ଷେତ୍ରରେ ସାମ୍ପ୍ରତିକ ବିକାଶ ଦ୍ୱାରା ଏହି ପ୍ରସଙ୍ଗର ଜରୁରୀତାକୁ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶାରେ ହିଣ୍ଡାଲ୍କୋର ପ୍ରସ୍ତାବିତ ୮,୦୦୦ କୋଟି ଟଙ୍କାର ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀ ପ୍ରକଳ୍ପ ରାଜ୍ୟର ଶିଳ୍ପ ସମ୍ଭାବନା ପ୍ରତି ଏକ ପ୍ରମୁଖ ବିଶ୍ୱାସ ଭୋଟକୁ ପ୍ରତିନିଧିତ୍ୱ କରେ । ଏହି ପ୍ରକଳ୍ପ ଭାରତର ଆଲୁମିନିୟମ୍ ଇକୋସିଷ୍ଟମକୁ ମଜବୁତ କରିବ, ନିଯୁକ୍ତି ସୃଷ୍ଟି କରିବ ଏବଂ ଡାଉନଷ୍ଟ୍ରିମ୍ ଉତ୍ପାଦନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ତଥାପି, ଏପରି ନିବେଶ ମୂଳତଃ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ ଉପରେ ନିର୍ଭର କରେ - ଏକ ସୁରକ୍ଷିତ, ସୁଲଭ ଏବଂ ପୂର୍ବାନୁମାନଯୋଗ୍ୟ ବକ୍ସାଇଟ୍ ଯୋଗାଣ । ଘରୋଇ ବକ୍ସାଇଟ୍ ସମ୍ପଦକୁ ପରିମାଣରେ ଅନଲକ୍ ନକରି, ପ୍ରମୁଖ ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟ ଆମଦାନୀ କଞ୍ଚାମାଲ ଉପରେ କ୍ରମାଗତ ଭାବରେ ନିର୍ଭରଶୀଳ ହେବାର ଆଶଙ୍କା ସୃଷ୍ଟି କରନ୍ତି, ଯାହା ସେମାନଙ୍କୁ ବିଶ୍ୱ ମୂଲ୍ୟ ଅସ୍ଥିରତା ଏବଂ ଯୋଗାଣ ବାଧାପ୍ରାପ୍ତ କରିଥାଏ ।


ଓଡ଼ିଶାରେ ସୁଯୋଗର ପରିମାଣ ଅସ୍ୱୀକାର୍ଯ୍ୟ । ଭାରତରେ ପ୍ରାୟ ୩.୯ ବିଲିୟନ ଟନ୍ ବକ୍ସାଇଟ୍ ସମ୍ପଦ ରହିଛି, ଏବଂ କେବଳ ଓଡ଼ିଶା ଏହି ମୋଟର ୫୦ ପ୍ରତିଶତରୁ ଅଧିକ ଅଟେ । ରାଜ୍ୟର ଖଣିଜ ସମୃଦ୍ଧ ଜିଲ୍ଲା - କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼, ବଲାଙ୍ଗୀର ଏବଂ ସମ୍ବଲପୁର ସମେତ - ଦେଶର କିଛି ସର୍ବୋଚ୍ଚ ଗୁଣବତ୍ତା ଗଚ୍ଛିତ ସ୍ଥାନ ରହିଛି । ଏହି ସମ୍ପଦଗୁଡ଼ିକ ଆଲୁମିନିୟମ୍ ଉତ୍ପାଦନର ମେରୁଦଣ୍ଡ ଗଠନ କରେ, ଏକ ଧାତୁ ଯାହା ବୈଦ୍ୟୁତିକ ଯାନବାହନ, ନବୀକରଣୀୟ ଶକ୍ତି ଭିତିଭୂମି, ରେଳବାଇ, ନିର୍ମାଣ, ମହାକାଶ ଏବଂ ପ୍ରତିରକ୍ଷା ଉତ୍ପାଦନ ପାଇଁ ଅପରିହାର୍ଯ୍ୟ । ତଥାପି, ଏହି ପ୍ରଚୁରତା ସତ୍ତ୍ୱେ, ଆମଦାନୀ ହୋଇଥିବା ବକ୍ସାଇଟ୍ ଉପରେ ଭାରତର ନିର୍ଭରତା ବୃଦ୍ଧି ପାଇବାରେ ଲାଗିଛି । ଆର୍ଥିକ ବର୍ଷ ୨୦୨୩ ରେ, ଦେଶ ପ୍ରାୟ ୩.୬ ନିୟୁତ ଟନ୍ ବକ୍ସାଇଟ୍ ଆମଦାନୀ କରିଥିଲା । ଆଲୁମିନିୟମ୍ ଉତ୍ପାଦକମାନେ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ କ୍ଷମତା ବୃଦ୍ଧି କରିବା ସହିତ ଆର୍ଥିକ ବର୍ଷ ୨୦୨୪ ରେ ଏହି ସଂଖ୍ୟା ପ୍ରାୟ ୪.୫ ନିୟୁତ ଟନ୍ ରେ ପହଂଚିଛି । ବାଣିଜ୍ୟ ତଥ୍ୟ ଦର୍ଶାଉଛି ଯେ ଭାରତ ଗିନି ଏବଂ ଚୀନ୍ ସମେତ ବିଭିନ୍ନ ଦେଶରୁ ବକ୍ସାଇଟ୍ ସଂଗ୍ରହ କରୁଛି, ଯାହା ଘରୋଇ ଭାବରେ ଯଥେଷ୍ଟ ପରିମାଣରେ ଉପଲବ୍ଧ ଖଣିଜ ପଦାର୍ଥ ପାଇଁ ବାହ୍ୟ ଯୋଗାଣ ଶୃଙ୍ଖଳ ଉପରେ ଗଭୀର ନିର୍ଭରଶୀଳତାକୁ ପ୍ରତିଫଳିତ କରେ ।

ଏହି ଧାରା ପ୍ରକୃତ ଆର୍ଥିକ ଏବଂ ରଣନୈତିକ ଖର୍ଚ୍ଚ ବହନ କରେ । କଂଚାମାଲ ଏବଂ ଅର୍ଦ୍ଧ-ସମାପ୍ତ ଉତ୍ପାଦ ସମେତ ଆଲୁମିନିୟମ୍ ଆମଦାନୀ ବର୍ତ୍ତମାନ ଘରୋଇ ଚାହିଦାର ଅଧାରୁ ଅଧିକ ପୂରଣ କରେ । ଗତ ପାଂଚ ବର୍ଷ ମଧ୍ୟରେ, ଆଲୁମିନିୟମ୍ ଆମଦାନୀର ମୂଲ୍ୟ ଦ୍ରୁତ ଭାବରେ ବୃଦ୍ଧି ପାଇଛି, ଆକଳନ ଅନୁଯାୟୀ ଆମଦାନୀ ବିଲ୍ ୨୦୨୬ ଆର୍ଥିକ ବର୍ଷରେ ୩୦,୦୦୦ କୋଟି ଟଙ୍କା ନିକଟତର ହୋଇଛି । ବିଦେଶୀ ମୁଦ୍ରାର ଏହି ନିରନ୍ତର ପ୍ରବାହ ଭାରତର ବାଣିଜ୍ୟ ସନ୍ତୁଳନକୁ ଦୁର୍ବଳ କରେ ଏବଂ ଘରୋଇ ଉତ୍ପାଦକମାନଙ୍କୁ ଭୂରାଜନୈତିକ ଆଘାତ ଏବଂ ବିଶ୍ୱ ମୂଲ୍ୟ ପରିବର୍ତ୍ତନର ଶିକାର ହେବାକୁ ପଡ଼େ । ଏହିପରି ଏକ୍ସପୋଜର ଆତ୍ମନିର୍ଭର ଭାରତ ଏବଂ ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ୨୦୪୭ ର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପାଇଁ ସ୍ଥାୟୀ ଘରୋଇ ଯୋଗାଣ ଶୃଙ୍ଖଳ ଉପରେ ଗୁରୁତ୍ୱାରୋପ କରେ । ଆଗାମୀ ବର୍ଷଗୁଡ଼ିକରେ ଆଲୁମିନିୟମ୍ ଚାହିଦା ଉପରେ ଚାପ ଆହୁରି ତୀବ୍ର ହେବ । ଆଲୁମିନିୟମ୍ ଭିଜନ୍ ୨୦୪୭ରେ ଉଲ୍ଲେଖ କରାଯାଇଥିବା ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତର ଆଲୁମିନିୟମ୍ ଆବଶ୍ୟକତା ବାର୍ଷିକ ୮ ନିୟୁତ ଟନ୍ ଅତିକ୍ରମ କରିପାରେ, ଯାହା ଆଜି ପ୍ରାୟ ୫.୫ ନିୟୁତ ଟନ୍ ଅଟେ । ଯଦିଓ ଘରୋଇ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୪.୨ ନିୟୁତ ଟନ୍ ବୃଦ୍ଧି ପାଇଛି ଏବଂ ଆହୁରି କ୍ଷମତା ବୃଦ୍ଧି ଯୋଜନା କରାଯାଇଛି, ନିରନ୍ତର ଅଭିବୃଦ୍ଧି କଂଚାମାଲର ନିଶ୍ଚିତ ପ୍ରବେଶ ଉପରେ ନିର୍ଭର କରିବ - ଯାହା ଆମଦାନୀ ହୋଇଥିବା ବକ୍ସାଇଟ୍ ଉପରେ ନିର୍ଭରଶୀଳତା ଦୀର୍ଘକାଳୀନ ଭାବରେ ଗ୍ୟାରେଣ୍ଟି ଦେଇପାରିବ ନାହିଁ ।

ତେଣୁ ଭାରତର ବକ୍ସାଇଟ୍ ଆମଦାନି ନିର୍ଭରଶୀଳତା ସମ୍ବଳ ଅଭାବର ପରିଣାମ ନୁହେଁ ବରଂ ସାଂଗଠନିକ ଏବଂ ନିୟାମକ ବାଧା ଅଟେ । ୨୦୨୩ ମସିହାରେ ଘରୋଇ ବକ୍ସାଇଟ୍ ଉତ୍ପାଦନ ୨୩ ନିୟୁତ ଟନ୍ ଅତିକ୍ରମ କରିଥିଲା, ତଥାପି ଖଣିଜ-ବହନକାରୀ ଅଂଚଳଗୁଡ଼ିକରେ ଜମି ଅଧିଗ୍ରହଣ, ନିୟାମକ ଅନୁମୋଦନ ଏବଂ ଭିତିଭୂମି ବିକାଶରେ ବିଳମ୍ବ ଯୋଗୁଁ ନୂତନ ଖଣି ବିକାଶ ପଛରେ ପଡ଼ିଛି । ଫଳସ୍ୱରୂପ, ଉତ୍ପାଦନକାରୀମାନେ ଯୋଗାଣ ଶୃଙ୍ଖଳା ପୂରଣ କରିବା ପାଇଁ ଆମଦାନି କରିବାକୁ ଯାଉଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଉପଯୁକ୍ତ ଜମାଗୁଡ଼ିକ ଅପରିବର୍ତ୍ତିତ ରହିଛି । ୧ଏମଟି ଆଲୁମିନିୟମ ଉତ୍ପାଦନ ପାଇଁ ୬ଏମଟି ବକ୍ସାଇଟ୍ ଆବଶ୍ୟକ । ତେଣୁ, ଚାହିଦାରେ ଆଶା କରାଯାଇଥିବା ବୃଦ୍ଧି ପୂରଣ କରିବା ପାଇଁ ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ ।

ପରିବେଶଗତ ଏବଂ ସାମାଜିକ ପ୍ରଭାବ ବିଷୟରେ ଚିନ୍ତା ଯେକୌଣସି ଖଣି ପ୍ରସାର ପାଇଁ କେନ୍ଦ୍ରବିନ୍ଦୁ ରହିବା ଉଚିତ । ତଥାପି, ସମାଧାନ ଜଡ଼ତା ନୁହେଁ, ଦାୟିତ୍ୱପୂର୍ଣ୍ଣ ତ୍ୱରାନ୍ୱୟରେ ନିହିତ । ସର୍ବୋତମ ଅଭ୍ୟାସ ଜଳ ଏବଂ ଟେଲିଂ ପରିଚାଳନା ସହିତ ସାଟେଲାଇଟ୍ ଚିତ୍ର ଏବଂ ଦୂର ସେନ୍ସିଂ ସମେତ ଆଧୁନିକ ନିରୀକ୍ଷଣ ଉପକରଣଗୁଡ଼ିକ, ଦୃଢ଼ ତଦାରଖ ଏବଂ ଅନୁପାଳନ ପାଇଁ ଅନୁମତି ଦିଏ । ଓଡ଼ିଶାର ଖଣିଜ ବହନକାରୀ କ୍ଷେତ୍ର ବିକାଶ ନିଗମ ପୂର୍ବରୁ ଖଣି ରାଜସ୍ୱକୁ ସ୍ଥାନୀୟ ବିକାଶରେ ପରିଚାଳିତ କରିବା, ପ୍ରଭାବିତ ସମ୍ପ୍ରଦାୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତିଭୂମି ଏବଂ ସ୍ଥାୟୀ ଜୀବିକାରେ ନିବେଶକୁ ସମର୍ଥନ କରିବା ପାଇଁ ଏକ ଢାଂଚା ପ୍ରଦାନ କରୁଛି । ବିଶ୍ୱ ସ୍ତରରେ, ସମ୍ପଦ ସୁରକ୍ଷା ପାଇଁ ଦୌଡ଼ ତୀବ୍ର ହେଉଛି । ଚୀନ୍ ଆଫ୍ରିକା ଏବଂ ବାହାରେ ବକ୍ସାଇଟ୍ ସମ୍ପତିର ପ୍ରବେଶକୁ ସୁଦୃଢ଼ କରିଚାଲିଛି, ଯେତେବେଳେ ଅନ୍ୟ ଦେଶଗୁଡ଼ିକ ଘରୋଇ ଖଣିଜ ବିକାଶକୁ ଦ୍ରୁତ ଗତିରେ ଅନୁସରଣ କରୁଛନ୍ତି । ଭାରତ ଦୀର୍ଘ ସମୟ ପାଇଁ ଦ୍ୱିଧା ସହ୍ୟ କରିପାରିବ ନାହିଁ । ଦେଶର ଶିଳ୍ପ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସ୍ୱଚ୍ଛ, ବୈଜ୍ଞାନିକ ଭାବରେ ପରିଚାଳିତ ଏବଂ ସାମାଜିକ ଭାବରେ ଦାୟୀ ଖଣି ମାଧ୍ୟମରେ ଓଡ଼ିଶାର ବକ୍ସାଇଟ୍ ସମ୍ପଦଗୁଡ଼ିକୁ ଅନଲକ୍ କରିବା ଅତ୍ୟନ୍ତ ଜରୁରୀ । ଓଡ଼ିଶାର ମାଳଭୂମି ତଳେ ଥିବା ବକ୍ସାଇଟ୍ ଏକ ଭୌଗୋଳିକ ସମ୍ପତି ଅପେକ୍ଷା ଅଧିକ । ଏହା ଭାରତର ଉତ୍ପାଦନ ମହତ୍ୱାକାଂକ୍ଷା, ଆର୍ଥିକ ସ୍ଥିରତା ଏବଂ ଦୀର୍ଘକାଳୀନ ପ୍ରତିଯୋଗିତା ପାଇଁ ଏକ ରଣନୈତିକ ଭିତିଭୂମି । ସତର୍କ ବିଳମ୍ବର ସମୟ ଅତିକ୍ରମ କରିସାରିଛି । ବର୍ତମାନ ଯାହା ଆବଶ୍ୟକ ତାହା ହେଉଛି ଭାରତର ଖଣିଜ ନୀତିକୁ ଏହାର ଆର୍ଥିକ ଆକାଂକ୍ଷା ସହିତ ସମନ୍ୱିତ କରିବା ପାଇଁ ନିର୍ଣ୍ଣାୟକ, ଦାୟିତ୍ୱପୂର୍ଣ୍ଣ ପଦକ୍ଷେପ ।

# ସଂସ୍କୃତପଣ୍ଡିତ ଏବଂ ଶ୍ରେଷ୍ଠ ପାଲା ଗାୟକ ରମାକାନ୍ତ ମିଶ୍ରଙ୍କ ଅକାଳ ବିୟୋଗରେ ଶୋକର ଛାୟା



ଜଟଣୀ, (ସବ୍ୟୁ): ଜଟଣୀ ଅଂଚଳର ଅବସର ପ୍ରାପ୍ତ ସଂସ୍କୃତ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଅକାଳ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି କ୍ଷ ସେ ଜଣେ ଶ୍ରେଷ୍ଠ ପାଲା ଗାୟକ ରୂପେ ପରିଚିତ ଥିଲେ । ସ୍ୱର୍ଗତ ରମାକାନ୍ତ ମିଶ୍ର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ବ୍ଲକ୍, ଗୌଡ଼ପୁଟ ଗ୍ରାମପଞ୍ଚାୟତର ଅଖାରିଆ ନାମକ ଏକ କ୍ଷୁଦ୍ରପଲ୍ଲୀ ଗ୍ରାମରେ ତା୨୯.୯.୧୯୫୭ରିଖ ପବିତ୍ର ଗଣେଶଚତୁର୍ଥୀତିଥିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ପଣ୍ଡିତ ହରେକୃଷ୍ଣ ମିଶ୍ର ଓ ମାତାଙ୍କ ନାମ ରତ୍ନମଣି ଦେବୀ । ବାଲ୍ୟକାଳରୁ ସେ ପିତାଙ୍କ ମୁଖ ନିଃସୃତ ସଂସ୍କୃତଶ୍ଳୋକ ଗୁଡ଼ିକର ସୁମଧୁର ଆବୃତ୍ତିର ପ୍ରଭାବ ତାଙ୍କ ଉପରେ ପଡିଥିଲା । ଛାତ୍ର ଜୀବନରେ ସେ ମାଟ୍ରିକ୍ ପରେ ସଂସ୍କୃତଅଧ୍ୟୟନ କରି ସାହିତ୍ୟଶାସ୍ତ୍ରୀ ଉପାଧି ପରୀକ୍ଷାରେ ସମୁତ୍ତୀର୍ଣ୍ଣ ହୋଇ ଶିକ୍ଷକତା ଆରମ୍ଭ କରିଥିଲେ । ଗତବର୍ଷ ତାଙ୍କ ରଚିତ " ଗୀତିମଞ୍ଜୁଷା" ପୁସ୍ତକ ପ୍ରକାଶିତ ଓ ସର୍ବଜନାଦୃତହୋଇ ପାରିଥିଲା । ଚଳିତବର୍ଷ ୨୦୨୪ ରେ ୨ୟ ପ୍ରକାଶିତ ପୁସ୍ତକଟିର ନାମ"କୁଳପ୍ରଦୀପ ରଘୁ" ଏହା ମହାକବି କାଳିଦାସଙ୍କ "ରଘୁବଂଶ" କାବ୍ୟର ଏକଓଡ଼ିଆ ପଦ୍ୟରୂପ । ପଣ୍ଡିତ ଶ୍ରୀ ମିଶ୍ରଙ୍କ ଅକାଳ ବିୟୋଗର ଖବର ଶୁଣି ସହରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ତଥା ପଣ୍ଡିତଙ୍କ ଗ୍ରହଣରେ ଶୋକର ଛାୟା ଖେଳିଯାଇଅଛି ।

## କର୍ତ୍ତବ୍ୟ ପଥରେ ଗଣତନ୍ତ୍ର ଦିବସ ସମାରୋହ

# ବୀରତ୍ୱ ଓ ସଂସ୍କୃତିର ମହାସଙ୍ଗମ ଦେଖିଲା ବିଶ୍ୱ

ନୂଆଦିଲ୍ଲୀ: ୭୭ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ, ଦିଲ୍ଲୀର କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ହୋଇଥିବା ପରେଡ୍ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ସବରେ ମୁଖ୍ୟ ଅତିଥି ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନଙ୍କ ସହିତ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ପରେଡ୍ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଭବନିଶ କୁମାର, ଜେନେରାଲ ଅଫିସର କମାଣ୍ଡିଂ, ଦିଲ୍ଲୀ କ୍ଷେତ୍ର। ମେଜର ଜେନେରାଲ ନବରାଜ ଢିଲୋନ, ମୁଖ୍ୟାଳୟ ଦିଲ୍ଲୀ କ୍ଷେତ୍ର, ପରେଡର ଦ୍ୱିତୀୟ-ଇନ୍-କମାଣ୍ଡ ଥିଲେ। ପରେଡ୍ରେ ବିଶ୍ୱ ବନ୍ଦେ ମାତରମର ୧୫୦ ତମ ବାର୍ଷିକୀ ଓ ଅପରେସନ ସିନ୍ଦୂରର କାହାଣୀ ଦେଖିଛି। ଭାରତର ବିକାଶ ଯାତ୍ରା, ସାଂସ୍କୃତିକ ବିବିଧତା, ଐତିହାସିକ ଐତିହ୍ୟ, ସ୍ୱର୍ଣ୍ଣିମ ଇତିହାସ ଏବଂ ସାମରିକ ଶକ୍ତିର ଅନନ୍ୟ ସଙ୍ଗମ ସାରା ଦୁନିଆ ସମ୍ମୁଖରେ ପ୍ରଦର୍ଶନ କରାଯାଇଛି।

ପ୍ରାୟ ୯୦ ମିନିଟ୍ ଧରି ଚାଲିଥିବା ପରେଡ୍ରେ ଘଣ୍ଟା ପ୍ରତି ୯୦୦ କିଲୋମିଟର ବେଗରେ ରାଫେଲ୍ ଗର୍ଜନ କରିଥିଲା। ଏହା ସହିତ ସି-୧୩୦ ଓ ସି-୨୯୫ର ପ୍ରଦର୍ଶନ ବାୟୁସେନା ପକ୍ଷରୁ କରାଯାଇଥିଲା। ସ୍ୱଦେଶୀ ହାଇପରସୋନିକ୍ କ୍ଷେପଣାସ୍ତ୍ରର ପ୍ରଥମ ଝଲକ ମଧ୍ୟ ଦେଖିବାକୁ ମିଳିଥିଲା। ପରେଡ୍ରେ ପ୍ରଥମ ଥର ପାଇଁ ସ୍ୱଦେଶୀ ହାଇପରସୋନିକ୍ କ୍ଷେପଣାସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ପାକିସ୍ତାନ ସୀମାରେ ନିୟୋଜିତ ବାକ୍ଟ୍ରିୟାନ୍ ଓଟମାନଙ୍କୁ ମଧ୍ୟ ପରେଡ୍ରେ ସାମିଲ କରାଯାଇଥିଲା। ୧୭ଟି ରାଜ୍ୟରୁ ତିରିଶଟି ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲା। ଭୈରବ ବାଟାଲିଅନ୍




ପ୍ରଥମ ଥର ପାଇଁ ସାହସିକତା ପ୍ରଦର୍ଶନ କରିଥିଲା। ମହିଳା ଅଗ୍ନିବୀରମାନେ ବାୟୁସେନା ମାର୍ଚ୍ଚିଂ ବ୍ୟାଣ୍ଡରେ ଅଂଶଗ୍ରହଣ କରିଥିଲେ।

ଗୃହ ମନ୍ତ୍ରଣାଳୟର ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଓ ଏନ୍ଡିଆର୍ଏଫ୍ ପ୍ରଜ୍ଞାପନ ମେଢ଼ରେ ଭୁଜ ଭୂମିକମ୍ପର ୨୫ ବର୍ଷ ପୂର୍ବର ଘଟଣାକୁ ଚିତ୍ରଣ କରାଯାଇଥିଲା। ଉତ୍ତରାଖଣ୍ଡ ନିର୍ଦ୍ଦେଶାଳୟ ସିନିୟର ୱିଙ୍ଗ ଗାର୍ଲ୍ସର କମାଣ୍ଡର ସିନିୟର ଅଣ୍ଡର ଅଫିସର ମାନସୀ ବିଶ୍ୱକର୍ମା ୧୪୮ ଜଣ ବାଳିକା କ୍ୟାଡେଟଙ୍କ ଏକ ଏନସିସି କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ଜମ୍ମୁ-କାଶ୍ମୀର ଓ ଲଦାଖ ନିର୍ଦ୍ଦେଶାଳୟର ଏସଡି ବାଳକ କଣ୍ଟିଜେଣ୍ଟର କମାଣ୍ଡର ସିନିୟର ଅଣ୍ଡର ଅଫିସର ତୌହିଦ ଅଲତାଫ୍ ୧୪୮ ଜଣ ବାଳକ କ୍ୟାଡେଟଙ୍କ ଏକ ଦଳକୁ ନେତୃତ୍ୱ ଦେଇଥିଲେ। ତାଙ୍କ ପରେ ରାଜସ୍ଥାନର ଜୟପୁରରୁ ଚାରୁ ସିଂହ ୨୦୦ ଜଣ ସ୍ୱେଚ୍ଛାସେବକଙ୍କ ମାଇଁ ଭାରତ ଏନ୍ଏସ୍ଏସ୍ ମାର୍ଚ୍ଚିଂ ଗ୍ରୁପ୍ର ନେତୃତ୍ୱ ନେଇଥିଲେ। ଏହା ପରେ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତଥା ୧୩ଟି ମନ୍ତ୍ରଣାଳୟ, ବିଭାଗ ତଥା ସେବାର ପ୍ରତିନିଧିତ୍ୱ କରୁଥିବା ୩୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା।

ବନ୍ଦେ ମାତରଂ ଉପରେ ଆଧାରିତ ଏକ ସାରଣୀ ପରିବେଷଣ କରାଯାଇଥିଲା। ଏଥିରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଚିତ୍ରଣ କରାଯାଇଥିଲା। ୟୁରୋପୀୟ ସଂଘର ସାମରିକ ଦଳ ମଧ୍ୟ ପରେଡରେ ଅଂଶଗ୍ରହଣ କରିଥିଲେ। ୟୁରୋପୀୟ ସଂଘର ସାମରିକ ଦଳ ପ୍ରତିନିଧିତ୍ୱ କରିଥିଲେ କର୍ଣ୍ଣେଲ ଫ୍ରେଡେରିକ ସାଇମନ ସ୍ପ୍ରଇଟ୍, ୟୁରୋପୀୟ ସଂଘର ସାମରିକ କର୍ମଚାରୀଙ୍କ ପକ୍ଷରୁ ଏକ ଜିପ୍ସିରେ ଚଢ଼ିଥିଲେ। ଡେପୁଟି କମାଣ୍ଡାଣ୍ଟ ମହେନ୍ଦ୍ର ପାଲ ସିଂହ ରାଠୋରଙ୍କ ନେତୃତ୍ୱରେ ସୀମା ସୁରକ୍ଷା ବାହିନୀର ଓଟ ଦଳ ମାର୍ଚ୍ଚପାଷ୍ଟ କରିଥିଲା। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ଦଳ ସବ-ଇନ୍ସପେକ୍ଟର କରଣ ସିଂହଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ ଦଳ ସହକାରୀ କମାଣ୍ଡାଣ୍ଟ ସିମରନ ବାଲା ଏବଂ ସହକାରୀ କମାଣ୍ଡାଣ୍ଟ ସୁରଭି ରବିଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏହା ପରେ ବ୍ୟାଣ୍ଡ ମାଷ୍ଟର ଏଏସଆଇ ଦେବେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ ଦଳ ଏବଂ ସହକାରୀ ପୋଲିସ କମିଶନର ଅନନ୍ତ ଧନରାଜ ସିଂହଙ୍କ ନେତୃତ୍ୱରେ ଦିଲ୍ଲୀ ପୁଲିସ ଦଳ ପ୍ରଦର୍ଶନ କରିଥିଲେ।

## ବଜେଟ ପୂର୍ବରୁ ହାଲ୍ୱା ଉତ୍ସବ

ନୂଆଦିଲ୍ଲୀ: କେନ୍ଦ୍ର ସରକାରଙ୍କ ବଜେଟ୍ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନର୍ଥ ବ୍ଲକରେ ଗୁରୁତ୍ୱପୂର୍ଣ୍ଣ ହାଲ୍ୱା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମସ୍ତ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହଲ୍ୱା ବାଣ୍ଟିଥିଲେ। ଏହି ଉତ୍ସବ ସହ ବଜେଟ୍ ପ୍ରସ୍ତୁତି ସହ ଗୋପନୀୟତା ବଜାୟ ରଖିବାକୁ ଏହି ପଦକ୍ଷେପ ନିଆଯାଇଛି। ଶ୍ରୀମତୀ ସୀତାରମଣ ପ୍ରଥମ ଥର ପାଇଁ ରବିବାର ଦିନ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ହାଲ୍ୱା ଉତ୍ସବ ସମୟରେ ଶ୍ରୀମତୀ ସୀତାରମଣ ବଜେଟ୍ ପ୍ରେସ୍ ପରିଦର୍ଶନ କରିବା ସହ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ସମସ୍ତ ଟିମ୍କୁ



ଜଡ଼ିତ ସମସ୍ତ ଅଧିକାରୀଙ୍କୁ ନର୍ଥ ବ୍ଲକ୍ରେ ବନ୍ଦ ରଖାଯିବ। ସେମାନଙ୍କୁ ଆଉ ବାହାରକୁ ଛଡ଼ାଯିବ ନାହିଁ। ସେମାନେ ବାହ୍ୟ ଦୁନିଆ ସହ ଯୋଗାଯୋଗରେ ରହିପାରିବେ ନାହିଁ। ସେମାନଙ୍କୁ ଫୋନ ଓ ଇଣ୍ଟରନେଟ୍ ବ୍ୟବହାରର ଅନୁମତି ନଥାଏ।

ଖାଦ୍ୟ ପାନୀୟଠାରୁ ଆରମ୍ଭ କରି ରହଣୀ ପର୍ଯ୍ୟନ୍ତ ସେମାନଙ୍କ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥାଏ। ଏହି ସମୟରେ ସେମାନଙ୍କୁ ସୁରକ୍ଷାକର୍ମୀମାନେ ଜଗି ରହିଥାନ୍ତି। ବଜେଟ୍ ଦସ୍ତାବିଜର ଶୁଭକାମନା ଜଣାଇଥିଲେ। ତାଙ୍କ ସହ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ସସମ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥର ସମସ୍ତ ବଜେଟ୍ ଦସ୍ତାବିଜ ସାଂସଦ ଓ ସାଧାରଣ ଜନତାଙ୍କ ପାଇଁ ୟୁନିୟନ୍ ବଜେଟ୍ ମୋବାଇଲ୍ ଆପ୍ରେ ଉପଲବ୍ଧ ହେବ। ସଂସଦରେ ର୍ଥମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣ ଶେଷ ହେବା ପରେ ବଜେଟ୍ ଦସ୍ତାବିଜ୍ ମୋବାଇଲ୍ ଆପ୍ ଓ ୱେବସାଇଟ୍ରେ ଉପଲବ୍ଧ ହେବ।

## ନବୀ ମୁମ୍ବାଇରେ ସାଧାରଣତନ୍ତ୍ର ଦିବସ ପାଳନ



ମୁମ୍ବାଇ : ନବୀ ମୁମ୍ବାଇ ସ୍ଥିତ ଆଖଣ୍ଡଳମଣି ପୂଜା କମିଟି ନେରୁଲ, ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ, ସ୍ୱାସ୍ଥ୍ୟ ସଚେତକ (ଉଲୱେ) ମିଳିତ ଉଦ୍ୟମ ରେ ନେରୁଲ ଏମ ଆଇ ଡି ସି ଅଞ୍ଚଳର ପିଲାମାନଙ୍କ ସହ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ କରିଥିଲେ। ପିଲାମାନେ ଖୁସିରେ ଦେଶଭକ୍ତି ଗୀତ ବୋଲିଥିଲେ। ସ୍ୱାସ୍ଥ୍ୟ ସଚେତକ ଟିମରୁ ଜଗତ ମହାନ୍ତି ପିଲାମାନଙ୍କୁ ନିଜ ଜୀବନ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ସୂଚନା ଦେଇଥିଲେ। ଦୀପକ ବସ୍ତି, ଡ଼କ୍ଟର ଅରୁନ୍ଧତୀ ମହାନ୍ତି,ପ୍ରିତୀ ନାୟକ, ମୈତ୍ରେୟୀ କମିଳା, ଜୟକୃଷ୍ଣ କମିଳା, ବିଜୟ ମିଶ୍ର, ଚିରଞ୍ଜିବି ସାହୁ, ଅଞ୍ଜଳି, ଗୋପୀନାଥ ସାହୁ, ସବିତା, ସୁବାସ ପାଲ, ଅମ୍ବିକା, ମନୋରଞ୍ଜନ ସାହୁ, ବନ୍ଦନା ସାହୁ,କନକଲତା ମାଉସୀ, ଗିରି ମାଉସୀ, ରୁବି, ପୁଷ୍ପା, ସାଇ, ଋଷି,ସାଇ, ଖୁସି, ଦିବ୍ୟା, ଆଦି, ରିଦ୍ଧୁ, ସ୍ୱରୂପ, ବସନ୍ତ, ପିଣ୍ଟୁ, ନିଶିକାନ୍ତ ଉପସ୍ଥିତ ରହିଥିଲେ। ଶଶିକାନ୍ତ ରାଜଗୁରୁଙ୍କ ସହଯୋଗ ରହିଥିଲା।

# ସାରା ଦେଶରେ ୟୁଜିସିର ନୂଆ ନିୟମକୁ ବିରୋଧ

ନୂଆଦିଲ୍ଲୀ: ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂତନ ନିୟମକୁ ବିରୋଧ କରି ସାରା ଦେଶରେ ସାଧାରଣ ବର୍ଗର ଛାତ୍ର ଓ ଉଚ୍ଚ ଜାତିର ଲୋକଙ୍କ ବିକ୍ଷୋଭ ତୀବ୍ର ହୋଇଛି। ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି। ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡ଼ିବା ପାଇଁ ବହୁ ସଂଖ୍ୟକ ବ୍ୟାରିକେଡ୍ ଲଗାଯାଇଛି। ଲକ୍ଷ୍ନୌ, ରାୟବରେଲି, ବାରାଣସୀ, ମେରଠ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ର, ଯୁବକ ଓ ବିଭିନ୍ନ ସଂଗଠନ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୂର ସିଂହ ଓ ଗୋରକ୍ଷା ଦଳର ସଭାପତି ମହେନ୍ଦ୍ର ପାଣ୍ଡେ ଉଚ୍ଚଜାତିର ସାଂସଦଙ୍କ ନିକଟକୁ ଚୁଡ଼ି ପଠାଇଛନ୍ତି। ୟୁପି ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଏହି ନୂଆ ନିୟମକୁ ବିରୋଧ କରି ଇସ୍ତଫା ଦେଇଛନ୍ତି। କୁମାର ବିଶ୍ୱାସ ୟୁଜିସିର ନୂତନ ନିୟମକୁ ସମାଲୋଚନା କରିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି, 'ଚାହେ ତିଲ ଲୋ ୟା ତାଡ଼ ଲୋ ରାଜା, ରାଇ ଲୋ ୟା ପହାଡ଼ ଲୋ ରାଜା, ମୈଁ ଅଭାଗା ସବର୍ଣ୍ଣ ହୁଁ... ମେରା ରୋଁୟା-ରୋଁୟା ଉଖାଡ଼ ଲୋ ରାଜା'। ଜାନୁଆରି ୧୩ରେ ୟୁଜିସି ଏହାର ନୂତନ ନିୟମକୁ ସୂଚିତ କରିଥିଲା। ଏହାର ନାମ ହେଉଛି 'ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬'। ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍ପଲାଇନ ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ଏସ୍ସି, ଏସ୍ଟି ଓ ଓବିସି ଛାତ୍ରମାନଙ୍କ ଅଭିଯୋଗକୁ ବିଶେଷ ଭାବରେ ଦେଖିବେ। ସରକାର କହିଛନ୍ତି ଯେ, ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିରପେକ୍ଷତା ଓ ଉତ୍ତରଦାୟିତ୍ୱ ଆଣିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। କିନ୍ତୁ ନିୟମ ସାଧାରଣ ବର୍ଗର ବିରୋଧୀ ବୋଲି କହି ଏହାକୁ ବିରୋଧ କରାଯାଉଛି।




ସମାଲୋଚକମାନେ କହିଛନ୍ତି ଯେ, ଉଚ୍ଚଜାତିର ଛାତ୍ରମାନଙ୍କୁ 'ସ୍ୱାଭାବିକ ଅପରାଧୀ' ବନାଇ ଦିଆଯାଇଛି। ସାଧାରଣ ବର୍ଗର ଛାତ୍ରମାନେ କହିଛନ୍ତି ଯେ, ନୂତନ ନିୟମ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ସେମାନଙ୍କ ବିରୋଧରେ ଭେଦଭାବକୁ ପ୍ରୋତ୍ସାହିତ କରିପାରେ। ଏହା କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବ। ଜାତିଗତ ଭେଦଭାବର ସଂଜ୍ଞାରେ କୁହାଯାଇଛି, ଜାତି, ଧର୍ମ, ଜାତି, ଲିଙ୍ଗ, ଜନ୍ମ ସ୍ଥାନ, ଅକ୍ଷମତା ଆଧାରରେ କୌଣସି ଅନ୍ୟାୟ କିମ୍ବା ପକ୍ଷପାତିତା ଆଚରଣ, ଯାହା ଶିକ୍ଷାରେ ସମାନତା ପାଇଁ ପ୍ରତିବନ୍ଧକ କିମ୍ବା ମାନବ ସମ୍ମାନ ବିରୁଦ୍ଧ, ଜାତିଗତ ଭେଦଭାବ ଭାବରେ ବିବେଚନା କରାଯିବ। ଏହି ସଂଜ୍ଞାରେ, ଅନୁସୂଚିତ ଜାତି/ଜନଜାତି ବ୍ୟତୀତ ଅନ୍ୟ ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ କିମ୍ବା ପକ୍ଷପାତିତା ଆଚରଣକୁ ଜାତିଭିତ୍ତିକ ଭେଦଭାବ ବିବେଚନା କରାଯିବ। ଡ୍ରାଫ୍ଟରେ ମିଥ୍ୟା ଅଭିଯୋଗ ହ୍ରାସ କରିବାର ବ୍ୟବସ୍ଥା ଥିଲା। ଏଥିରେ କୁହାଯାଇଛି ଯେ ଯଦି କାହା ବିରୋଧରେ ମିଥ୍ୟା ଅଭିଯୋଗ କରାଯାଏ, ତେବେ ଅଭିଯୋଗକାରୀଙ୍କୁ ଆର୍ଥିକ ଜରିମାନା କିମ୍ବା କଲେଜରୁ ନିଲମ୍ବିତ କରାଯାଇପାରେ। ଏହି ବ୍ୟବସ୍ଥା ବର୍ତ୍ତମାନ ଲାଗୁ ହୋଇଥିବା ଚୂଡ଼ାନ୍ତ ନିୟମରୁ ହଟାଇ ଦିଆଯାଇଛି, ଯାହା ବିରୋଧର ଅନ୍ୟତମ ମୁଖ୍ୟ କାରଣ। ଏହି ବ୍ୟବସ୍ଥା ଫଳରେ ସାଧାରଣବର୍ଗକୁ କେବଳ ଅଭିଯୁକ୍ତ ବିବେଚନା କରାଯିବ, ପୀଡ଼ିତ ମନାଯିବ ନାହିଁ। ତାଙ୍କର କୌଣସି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ।

## ଏସିଡ୍ ଆକ୍ରମଣ : କଠୋର ଦଣ୍ଡ ଦେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଏସିଡ୍ ଆକ୍ରମଣ ମାମଲାରେ କଠୋର ଦଣ୍ଡ ଦିଆଯିବାର ଆବଶ୍ୟକତା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରି ପୀଡିତାଙ୍କୁ କ୍ଷତିପୂରଣ ଦେବା ପାଇଁ ଅଭିଯୁକ୍ତଙ୍କ ସମ୍ପତ୍ତି ଜବତ କରି ନିଲାମ କରିବାକୁ ପରାମର୍ଶ ଦେଇଛନ୍ତି। ଟ୍ରାଏଲ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପରେ ଏସିଡ୍ ଆକ୍ରମଣରୁ ବଞ୍ଚିଥିବା ଶାହିନ୍ ମଲ୍ଲିକଙ୍କ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏସିଡ୍ ଆକ୍ରମଣ ଅଭିଯୁକ୍ତଙ୍କ ପାଇଁ କେନ୍ଦ୍ର ସରକାର କଠୋର ଦଣ୍ଡ ଦେବା ଉଚିତ। ଆମକୁ କିଛି ଅସାଧାରଣ ପଦକ୍ଷେପ ନେବା ଆବଶ୍ୟକ। ଏଗୁଡ଼ିକ ହେଉଛି ସେହି ପ୍ରକାରର ମାମଲା ଯେଉଁଠାରେ ସଂସ୍କାରବାଦୀ ସିଦ୍ଧାନ୍ତର କୌଣସି ସ୍ଥାନ ନାହିଁ।

# ନିପା ଭାଇରସ ସଂକ୍ରମଣ ଭୟଙ୍କର

ନୂଆଦିଲ୍ଲୀ: କେରଳ ଓ ପଶ୍ଚିମବଙ୍ଗରେ ନିପା ଭାଇରସ ସଂକ୍ରମଣ ବୃଦ୍ଧି ପାଇଥିବା ନେଇ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। ସଂକ୍ରାମକ ରୋଗ ବିଶେଷଜ୍ଞମାନେ କହିଛନ୍ତି ଯେ ଆତଙ୍କିତ ହେବା ପରିବର୍ତ୍ତେ ଶୀଘ୍ର ଚିହ୍ନଟ, ଡାକ୍ତରଖାନା ପ୍ରସ୍ତୁତି ଓ କଠୋର ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବା ଉଚିତ। ନିପା ଭାଇରସ ବିରଳ ହେଲେ ବି ଅତ୍ୟନ୍ତ ମାରାତ୍ମକ। ଏଥିରେ ମୃତ୍ୟୁ ହାର ଅନ୍ୟାନ୍ୟ ଶ୍ୱାସକ୍ରିୟାଜନିତ ରୋଗଠାରୁ ବହୁତ ଅଧିକ। ବିଶିଷ୍ଟ ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଦୀପ ନାରାୟଣ ମୁଖାର୍ଜୀ କହିଛନ୍ତି ଯେ, ନିପା ଭୂତାଣୁ ହେଉଛି ଏକ ଆର୍ଏନ୍ଏ ଭୂତାଣୁ ଯାହା ଜ୍ୱର, ମୁଣ୍ଡବିନ୍ଧା, କାଶ, ଗଳା ଯନ୍ତ୍ରଣା ଓ ମାଂସପେଶୀ ଯନ୍ତ୍ରଣା ଭଳି ଲକ୍ଷଣ ସହିତ ଫ୍ଲୁ (ସର୍ଦ୍ଦି)ରୁ ଆରମ୍ଭ ହୁଏ। ଏହାକୁ ସାଧାରଣ ସର୍ଦ୍ଦି ମନେ କରି ଲୋକମାନେ ଅବହେଳା କରିଥାନ୍ତି। ତେବେ ଏହି ରୋଗ ଦ୍ରୁତ ଗତିରେ ବଢ଼ିପାରେ। ଡାକ୍ତର ମୁଖାର୍ଜୀ କହିଛନ୍ତି, ବେଳେବେଳେ ଏହା ମସ୍ତିଷ୍କକୁ ଯାଇ ଏନସେଫାଲାଇଟିସ୍



ସୃଷ୍ଟି କରିଥାଏ। ରୋଗୀ କୋମାକୁ ଯାଇପାରନ୍ତି ଏବଂ ଅନେକ ସମୟରେ ଏହି ରୋଗ ହେତୁ ମୃତ୍ୟୁବରଣ କରିପାରନ୍ତି। ଯାହା ନିପାକୁ ବିଶେଷ ବିପଜ୍ଜନକ କରିଥାଏ ତାହା ହେଉଛି ଏହାର ଗୁରୁତର ସ୍ନାୟୁଗତ ସଂପୃକ୍ତି। ଏହି ଭୂତାଣୁରେ ପୀଡିତ ବ୍ୟକ୍ତିଙ୍କ ମୃତ୍ୟୁ ହାର ୫୦ରୁ ୭୫% ମଧ୍ୟରେ ରହିଛି। ଏହି ରୋଗକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି, ପ୍ରାରମ୍ଭିକ ଲକ୍ଷଣ ଓ ବିଳମ୍ବିତ ଲକ୍ଷଣ। ପ୍ରାରମ୍ଭିକ ଲକ୍ଷଣ ଭିତରେ ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡବିନ୍ଧା ଆଦି ଦେଖାଯାଏ। ଗୁରୁତର ଲକ୍ଷଣ ମଧ୍ୟରେ କମ୍ପନ, କୋମା ଓ ମୃତ୍ୟୁ ଅନ୍ତର୍ଭୁକ୍ତ। ଡାକ୍ତର ମୁଖାର୍ଜୀ ଦର୍ଶାଇଛନ୍ତି ଯେ ନିପା ଏକ ଜୁନୋଟିକ୍ ରୋଗ, ଯେଉଁଥିରେ ଫଳଖିଆ ବାଦୁଡ଼ି ଭୂତାଣୁର ପ୍ରାକୃତିକ ପ୍ରଜନନ କ୍ଷେତ୍ର ଭାବରେ କାର୍ଯ୍ୟ କରନ୍ତି। ଏହି ଭୂତାଣୁ ବାଦୁଡ଼ିଙ୍କ ଠାରୁ ଘୁଷୁରି ପରି ଅନ୍ୟ ପ୍ରାଣୀ ଓ ଶେଷରେ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ। ମଣିଷରୁ ମଣିଷକୁ ବ୍ୟାପିବାର ସମ୍ଭାବନା ମଧ୍ୟ ସମାନ ଭାବରେ ଚିନ୍ତାଜନକ। ଡାକ୍ତରଖାନା କିମ୍ବା ସ୍ୱାସ୍ଥ୍ୟସେବା ପରିବେଶରେ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ଅଣ-ସଂକ୍ରମିତ ବ୍ୟକ୍ତିଙ୍କ ମଧ୍ୟରେ ସଂକ୍ରମଣ ସାଧାରଣ। ସଂକ୍ରମିତ ରୋଗୀଙ୍କୁ ଗୋଟିଏ କୋଠରିରେ ଅଲଗା ରଖିବା ଏବଂ କଠୋର ସଂକ୍ରମଣ ନିୟନ୍ତ୍ରଣ ଅଭ୍ୟାସ ଅନୁସରଣ କରିବା ଉଚିତ। ଦ୍ୱିତୀୟତଃ ଆମେ ଏନ୍୯୫ ମାସ୍କ, ଗ୍ଲୋଭସ୍ ଓ ଗାଉନ୍ ସହିତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରିବା ଆବଶ୍ୟକ।

# ଅପରେସନ ସିନ୍ଦୂର : ଜାତିସଂଘରେ ପାକିସ୍ତାନକୁ ଭର୍ତ୍ସନା

ନୂଆଦିଲ୍ଲୀ : ପାକିସ୍ତାନର ଗୋଟିଏ ଓ ଏକମାତ୍ର ଉଦ୍ଦେଶ୍ୟ ହେଲା ଭାରତ ଓ ଭାରତର ଲୋକଙ୍କ କ୍ଷତି କରିବା। ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନ ନିଜର ମିଥ୍ୟା ଓ ନିଜେ ବୁଣିଥିବା କଥାକୁ ପ୍ରଚାର କରୁଛି ବୋଲି ଜାତିସଂଘରେ ଥିବା ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି। ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ପାକିସ୍ତାନର ଧୂଳେଇ କରିଛି ଭାରତ। ପାକିସ୍ତାନର ଗୋଟିଏ ଓ ଏକମାତ୍ର ଉଦ୍ଦେଶ୍ୟ ହେଲା ଭାରତ ଓ ଭାରତର ଲୋକଙ୍କ କ୍ଷତି କରିବା। ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନ ନିଜର ମିଥ୍ୟା ଓ ନିଜେ ବୁଣିଥିବା କଥାକୁ ପ୍ରଚାର କରୁଛି ବୋଲି ଜାତିସଂଘରେ ଥିବା ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି। ସେ କହିଛନ୍ତି, "ପାକିସ୍ତାନ ପ୍ରତିନିଧି ରଖିଥିବା ବୟାନର ମୁଁ ଏବେ ଜବାବ ଦେଉଛି। ସେ ସୁରକ୍ଷା ପରିଷଦର ଜଣେ ନିର୍ବାଚିତ ପ୍ରତିନିଧି। ହେଲେ ପାକିସ୍ତାନର



ଗୋଟିଏ ଓ ଏକମାତ୍ର ଏଜେଣ୍ଡା ହେଲା ମୋ ଦେଶ ଓ ମୋ ଲୋକଙ୍କ କ୍ଷତି କରିବା। ସେ(ପାକିସ୍ତାନ ପ୍ରତିନିଧି) ଗତବର୍ଷ ମେ' ମାସରେ ହୋଇଥିବା ଅପରେସନ ସିନ୍ଦୂରକୁ ନେଇ ଗୋଟିଏ ମିଛ ଓ ନିଜସ୍ୱ ଅତିରଞ୍ଜିତ କାହାଣୀ ଉପସ୍ଥାପନ କରିଛନ୍ତି। ମେ' ୯ ତାରିଖ ଯାଏ ପାକିସ୍ତାନ ପକ୍ଷରୁ ଭାରତ ଉପରେ ଅଧିକରୁ ଅଧିକ ଆକ୍ରମଣର ଧମକ ଦିଆଯାଉଥିଲା। କିନ୍ତୁ ମେ' ୧୦ରେ ପାକିସ୍ତାନ ସେନା ସିଧାସଳଖ ଆମ ସେନା ଅଧିକାରୀଙ୍କୁ ଫୋନ କରିଥିଲା। ଏହି ସମୟରେ ସେମାନେ ଲଢ଼େଇ ବନ୍ଦ କରିବାକୁ ନେହୁରା ହୋଇଥିଲେ। ଭାରତୀୟ ଅପରେସନରେ ପାକିସ୍ତାନର ଏକାଧିକ ଏୟାରବେସ ଧ୍ୱଂସ ହୋଇଛି। ଧ୍ୱଂସ ହୋଇଥିବା ରନୱେ ଓ ଜଳନ୍ତା ହ୍ୟାଙ୍ଗର୍ସର ଫଟୋ ସର୍ବସାଧାରଣରେ ଉପଲବ୍ଧ ରହିଛି।" ପାକିସ୍ତାନର ଲିଙ୍କ ଏବେ ବି ଆତଙ୍କବାଦ ସହ ରହିଥିବା କଥା ମିଳିତ ଜାତିସଂଘକୁ ଜଣାଇଛନ୍ତି ହରିଶ। ସେ କହିଛନ୍ତି, "ପାକିସ୍ତାନ ପ୍ରତିନିଧିଙ୍କ ଠାରୁ ଆମେ ନୂଆ କଥା ଶୁଣିଲୁ। ମୁଁ ଏଠାରେ ପୁଣି ଦୋହରାଇବାକୁ ଚାହୁଁଛି ଯେ ପାକିସ୍ତାନ ଯେଉଁଭଳି ଆତଙ୍କବାଦକୁ ସମାନ୍ୟ କରିବାକୁ ଚାହୁଁଛି, ସେଭଳି କେବେ ବି ଆତଙ୍କବାଦ ସାମନ୍ୟ ହେବନାହିଁ। ପାକିସ୍ତାନ ଆତଙ୍କବାଦକୁ ରାଷ୍ଟ୍ରୀୟ ନୀତି ଭାବେ ଲଗାତର ବ୍ୟବହାର କରିଚାଲିଛି। ଏହାକୁ କେବେ ହେଲେ ବରଦାସ୍ତ କରାଯାଇ ପାରିବ ନାହିଁ। ଏହି ପବିତ୍ର ମଞ୍ଚ କେବେ ହେଲେ ପାକିସ୍ତାନର ଆତଙ୍କବାଦ ପ୍ରୀତିକୁ ପ୍ରୋତ୍ସାହିତ

# ମାଲିକଙ୍କ ଶବକୁ ୪ ଦିନ ଜଗିଲା ପୋଷା କୁକୁର

ନୂଆଦିଲ୍ଲୀ : ଜଣେ ମଣିଷ ଆଉ ଜଣଙ୍କୁ ଧୋକା ଦେଇପାରେ। ହେଲେ ଗୋଟିଏ କୁକୁର କୌଣସି ବି ପରିସ୍ଥିତିରେ ନିଜ ମାଲିକଙ୍କ ସାଥ ଛାଡ଼ି ନଥାଏ। ଝଡ଼ଝଞ୍ଜା ଠାରୁ ଆରମ୍ଭ କରି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେ ତା'ର ମାଲିକ ପାଖରେ ରହିବାକୁ ପସନ୍ଦ କରେ। ଏହାର ଜ୍ୱଳନ୍ତ ଉଦାହରଣ ଏବେ ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲା ଭାରମୌରରୁ ଆସିଛି। ମୃତ୍ୟୁ ପରେ ମଧ୍ୟ ମାଲିକର ପାଖ ଛାଡ଼ି ନାହିଁ ଗୋଟିଏ ପୋଷା ପିଟ ବୁଲ ପ୍ରଜାତିର କୁକୁର। ବର୍ତ୍ତମାନ ଭାରମୌରରେ ପରିବେଶ ଅତ୍ୟନ୍ତ ଖରାପ। ସେଠାରେ ତୁଷାର ପାତ ସାଙ୍ଗକୁ କାଲୁଆ ପରିବେଶ ସାଧାରଣ ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଛି। ପରିବେଶ ଏମିତି ରହିଛି ଯେ ଲୋକମାନେ ଘରୁ ବାହାରିବାକୁ ପସନ୍ଦ କରୁନାହାନ୍ତି। ଏପରି ସ୍ଥିତିରେ ବିଶ୍ୱସ୍ତ ପିଟ ବୁଲ ୪ ଦିନ କାଳ ତୁଷାର ପାତ ଯୋଗୁ ପ୍ରାଣ ହରାଇଥିବା ମାଲିକଙ୍କ ଶବକୁ ଜଗି ରହିଛି। ପ୍ରବଳ ତୁଷାର ପାତ ସତ୍ତ୍ୱେ ସେ ନିଜ ମାଲିକଙ୍କ ଶବ ପାଖରେ ସେମିତି ଛିଡ଼ା ହେବା ସମସ୍ତଙ୍କୁ ଭାବବିହ୍ୱଳ କରିଛି। ଭାରମୌର ସ୍ଥିତ ଭାରମଣି ମନ୍ଦିର ନିକଟରେ ବିକଶିତ ରାଣା ଓ ପୀୟୂଷ ଭିଡିଓ ଶୁଟିଂ କରୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ତୁଷାର ପାତ ଯୋଗୁ ସୃଷ୍ଟି ହୋଇଥିବା ବରଫ ପାହାଡ଼ରେ ସେମାନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଦୀର୍ଘ ୪ ଦିନ ପରେ ଉଦ୍ଧାରକାରୀ ଟିମ ଓ ସ୍ଥାନୀୟ ଲୋକ ଖରାପ ପାଣିପାଗ ମଧ୍ୟରେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହେଲେ ସେମାନେ ସେଠାକାର ଦୃଶ୍ୟ ଦେଖି ପୂରା ଚକିତ ହୋଇଛନ୍ତି। ପୀୟୂଷଙ୍କ ମୃତଦେହ ବରଫ ତଳେ ଚାପି ହୋଇ ରହିଥିବା ବେଳେ ଏହା ନିକଟରେ ବସି ରହିଥିଲା ତାଙ୍କର ପୋଷା କୁକୁର। ୪ ଦିନ ଧରି କଥା କହି ପାରୁ ନଥିବା ଏହି କୁକୁର ନା କିଛି ଖାଇଥିଲା ନା କେଉଁ ଆଡ଼େ ଯାଇଥିଲା। ସେ ଥଣ୍ଡା ପବନ ଓ ତୁଷାର ଝଡ଼ ମଧ୍ୟରେ ନିଜ ମାଲିକଙ୍କ ମୃତଦେହକୁ ସେମିତି ଜଗି ରହିଥିଲା। କେବଳ ସେ ତୁଷାର ପାତର ମୁକାବିଲା କରି ନଥିଲା, ନିଜ ମାଲିକଙ୍କ ଶବକୁ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ବଣୁଆ ଜନ୍ତୁଙ୍କ କବଳରୁ ମଧ୍ୟ ସୁରକ୍ଷା ଦେଇଥିଲା। ଉଦ୍ଧାରକାରୀ ଟିମ ବରଫ ତଳୁ ପୀୟୂଷଙ୍କ ମୃତଦେହକୁ କାଢ଼ିବା ସମୟରେ କୁକୁଟି ପ୍ରଥମେ ପୂରା ରାଗି ଯାଇଥିଲା। ସେ ଭାବିଥିଲା ଯେ କୌଣସି ଅଜଣା ଲୋକ ତା' ମାଲିକଙ୍କ କ୍ଷତି କରିବାକୁ ଆସୁଛନ୍ତି। ପରବର୍ତ୍ତୀ ସମୟରେ ଉଦ୍ଧାରକାରୀ ଟିମର ଉଦ୍ୟମ ଓ ହାବଭାବ ଦେଖି କୁକୁରଟି ସବୁ ବୁଝି ଯାଇଥିଲା। ଉଦ୍ଧାରକାରୀ ଟିମ ତା' ମାଲିକଙ୍କୁ ସହଯୋଗ କରିବାକୁ ଆସିଥିବା ବୁଝିବା ପରେ ବାଟ ଛାଡ଼ିଥିଲା। ଏହି ଦୃଶ୍ୟକୁ ଦେଖି ସମସ୍ତେ ବେଶ ଭାବବିହ୍ୱଳ ହେବା ସହ କୁକୁରକୁ ମଧ୍ୟ ସେଠାରୁ ହେଲିକପ୍ଟର ଯୋଗେ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଅଣାଯାଇଛି।

# ଆମେରିକାରେ ଶୀତଝଡ଼: ୩୦ ମୃତ, ବିମାନ ଚଳାଚଳ ବ୍ୟାହତ

ୱାଶିଂଟନ: ଆମେରିକାରେ ଶୀତକାଳୀନ ଝଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବରଫ ଭିତରେ ଲୋକମାନେ ଥରୁଥିବା ବେଳେ ଶୀତଝଡ଼ରେ ପ୍ରାୟ ୩୦ ଜଣଙ୍କର ମୃତ୍ୟୁ ଘଟିଛି। ବିମାନ ଚଳାଚଳ ବ୍ୟାହତ ହୋଇଛି ଏବଂ ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଅନେକ ବିମାନକୁ ବାତିଲ କରିବାକୁ ପଡ଼ିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡ଼ରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ଅଛି ବୋଲି ବ୍ଲୁମବର୍ଗ ମଙ୍ଗଳବାର ରିପୋର୍ଟ କରିଛି।

ଡେଲଟା ଏୟାର ଲାଇନ୍ସ ଇଙ୍କ୍ ଉତ୍ତର-ପୂର୍ବରେ ପ୍ରତିକୂଳ ପାଗ ଯୋଗୁଁ ବୋଷ୍ଟନ୍ ଓ ନ୍ୟୁୟର୍କର ଜନ୍ ଏଫ୍ କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସେବା ପ୍ରଭାବିତ ହୋଇଛି। ଆମେରିକୀୟ ଏୟାରଲାଇନ୍ସ ଗ୍ରୁପ୍ ଇଙ୍କ୍ ଫ୍ଲାଇଟ୍ ଆୱେର୍ ଅନୁଯାୟୀ, ସୋମବାର ଏହାର ନିର୍ଦ୍ଧାରିତ ବିମାନର ଅଧାରୁ ଅଧିକ ବାତିଲ କରାଯାଇଥିବା ବେଳେ ମଙ୍ଗଳବାର ପ୍ରାୟ ୫୦୦ ମେନ୍ ଲାଇନ୍ ଓ ଆଞ୍ଚଳିକ ସେବାକୁ ବନ୍ଦ କରାଯାଇଛି। ଡାଟା ପ୍ରୋଭାଇଡର ଅନୁଯାୟୀ, ମଙ୍ଗଳବାର ନ୍ୟୁୟର୍କ ସମୟ ମଙ୍ଗଳବାର



ରାତି ୧ଟା ସୁଦ୍ଧା ପ୍ରାୟ ୧,୦୦୦ ବିମାନ ବାତିଲ କରାଯାଇଛି। ତଥାପି ଏହା ରବିବାର ଓ ସୋମବାରର ମୋଟ ୧୧,୬୦୦ ବାତିଲ ତୁଳନାରେ ଯଥେଷ୍ଟ କମ୍। ବିମାନସେବାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ପାଇଁ ଅନେକ ଦିନ ଲାଗିବ ବୋଲି କୁହାଯାଉଛି। ଖବର ଅନୁଯାୟୀ, ପ୍ରବଳ ଥଣ୍ଡାରେ ପୀଡିତ ସମଗ୍ର ଆମେରିକାରେ ଅତି କମ୍ରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମାସାଚୁସେଟ୍ସ ଓ ଓହିଓରେ ରାସ୍ତାରୁ ବରଫ ହଟାଇବା ଗାଡ଼ି ଚଢ଼ିଯିବାରୁ ଦୁଇଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଆର୍କାନସାସ୍ ଓ ଟେକ୍ସାସରେ ସ୍ଲେଡିଂ ଦୁର୍ଘଟଣାରେ କିଶୋରମାନଙ୍କ ମୃତ୍ୟୁ ଘଟିଥିଲା। ଜଣେ ମହିଳାଙ୍କ ମୃତଦେହ ପୁଲିସ ଦ୍ୱାରା ବରଫରେ ଆଚ୍ଛାଦିତ ହୋଇଥିବା ଦେଖିବାକୁ ମିଳିଥିଲା। ନ୍ୟୁୟର୍କ ସହରରେ ଶୀତଝଡ଼ ଭିତରେ ବାହାରେ ଆଠ ଜଣ ଲୋକଙ୍କ ମୃତଦେହ ମିଳିଛି। ସୋମବାର ସନ୍ଧ୍ୟାରେ ଦେଶରେ ୫୬୦,୦୦୦ରୁ ଅଧିକ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ପ୍ରବଳ ଥଣ୍ଡା ସହ ବିଦ୍ୟୁତ୍ ବିଭ୍ରାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଅନେକ ଜାଗାରେ ଶୀତଝଡ଼ରେ ଗଛର ଡାଳ ଭାଙ୍ଗିଥିବା ଓ ବିଦ୍ୟୁତ୍ ତାର ଛିଡ଼ିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ କିଛି ଦିନ ଲାଗିପାରେ ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ଅନେକ ଜିଲ୍ଲାରେ ସ୍କୁଲ-କଲେଜ ବନ୍ଦ ହେବା ସହ ଅନ୍ୟମାନେ ଅନଲାଇନ ପାଠପଢ଼ାକୁ ଫେରିଛନ୍ତି। ଆମେରିକାର ଦୁଇତୃତୀୟାଂଶକୁ କଷ୍ଟ ଦେଉଥିବା ପ୍ରବଳ ଥଣ୍ଡା ଦୂର ନ ହେଉଣୁ ସୋମବାର ପାଣିପାଗ ସେବା କହିଛି ଯେ, ମେରୁ ବାୟୁର ଏକ ନୂତନ ପ୍ରବାହ ବିଯୁକ୍ତ ତାପମାତ୍ରା ବଜାୟ ରଖିବ ଓ ଆଉ ଏକ ଶୀତଝଡ଼ ଆସିବ ବୋଲି ଆଶା କରାଯାଉଛି। ଜାତୀୟ ପାଣିପାଗ ସେବା ଏହି ସପ୍ତାହ ଶେଷରେ ଆଉ ଏକ ସମ୍ଭାବ୍ୟ ଗୁରୁତ୍ୱପୂର୍ଣ୍ଣ ଶୀତ ଝଡ଼ ବିଷୟରେ ଚେତାବନୀ ଦେଇଛି।

# ଅନ୍ତର୍ଜାତୀୟ କ୍ରିକେଟରେ ହାର୍ଦ୍ଦିକଙ୍କ ୧୦ ବର୍ଷ

ନୂଆଦିଲ୍ଲୀ, ୨୭।୧(ଏଜେନ୍ସି) : ଭାରତୀୟ ଦଳର ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ କ୍ରିକେଟରେ ୧୦ ବର୍ଷ ପୂରଣ କରିଛନ୍ତି ।୨୦୧୬ ଜାନୁଆରୀରେ ସେ



ଅଷ୍ଟ୍ରେଲିଆ ବିପକ୍ଷରେ ଟି -୨୦ ଡେବ୍ୟୁ କରିଥିଲେ । ହାର୍ଦ୍ଦିକ ଏହି ସ୍ୱତନ୍ତ୍ର ଅନୁଭୂତିକୁ ନେଇ ଏକ ଭାବପ୍ରବଣ ପୋଷ୍ଟ କରିଛନ୍ତି । ସେ କ୍ୟାପସନରେ ଲେଖିଛନ୍ତି ଏହା ତ କେବଳ ଆରମ୍ଭ, ଏବେ କ୍ୟାରିୟରକୁ ଆହୁରି ନେବା ପାଇଁ ଉଦ୍ୟମ ଜାରି ରଖିବି । ୧୦ ବର୍ଷର ଏହି ଯାତ୍ରାରେ ଅନେକ ସଂଘର୍ଷ ଓ ଶିକ୍ଷା ମିଳିଛି । ସୋସିଆଲ ମିଡିଆ ଆକାଉଣ୍ଟରେ ତାଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ୨୦୨୪ ଟି -୨୦ ବିଶ୍ୱ କପ୍ ଟାଇଟଲ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ । ଭାରତକୁ ଚାମ୍ପିଅନ କରାଇବାରେ ହାର୍ଦ୍ଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଉଭୟ ବ୍ୟାଟିଂ ଓ ବୋଲିଂ ମାଧ୍ୟରେ ସେ ପ୍ରଭାବ ବିସ୍ତାର କରିଥିଲେ । ବରୋଦା ଟିମ୍ ପକ୍ଷରୁ ଖେଳୁଥିବା ଏହି ଅଲରାଉଣ୍ଡର ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଆଇପିଏଲ ତାଙ୍କ କ୍ୟାରିୟରକୁ ନୂଆ ଦିଗ ଦେବାରେ ସହାୟକ ହୋଇଛି । ସେ ଆଗାମୀ ବଡ ଟୁର୍ଣ୍ଣାମେଣ୍ଟ ଗୁଡିକରେ ଭଲ ପ୍ରଦର୍ଶନର ଆଶା ରଖିଛନ୍ତି ।

## ହକି ଇଣ୍ଡିଆ ଲିଗ୍

# କଳିଙ୍ଗ ଲାନସର୍ସ ଚାମ୍ପିଅନ



ଭୁବନେଶ୍ୱର, ୨୭।୧(ସବ୍ୟୁ) : କଳିଙ୍ଗ ଲାନସର୍ସ ହକି ଇଣ୍ଡିଆ ଲିଗ୍ ଚାମ୍ପିଅନ ହୋଇଛି । କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଟାଇଟଲ ମୁକାବିଲାରେ ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ଧରାସାୟୀ କରି ବିଜୟ ମୁକୁଟ ପିନ୍ଧିଛି କଳିଙ୍ଗ ଲାନସର୍ସ । ହକି ଇଣ୍ଡିଆ ଲିଗରେ ଏହା ଲାନସର୍ସର ଦ୍ୱିତୀୟ ଟାଇଟଲ । ଉଭୟ ଥର କଳିଙ୍ଗ ଷ୍ଟାଡିୟମରେ ହିଁ ଲାନସର୍ସ ଟ୍ରଫି ଟେକି ଧରିଛି । ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଚାମ୍ପିଅନ ବେଦାନ୍ତ କଳିଙ୍ଗ ଲାନସର୍ସକୁ ଟ୍ରଫି ପ୍ରଦାନ କରିଛନ୍ତି । ଚାମ୍ପିଅନ ଲାନସର୍ସ ସ୍ୱର୍ଣ୍ଣ ପଦକ ସହ ୩ କୋଟି ଟଙ୍କା ପୁରସ୍କାର ପାଇଛି । ରାଞ୍ଚି ରୟାଲ୍ସକୁ ରୌପ୍ୟ ପଦକ ସହ ୨ କୋଟି ଟଙ୍କା ଏବଂ ହାଇଦ୍ରାବାଦ ତୁଫାନ୍ସକୁ ବ୍ରୋଞ୍ଜ ପଦକ ସହ ୧ କୋଟି ଟଙ୍କା ପୁରସ୍କାର ରାଶି ମିଳିଛି । ରନର୍ସ ଅପ୍ ଦଳ ରାଞ୍ଚିକୁ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ପ୍ରଦାନ କରିଥିଲେ । ସେହିଭଳି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ ।

ମ୍ୟାଚ ଆରମ୍ଭରୁ ହିଁ କଳିଙ୍ଗ ଲାନସର୍ସ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିଲା । ମାତ୍ର ୪ ମିନିଟରେ ଏକ ପେନାଲଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଲାନସର୍ସ ୧-୦ରେ ଅଗ୍ରଣୀ ହୋଇଥିଲା । ପରେ ରାଞ୍ଚି ପକ୍ଷରୁ ନବମ ମିନିଟରେ ଏକ ସୁନ୍ଦର ଫିଲ୍ଡ ଗୋଲ ହୋଇଥିଲା । ତେଣୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା । ଅରାଇଜିତ ସିଂ ହୁଣ୍ଡାଲ ରାଞ୍ଚି ପକ୍ଷରୁ ଗୋଲ କରିଥିଲେ । ଦ୍ୱିତୀୟ କ୍ୱାର୍ଟରରେ ପଛକୁ ପଛକୁ ତିନୋଟି ପେନାଲଟି କର୍ଣ୍ଣର ସୁଯୋଗରୁ ଗୋଟିଏ ଗୋଲ କରିଥିଲା କଳିଙ୍ଗ ଲାନସର୍ସ । ଦିଲ୍ଲପ୍ରୀତ ସିଂ ଏହି ଗୋଲ ଦେବାରୁ ବ୍ୟବଧାନ ୨-୧ ହୋଇଥିଲା । ପରେ ଆଉ ଦୁଇଟି ପେନାଲଟି କର୍ଣ୍ଣର ପାଇଥିଲା ଲାନସର୍ସ । ଏଥିରୁ ଗୋଟିଏ ଗୋଲ ହୋଇଥିଲା । ବ୍ୟବଧାନ ୩-୧ କୁ ବୃଦ୍ଧି ପାଇଥିଲା । ଆଲେକଜାଣ୍ଡାର ହେଣ୍ଡ୍ରିକ୍ସ ଲାନସର୍ସ ପକ୍ଷରୁ ତୃତୀୟ ଗୋଲ କରିଥିଲେ । ଶେଷ କ୍ୱାର୍ଟରର ୫୧ ମିନିଟରେ ରାଞ୍ଚି ରୟାଲ୍ସ ପେନାଲଟି କର୍ଣ୍ଣର ଜରିଆରେ ଗୋଟିଏ ଗୋଲ କରିବାକୁ ସକ୍ଷମ ହୋଇଥିଲା । ତେଣୁ ବ୍ୟବଧାନ ୩-୨ କୁ କମିଥିଲା । ଶେଷରେ ଲାନସର୍ସ ଏହି ବ୍ୟବଧାନ ସହ ଚଳିତ ହକି ଇଣ୍ଡିଆ ଲିଗ୍‌ର ଚାମ୍ପିଅନ ହୋଇଛି ।

## ଇଟିପୁର ପ୍ରିମିୟର ଲିଗ୍

# ଜୟପୁର ସୁପରକିଙ୍ଗ୍ସ ଚାମ୍ପିଅନ୍ସ

ଭୁବନେଶ୍ୱର, ୨୭।୧ (ସବ୍ୟୁ) : ଇଟିପୁର ପଞ୍ଚାୟତରେ ଇଟିପୁର ପ୍ରିମିୟର ଲିଗ୍ କ୍ରିକେଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ନିରୂପମା ରଞ୍ଜନ ସାହୁ, ଯୁବ ସମାଜସେବୀ ଆଶିଷ ବେହେରା ତଥା ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ ଟି ଦଳ ଭାଗ ନେଇଥିଲେ । ଜୟପୁର



ସାହୁ, ଖଦି ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ବିଜେପି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ସାହୁ ଓ ପୂର୍ବତନ ସରପଞ୍ଚ ଆଲୋକ ସୁପରକିଙ୍ଗ୍ସ ଦଳ ମା' ନାରାୟଣୀ ଟାଇଗରକୁ ପରାଜିତ କରି ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି ।

# ସର୍ବ ଭାରତୀୟ ଏଜି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋରେଇ, ୨୭।୦୧(ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଳ ପଂଚାୟତ ସ୍ଥିତ ଦୁଲାଖାପାଟଣା ମା ମଙ୍ଗଳା ଷ୍ଟାଡ଼ିୟମ ଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ୧୧ ତମ ସର୍ବ ଭାରତୀୟ ଏଜି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ କୋରେଇ ବ୍ଲକ ବିଡ଼ିଓ ଅବନୀ କାନ୍ତ ସାହୁ ଓ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରୀପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ବାପୁଜୀ କ୍ଲବ ଭୁବେନଶ୍ୱର ସହ ଆରୱାଇସିସି ରାଉରକେଲା ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟିତ ମ୍ୟାଚ୍‌ରେ ଆରୱାଇସିସି ରାଉରକେଲା ବିଜୟୀ ହୋଇଥିଲା। ପ୍ରଥମେ ଟସ୍ ଜିତ ବାପୁଜୀ କ୍ଲବ ଭୁବନେଶ୍ୱର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୭ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୪୯ ରନ୍ କରିଥିଲା। ଏହାର ଜବାବରେ ଆରୱାଇସିସି ରାଉରକେଲା ୧୫୦ ରନ୍‌ର ବିଜୟ ଲକ୍ଷ୍ୟନେଇ ୧୯ ଓଭର ୩ ବଲ ଖେଳି ୫ ୱିକେଟ ହରାଇ ୧୫୧ ରନ୍ କରି ବିଜୟ ହୋଇଥିଲା। ଆଜିର ମ୍ୟାଚ୍‌ରେ ଆରୱାଇସିସି ରାଉରକେଲାର ଅମିତ ଦାସ ବ୍ୟାଟିଂ କରି ୨୧ ରନ୍ କରିଥିବା ବେଳେ ବୋଲିଂ କରି ୪ ୱିକେଟ ନେଇ ନିଜର ଭଲ ଖେଳ ପ୍ରଦର୍ଶନ କରି ଟିମକୁ ଜିତାଇବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ମ୍ୟାନଅଫ ଦି ମ୍ୟାଚ ପାଇଁ ବିବେଚିତ କରାଯାଇଥିଲା। ଆଜି ମ୍ୟାଚ୍‌କୁ ଆଶୁତୋଷ ପାଣୀ ଓ ସୁମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। କିରନ ମନୋହର ମହାନ୍ତି ସ୍କୋରର ରହିଥିବା ବେଳେ ସେକ୍ ଇମରାନ୍ ଓ ବୁବୁ ସିଂହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା କାଲି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ସାଇ ଇଲେଭେନ ଭୁବନେଶ୍ୱର ଏବଂ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମା ମଙ୍ଗଳା କ୍ରିକେଟ କ୍ଲବର ସଭାପତି ଅଲେଖ ପ୍ରସାଦ କୁଣ୍ଡୁ, ସରପଂଚ ବିଷ୍ଣୁଚରଣ ରଥ, ସତ୍ୟରଂଜନ ମିଶ୍ର, ସୁଶାନ୍ତ ପାଗଳ, ନୃସିଂହ ଜେନା, କୂଳମଣୀ ସାହୁ, ଅଜୟ ମହାକୁଡ, କାର୍ତ୍ତିକ ଜେନା, ପ୍ରତାପ ଚନ୍ଦ୍ର ମହାରଣା, ନରେଶ ବାଇ, କାଳନ୍ଦୀ ଚରଣ ଜେନା, ସତ୍ୟଜିତ ବେହେରା, ନିତ୍ୟାନନ୍ଦ ଜେନା, ନିଳାଦ୍ରୀ ଭୂଷଣ ସାହୁ, ଅଭିନାଶ ଦାସ, ମାନସ ରଂଜନ ଜେନା, କାର୍ତ୍ତିକ ସାହୁ, ଶ୍ୟାମସୁନ୍ଦର ପାଗଳ, ରମାକାନ୍ତ ନାଥ, ଶରତ ଚନ୍ଦ୍ର ସଂଡ଼ଙ୍ଗୀ, ଲୋକନାଥ ସେନାପତିଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଭଲିବଲ୍ ଟୁର୍ଣ୍ଣାମେଣ୍ଟ : ତିର୍ତ୍ତୋଲ ଚାମ୍ପିଅନ

ଜଗତସିଂହପୁର, ୨୭।୧(ସବ୍ୟୁ) : ଜାନୁଆରୀ ୨୬ତାରିଖ ସାଧାରଣତନ୍ତ୍ର ଦିବସ ଅବସରରେ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଆମ୍ବେରୀଠାରେ ଦୁଇଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି । ଟ୍ରଫି ସହ ନଗଦ ୫ ହଜାର ଓ ପରାଜିତ ଦଳକୁ ରନର୍ସ ଟ୍ରଫି ସହିତ ନଗଦ ୪ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇ ଥିଲା, ଅତିଥି ଭାବେ ଯୋଗ ଦେଇ ଅମୀୟ ଦାସ, ବିକ୍ରମ ମହାନ୍ତି,



ଫାଇନାଲ୍ ମ୍ୟାଚରେ ତିର୍ତ୍ତୋଲ ଟିମ୍ ଜଗତସିଂହପୁର ଫ୍ରେଣ୍ଡସ୍ କ୍ଲବକୁ ହରାଇ ବିଜୟ ହାସଲ କରିଥିଲା । ଆମ୍ବେରୀ ୱାରିଅର୍ ଭଲିବଲ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ୨୫ ତାରିଖରେ ସାମ୍ବାଦିକ ଅମୀୟ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ୍ ମ୍ୟାଚର ବିଜୟୀ ଦଳ ତିର୍ତ୍ତୋଲ ଟିମକୁ (କୁନମୁନ୍) ଓ ପ୍ରଫୁଲ ଦାସ ପୁରସ୍କାର ତଥା ଟ୍ରଫି ପ୍ରଦାନ କରିଥିଲେ । ରେଫରୀ ମାନସ ସୂତାର, ପ୍ରିତମ୍ ଦାସ ଓ ସାର୍ ଖେଳ ପରିଚାଳନା କରିଥିଲେ । ଆସୋସିଏସନ୍ ପକ୍ଷରୁ ଟିଟୁ ସାହାଣୀ, ରାଜା ସାହାଣୀ, କାଳିଆ ଦାସ, ସାଗର ଦାସ, ମୁନୁ ଦାସ, ମାନସ ଦାସ, ଆନନ୍ଦ ଦାସ, ଜିତୁ ଦାସ, ଗୋଲ ସାହୁଙ୍କ ସମେତ ଆସୋସିଏସନର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ଭୁବନେଶ୍ୱର ତମାଣ୍ଡୋ ଚମ୍ପିଅନ

ଆନନ୍ଦପୁର, ୨୭।୧(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଅଳତି ଡିଏନ ହାଇସ୍କୁଲ ମିନିଷ୍ଟାଡିୟମ ଠାରେ ସ୍ପୋର୍ଟସ କ୍ଲବ ପକ୍ଷରୁ ୩୨ ତମ ସର୍ବ ଭାରତୀୟ ଗୋଲୋ଼ନ କପ ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଆଦର୍ଶ କ୍ରିକେଟ ଏକାଡେମି ବାଲେଶ୍ୱରକୁ ହରାଇ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱର ଚଳିତ ବର୍ଷ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱର ପ୍ରଥମେ ଟସ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୭ ଓଭରରେ ୬ ୱିକେଟ ହରାଇ ୨୯୫ ନର ସଂଗ୍ରହ କରିଥିବା ଏହାର ଜବାବରେ ଆଦର୍ଶ ଏକାଡେମି ବାଲେଶ୍ୱର ୨୧.୪ ଓଭରେ ସମସ୍ତ ଉଇକେଟ ହରାଇ ମାତ୍ର ୧୬୫ ରନ କରିବାକୁ ସମର୍ଥ ହୋଇଥିଲା ।ଫଳରେ ତମାଣ୍ଡୋ ଭୁବନେଶ୍ୱର ଫାଇନାଲ ମ୍ୟାଚକୁ ୧୩୦ ରନ ବ୍ୟବଧାନରେ ଜିତି ଚାମ୍ପିଅନ ବିବେଚିତ ହୋଇଥିଲା । ସ୍ପୋର୍ଟସ କ୍ଲବର ସଭାପତି ଡଃ ରତିକାନ୍ତ ବରାଳଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏବଂ ସମ୍ମାନୀତ ଅତିଥି ଭାବେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ସଭାପତି ମହେଶ୍ୱର ସାହୁ, ମୂଖ୍ୟବକ୍ତା ଭାବେ ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ, ସିନେ ଅଭିନେତା ଜ୍ୟୋତି ,ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଜେତା ତମାଣ୍ଡୋ ଭୁବନେଶ୍ୱର ଟିମକୁ ଟ୍ରଫି ସହ ଏକଲକ୍ଷ ଟଙ୍କା ଏବଂ ଉପବିଜେତା ବାଲେଶ୍ୱର ଦଳକୁ ଟ୍ରଫି ସହ ନଗଦ ୬୦ହଜର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ ।ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱରର କ୍ଷମାସାଗର ବଳ ଏବଂ ବେଷ୍ଟ ସିକ୍ସର ଭାବେ ସିଦ୍ଧାନ୍ତ ଜେନାଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା । ଗ୍ରାମାଞ୍ଚଳରେ ଦୀର୍ଘ ୩୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଏଭଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଆସିଥିବାରୁ ଆୟୋଜକ ମାନଙ୍କ ଏଭଳି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । କ୍ରିଡାମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ପଡିଆକୁ ଏକ ଉନ୍ନତମାନ ଷ୍ଟାଡିୟମର ରୂପ ଦେବାକୁ ମନ୍ତ୍ରୀ ପ୍ରୟାସ କରିବେ ବୋଲି କହିଥିଲେ । ଖେଳ ପରିଚାଳନାରେ ଓସିଏ ପ୍ୟାନେଲ ଅମ୍ପାଆର ପ୍ରାଣନାଥ ଜେନା, ବିଜୟ କୁମାର ଜେନା ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ସବ୍ୟସାଚୀ ଦାସ ଏବଂ ଧାରା ବିବରଣୀରେ ଜ୍ଞାନରଂଜନ ପରିଡା, ସତ୍ୟପ୍ରକାଶ ବରାଳ, ତପନ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ । ମ୍ୟାଚ ପରିଚାଳନାରେ ସ୍ପୋର୍ଟସ କ୍ଲବ ଅଳତିର ମାର୍ଗ ଦର୍ଶକ ସଦାନନ୍ଦ ନାୟକ, ଇଂ ପ୍ରିୟବ୍ରତ ବରାଳ , ବରିଷ୍ଠ ସଦସ୍ୟ ପ୍ରଶନ୍ନ କୁମାର ନାୟକ, ଜିତେନ୍ଦ୍ର ଓଝା, ମନୋଜ ଓଝା, ଦିପକ କୁମାର ଭୂୟାଁ, ସତ୍ୟବ୍ରତ ରାଉଳ, କାହ୍ନା ମହାରଣା, ଦିପକ ଦାସ, ନିର୍ମଳ ନାୟକ, ସିପକ ଦାସ, ମାନସ ସେଠୀ, ବୈଲୋଚନ ସ୍ୱାଇଁ, ଜିତେନ୍ଦ୍ର ସାହୁ, ମୋତିଲାଲ ସେଠୀ, ଆଦିତ୍ୟ ନାୟକ, ପ୍ରିୟମ ନାୟକ, ସୋମ୍ୟରଂଜନ ରାଉତ, ଲିଙ୍ଗରାଜ ସ୍ୱାଇଁ, ମୁକେଶ ଭୂୟାଁ, ସମେତ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।

# ସୁନାଝିଅ ସୁବିଦିତା

ଭୁବନେଶ୍ୱର, ୨୭।୧(ସବ୍ୟୁ) : ପୁରୀରେ ଅନୁଷ୍ଠିତ ଦୁଇଦିନିଆ ଓଡିଶା ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପରେ ଚମକିଛନ୍ତି ୧୨ ବର୍ଷୀୟ ଝିଅ ସୁବିଦିତା ବାଗ୍ । ବିକ୍ରମ ବାଗ୍ ଓ ସସ୍ମିତା ବେଉରାଙ୍କ ଝିଅ ସୁବିଦିତା କଳିଙ୍ଗ ଷ୍ଟାଡିୟମ ସ୍ଥିତ ଜିମ୍ନାଷ୍ଟିକ ହାଇ ପରଫରମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି । ଓଡିଶା ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପ୍



ପ୍ରତିଯୋଗୀତାର ୧୩ ବର୍ଷରୁ କମ୍ ସବଜୁନିୟର ବର୍ଗରେ ସୁବିଦିତା ଉଚ୍ଚ କୋଟିର ପ୍ରଦର୍ଶନ ଦେଖାଇ ନିଜ ବୟସ ବର୍ଗରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେ ଅନ ଇଭିନ୍ ବାରରେ ସ୍ୱର୍ଣ୍ଣ ପଦକ ଏବଂ ଟେବୁଲ ଫଲ୍ଟରେ ରୌପ୍ୟ ପଦକ ହାସଲ କରି ଜିମ୍ନାଷ୍ଟିକ୍ କ୍ରୀଡାର ନୂଆ ସମ୍ଭାବନା ପାଲଟିଛନ୍ତି । ଏହି ସୁନା ଓ ରୂପା ପଦକ ସଫଳତା ପାଇଁ ସେ ସିଧାସଳଖ ଜାତୀୟ ଓପନ ସବଜୁନିୟର ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି । ୨୦୨୪ରେ କୋରାପୁଟର ଜୟପୁରରେ ଓଡିଶା ରାଜ୍ୟ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ସେ ଏହି ପ୍ରତିଯୋଗିତାର ଟେବଲ ଭଲ୍ଟରେ ରୌପ୍ୟ ପଦକ ଜିତି କୀର୍ତ୍ତିମାନର ଅଧିକାରୀ ହୋଇଥିଲେ । ଜିମ୍ନାଷ୍ଟିକ ଭଳି କଷ୍ଟସାଧ୍ୟ କ୍ରୀଡାରେ ଆଗକୁ ବଢିବାର ଅଦମ୍ୟ ଉତ୍ସାହ , କଠିନ ପରିଶ୍ରମ , ତ୍ୟାଗ, ଶୃଙ୍ଖଳା ଓ ଏକାଗ୍ରତା ସୁବିଦିତାଙ୍କୁ ଢେର ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ ।

## ପ୍ରଥମ ମହିଳା କଳିଙ୍ଗ ପ୍ରିମିୟର ଲିଗ୍

# ଫିନେକ୍ସ ଏକାଡେମୀ ଚାମ୍ପିଅନ

ଭୁବନେଶ୍ୱର, ୨୭।୧(ସବ୍ୟୁ) : ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ମହିଳା କଳିଙ୍ଗ ପ୍ରିଲିୟର ଲିଗରେ ଫିନେକ୍ସ ଏକାଡେମୀ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚ ଆଇରନ ରୋଜ ଓ ଫିନେକ୍ସ ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା । ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୫୬ ରନ କରିଥିଲା । ଜବାବରେ ଆଇରନ ରୋଜ ୯୩ ରନ କରିଥିଲା । ୬ଟି ମହିଳା ଦଳ ଏଥିରେ ଭାଗ ନେଇଥିଲେ । ମ୍ୟାଚ ଗୁଡିକ ୮ ଓଭର ବିଶିଷ୍ଟ ଥିଲା । ଅଭିନେତ୍ରୀ




ଭୂମିକା ଦାସ ଲିଗକୁ ଉଦଘାଟନ କରିଥିଲେ । ଫାଇନାଲରେ ଶିବାନୀ ପ୍ଲେୟାର ଅଫ ଦ ଟୁର୍ନାମେଣ୍ଟ ଓ ରୋଜାଲିନ ସିରିଜ ବିବେଚିତ ହୋଇଥିଲେ । ୧୪ ନଂ ୱାର୍ଡର କର୍ପୋରେଟର ମୋନାଲିସା ସାହୁ ଓ ସମାଜସେବୀ ମନେଜ ସାହୁ, କ୍ଲବ ସଭାପତି ଦେବ ପ୍ରସାଦ ଜେନା ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜଟଣୀକୁ ହରାଇ ପୁରୀ ପାୟୋନିୟର୍ସ ଚାମ୍ପିଅନ

ସାକ୍ଷୀଗୋପାଳ, ୨୭।୧(ସବ୍ୟୁ) : ପଞ୍ଚସଖା ମେମୋରିଆଲ କ୍ଲବ, ସାକ୍ଷୀଗୋପାଳ ତରଫରୁ ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସରେ ଜଟଣୀ କ୍ରିକେଟ ଆସୋସିଏସନ ଓ ପୁରୀ ପାୟୋନିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ପୁରୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ବିଶାଳ ରଞ୍ଜନ ଜେନାଙ୍କର ୭୯, ଦେବାଶିଷ ଦାସ ୫୦ ଓ ମୟଙ୍କ ପଟ୍ଟନାୟକଙ୍କ ୪୬ ରନ ସହାୟତାରେ ୭ ଉଇକେଟ ବିନିମୟରେ ୨୬୧ ରନ ସଂଗ୍ରହ କରିଥିଲେ । ଜବାବରେ ଜଟଣୀ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୨୩୦ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ । ପୁରୀ ପାୟୋନିୟର୍ସ ଦଳ ୩୧ ରନରେ ବିଜୟ ହାସଲ କରି ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ମେମୋରିଆଲ କପ ହାସଲ କରିଥିଲେ । ଆଜିର ମ୍ୟାଚକୁ ଦେବ ମିଶ୍ର ଓ ସତ୍ୟ ସାଗର ଦାଶ ପରିଚାଳନା କରିଥିଲେ। ଖେଳ ଶେଷରେ ପୁରୀ ଏକାଦଶର ମହେଶ ପ୍ରଧାନଙ୍କୁ ତାଙ୍କର ଆକର୍ଷଣୀୟ ବୋଲିଂ (୫-୩୨-୪) ପ୍ରଦର୍ଶନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ଓ ସେଇ ପୁରୀ ପାୟୋନିୟର୍ସ କ୍ଲବର ବ୍ୟାଟ୍ସମ୍ୟାନ ମୟଙ୍କ ପଟ୍ଟନାୟକ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପାଇଥିଲେ ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩[illegible]୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପ୍

# ଭୁବନେଶ୍ୱର ପ୍ରତିଯୋଗୀଙ୍କୁ ୬ ପଦକ

ଭୁବନେଶ୍ୱର, ୨୭।୧(ସବ୍ୟୁ) : ଚଳିତ ମାସ ୨୪ ଓ ୨୫ ତାରିଖରେ ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ ଚମ୍ପିୟାନସିପ ୨୦୨୬ ରେ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ୨୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ୧ଟି ସ୍ୱର୍ଣ୍ଣ, ୧ଟି ରୋପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ଜିତିଛନ୍ତି ଭୁବନେଶ୍ୱର ପ୍ରତିଯୋଗୀ । ସିନିୟର ମହିଳାରେ ଜେଏମ ରିତିକା ଦାସ ଭଲ୍ଟିଂ ଟେବଲରେ ବ୍ରୋଞ୍ଜ ପଦକ, ଜୁନିଅର ମହିଳାରେ ସରନ୍ୟା ମିଶ୍ର ଫ୍ଲୋର ଏକ୍ସରସାଇଜ ଓ ବାଲାସିଂ ବିମରେ ୨ ଟି ବ୍ରୋଞ୍ଜ ପଦକ , ୧୦ ବର୍ଷରୁ କମ ବାଳିକା ବର୍ଗରେ ଦିବ୍ୟାଞ୍ଜଳୀ ମହନ୍ତ ଫ୍ଲୋର ଏକ୍ସରସାଇଜରେ ସ୍ୱର୍ଣ୍ଣ ଓ ବାଲାସିଂ ବିମରେ ରୋପ୍ୟ ପଦକ ହାସଲ କରିଛନ୍ତି । ୧୦ ବର୍ଷରୁ କମ ବାଳକ ବର୍ଗରେ ଭାସ୍କର ଭବିକ ବେଉରା



ଭଲ୍ଟିଂ ଟେବଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସଭାପତି ସୁରେଶ କୁମାର ରାଉତରାୟ, ସଂପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ରାଧାନାଥ ମହାପାତ୍ର ଓ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଯଶୋବନ୍ତ ଦାସ ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଜାତୀୟ ବିଦ୍ୟାଳୟ ସ୍ତରୀୟ କୁସ୍ତି

# ଦିଲ୍ଲୀ ଗଲେ ଜୁନିଅର ପ୍ରତିଯୋଗୀ



ଜଟଣୀ :- ଦିଲ୍ଲୀ ମହାନଗରୀର ତ୍ୟାଗରାଜ ଷ୍ଟଡିଅମ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୧୪ ବର୍ଷ ରୁ କମ ବିଦ୍ୟାଳୟ ସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶା କୁସ୍ତି ଦଳ ମଙ୍ଗଳବାର ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନରୁ ଉତ୍କଳ ଏକ୍ସପ୍ରେସ ଟ୍ରେନ ଯୋଗେ ଗସ୍ତ କରିଛନ୍ତି। ଆସନ୍ତା ତା ୩୦-୧-୨୦୨୬ ଠାରୁ ତା ୩-୨-୨୦୨୬ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଯୋଗିତରେ ଭାଗ ନେବାପାଇଁ ଓଡ଼ିଶାରୁ ଉଭୟ ବାଳକ ୮ ଜଣ ଓ ବାଳିକା ୮ ଜଣ ସମୁଦାୟ ୧୬ ଜଣ ପ୍ରତିଯୋଗୀ ଗସ୍ତ କରିଛନ୍ତି। ଗସ୍ତ ପୂର୍ବରୁ ଏକ ସପ୍ତାହ ଧରି ଜଟଣୀ ପୌରପରିଷଦ ଅନ୍ତର୍ଗତ ବାଛରା ଗ୍ରାମର ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ ଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶା ଙ୍କ ଦ୍ଵାରା ମନୋନୀତ ହୋଇ ୟୁ.ଜି.ବି.ମ.ସିଂହ ବ୍ରହ୍ମପୁର ବିଦ୍ୟାଳୟର କ୍ରୀଡା ଶିକ୍ଷକ ପୁରଷ୍ତମ ମୁଦୁଲି ଟିମ୍ ମ୍ୟାନେଜର ବାଳିକା କୋଚ୍ ସସ୍ମିତା ସାହୁ ଏବଂ ବାଳକ ବିଭାଗର ମ୍ୟାନେଜର ପ୍ରେମାନନ୍ଦ ବରାଳ( ଜଟଣୀ ) ଓ କୋଚ୍ ରାମକୃଷ୍ଣ ବେହେରା ୟୁ.ଜି.ଏଚ. ସ.ପାଞ୍ଚମା ର କ୍ରୀଡା ଶିକ୍ଷକଙ୍କ ନେତୃତ୍ୱ ରେ ଟିମ୍ ଯାଇଥିବା ବେଳେ ଫୁଲମଣି ମୁର୍ମୁ, ଜ୍ୟୋତି ପ୍ରସାଦ ପରିଡା ସହଯୋଗୀ କ୍ରୀଡା ନିର୍ଦ୍ଦେଶକ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ସଫଳ ହେବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/
store/app/details/
id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି